

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୨୯ ଅକ୍ଟୋବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ ସଂଖ୍ୟା-୮ ■ Baleshwar ♦ THURSDAY 29 October 2026

Vol.No. 36 ■ No.282 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଛି ପୂଜାସଂଖ୍ୟା ସାଗରିକା

ଡିଜିଟାଲ ଫର୍ମାଟରେ ମଧ୍ୟ ଉପଲବ୍ଧ...



ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net

ଆନ୍ଧ୍ରରେ ଅର୍ଣ୍ଣବର ତାଣ୍ଡବ: ୧୫୦ କିମି ପବନରେ ଉଜୁଡ଼ିଲା ଜନଜୀବନ

ନୂଆଦିଲ୍ଲୀ,୨୮/୧୦ : ଘୂର୍ଣ୍ଣିଝଡ଼ ‘ଅର୍ଣ୍ଣବ’ ଆଜି ସକାଳେ ରାଜ୍ୟର ୟାନମ୍-କାକିନାଡ଼ା ଅଞ୍ଚଳ ନିକଟରେ ସ୍ଥଳଭାଗକୁ ପ୍ରବେଶ କରିବା ଆରମ୍ଭ କରିଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି) ଅନୁଯାୟୀ, ଘୂର୍ଣ୍ଣିଝଡ଼ର ସ୍ଥଳଭାଗ ପ୍ରବେଶ ପ୍ରକ୍ରିୟା ପ୍ରାୟ ତିନି ଘଣ୍ଟା ଧରି ଚାଲିବ। ଏହି ଝଡ଼ ବାପଟଲା ଓ ବିଶାଖାପାଟଣା ମଧ୍ୟରେ ୟାନମ୍ର ଦକ୍ଷିଣ ଦିଗରେ ଉପକୂଳ ଅତିକ୍ରମ କରୁଛି। ପବନର ବେଗ ଘଣ୍ଟାପ୍ରତି ୧୨୫ରୁ ୧୩୫ କିଲୋମିଟର ରହିଥିବାବେଳେ ପବନର ଝଟକା ଘଣ୍ଟାପ୍ରତି ୧୫୦ କିଲୋମିଟର ପର୍ଯ୍ୟନ୍ତ ପହଞ୍ଚୁଛି। ପବନର ଅତ୍ୟଧିକ ବେଗ ଯୋଗୁଁ ପୂର୍ବ ଆକଳନ ତୁଳନାରେ ଘୂର୍ଣ୍ଣିଝଡ଼ ଶୀଘ୍ର



ସ୍ଥଳଭାଗକୁ ପ୍ରବେଶ କରିଛି। ଆନ୍ଧ୍ରପ୍ରଦେଶର ଉତ୍ତର ଜିଲ୍ଲାଗୁଡ଼ିକରେ ଅତି ପ୍ରବଳ ବର୍ଷା ହେଉଛି। ବିଶାଖାପାଟଣାରେ ଜଳବନ୍ଦୀ ସମସ୍ୟା, ଗଛ ଉପୁଡ଼ି ପଡ଼ିବା ଏବଂ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହେବା ଭଳି ଖବର ମିଳିଛି। ସ୍କୁଲଗୁଡ଼ିକୁ ବନ୍ଦ କରିଦିଆଯାଇଛି। ଅନେକ ଟ୍ରେନ୍ ଓ ବିମାନ ଚଳାଚଳ ବାତିଲ କରାଯାଇଛି। ଇଣ୍ଡିଗୋ ଓ ଏୟାର ଇଣ୍ଡିଆ ପକ୍ଷରୁ ବିଜୟୱାଡ଼ା ଏବଂ ବିଶାଖାପାଟଣାକୁ ଯାଉଥିବା ବିମାନ ସେବା ପ୍ରଭାବିତ ହେବା ନେଇ ସତର୍କ କରାଯାଇଛି। ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ କହିଛନ୍ତି ଯେ ରାଜ୍ୟରେ ହଜାର ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ୮୪ ହଜାରରୁ ଅଧିକ ଲୋକଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନରେ ପହଞ୍ଚାଯାଇଛି। ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ନଯିବା ପାଇଁ ଅପିଲ୍ କରାଯାଇଛି। ନାଇଡୁ କହିଛନ୍ତି ଯେ ରାଜ୍ୟରେ ୨,୧୯୯ଟି ଘୂର୍ଣ୍ଣିଝଡ଼ ଆଶ୍ରୟସ୍ଥଳୀ ଚିହ୍ନଟ କରାଯାଇଛି ଏବଂ ଲୋକଙ୍କୁ ସ୍ଥାନାନ୍ତର କରିବା ପାଇଁ ଯୋଜନା ପ୍ରସ୍ତୁତ ରହିଛି। ୨,୩୬୦ ଜଣ ଗର୍ଭବତୀ ମହିଳାଙ୍କୁ ଚିକିତ୍ସା ସୁବିଧା ଥିବା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ସେ କହିଛନ୍ତି ଯେ ୧୨ଟି ଏନ୍ଡିଆର୍ଏଫ୍ ଏବଂ ୧୦ଟି ଏସ୍ଡିଆର୍ଏଫ୍ ଟିମ୍ ମୁତୟନ କରାଯାଇଛି। ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ନଯିବାକୁ ପୁଣିଥରେ ଅନୁରୋଧ କରାଯାଇଛି।

◆◆ପୃଷ୍ଠା ୭

ଆସନ୍ତା ୨୪ ଘଣ୍ଟା ପାଇଁ ଦକ୍ଷିଣ ଓଡ଼ିଶାରେ ରେଡ୍ ଆଲର୍ଟ

■ଖୋର୍ଦ୍ଧା ଓ ପୁରୀ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି

■ବାତ୍ୟା ସ୍ଥିତି ଓ କ୍ଷୟକ୍ଷତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

■ପ୍ରଭାବିତ ଅଂଚଳରେ ଓଡ୍ରାଫ୍‌ର ବ୍ୟାପକ ଉଦ୍ଧାର

■୧୪ଟି ଜିଲ୍ଲାରେ ୨୦ଟି ଓଡ୍ରାଫ୍ ୟୁନିଟ ମୁତୟନ

ଭୁବନେଶ୍ୱର, ୨୮/୧୦ (ନି.ପ୍ର): ଶେଷ ହେଲା ଲ୍ୟାଣ୍ଡଫଲ ପ୍ରକ୍ରିୟା। ବାତ୍ୟା ଅର୍ଣ୍ଣବ ସମ୍ପୂର୍ଣ୍ଣ ସ୍ଥଳଭାଗକୁ ପ୍ରବେଶ କରିଛି। ଏହା ପରେ ଅତି ଭୀଷଣ ବାତ୍ୟା ଦୁର୍ବଳ ହୋଇ ଭୀଷଣ ବାତ୍ୟା ରେ ପରିଣତ ହୋଇଛି । ଆସନ୍ତା ୪୮ ଘଣ୍ଟାରେ ଏହା ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରିବା ସହ ଧୀରେ ଧୀରେ ଦୁର୍ବଳ ହେବ। ପରବର୍ତ୍ତୀ ୬ ଘଣ୍ଟାରେ ବାତ୍ୟା ଏବଂ ତା'ପର ୬ ଘଣ୍ଟାରେ ଗଭୀର ଅବପାତରେ ପରିଣତ ହେବ ବୋଲି ଏନେଇ ସୂଚନା ଦେଇଛନ୍ତି ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି। ଆଜି ସନ୍ଧ୍ୟା



ବେଳକୁ ଭୀଷଣ ବାତ୍ୟା ମାଲକାନଗିରି ଦେଇ ଛତିଶଗଡ଼ ଆଡ଼କୁ ମୁହାଁଇବ। ମାଲକାନଗିରି କ୍ରସ ବେଳେ ଏହା ଅପାତରେ ରହିବ । ଏହା ପ୍ରଭାବରେ ଦକ୍ଷିଣ ଓଡିଶାରେ ପ୍ରବଳ ବର୍ଷା ଓ ପବନକୁ ନେଇ ଆସନ୍ତା ୨୪ ଘଣ୍ଟା ପାଇଁ ରେଡ୍ ଆଲର୍ଟ ଜାରି ହୋଇଛି। କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡା, ଗଂଜାମ, ଗଜପତି ଠାରେ ପବନ ର ବେଗ ୬୦ ରୁ ୮୦ କିଲୋମିଟର ଓ

◆◆ପୃଷ୍ଠା ୭

ନଭେମ୍ବର ୧୮ରୁ ବିଧାନସଭାର ଶୀତ ଅଧିବେଶନ

◆ପ୍ରଥମ ଦିନରେ ଆସିବ ଅତିରିକ୍ତ ବଜେଟ୍

◆ଡିସେମ୍ବର ୩୧ଯାଏ ଚାଲିବ ଗୃହ

ଭୁବନେଶ୍ୱର, ୨୮/୧୦ (ନି.ପ୍ର): ବିଧାନସଭାର ଶୀତକାଳୀନ ଅଧିବେଶନ ଆସନ୍ତା ନଭେମ୍ବର ୧୮ତାରିଖରୁ ଆରମ୍ଭ ହେବ। ଡିସେମ୍ବର ୩୧ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ୩୧ଟି କାର୍ଯ୍ୟଦିବସ ରହିଛି। ଅଧିବେଶନର ପ୍ରଥମଦିନରେ ରାଜ୍ୟ ସରକାର ୨୦୨୬-୨୭ ଆର୍ଥିକ ବର୍ଷର ଅତିରିକ୍ତ ବଜେଟ୍ ଉପସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। ବିଧାନସଭା ସଚିବାଳୟ ପକ୍ଷରୁ ଜାରି କାର୍ଯ୍ୟସୂଚୀ ଅନୁସାରେ, ସପ୍ତଦଶ ଓଡ଼ିଶା ବିଧାନସଭାର ଅଷ୍ଟମ ଅଧିବେଶନ ଆସନ୍ତା ନଭେମ୍ବର ୧୮ ତାରିଖ



ବୁଧବାରଠାରୁ ୪୪ ଦିନ ଅର୍ଥାତ୍ ଡିସେମ୍ବର ୩୧ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବଧି ମଧ୍ୟରେ ମୋଟ ୩୧ଟି କାର୍ଯ୍ୟଦିବସ ରହିଛି। ବିଜ୍ଞପ୍ତି ଅନୁସାରେ, ଅଧିବେଶନର ପ୍ରଥମ ଦିନ ଅର୍ଥାତ୍ ନଭେମ୍ବର ୧୮ତାରିଖରେ ୨୦୨୬-୨୦୨୭ ଆର୍ଥିକ ବର୍ଷ ପାଇଁ ପ୍ରଥମ ଅତିରିକ୍ତ ଖର୍ଚ୍ଚ ବିବରଣୀ(ବଜେଟ) ଉପସ୍ଥାପନ କରାଯିବ। ଏହାପରେ ନଭେମ୍ବର ୨୫,୨୬ ଓ ୨୭ ତାରିଖ ତିନି ଦିନ ଧରି ଅତିରିକ୍ତ ଖର୍ଚ୍ଚ ବିବରଣୀ ଦାବି ଉପରେ ଆଲୋଚନା ହେବ।

◆◆ପୃଷ୍ଠା ୭

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଯାଜପୁର ସରକାରୀ ପଲିଟେକ୍‌ନିକ୍‌ରେ ୩ ଅଧ୍ୟାପକ, ଅଧ୍ୟାପିକା ନିଲମ୍ବିତ

ଭୁବନେଶ୍ୱର, ୨୮/୧୦ (ନି.ପ୍ର): ବିଶୃଙ୍ଖଳିତ ଆଚରଣ ପାଇଁ ଯାଜପୁର ସରକାରୀ ପଲିଟେକ୍‌ନିକ୍‌ରେ କାର୍ଯ୍ୟରତ ତିନି ଜଣ ଅଧ୍ୟାପକ, ଅଧ୍ୟାପିକାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ନିଲମ୍ବନ କରାଯାଇଛି । ସେମାନେ ହେଉଛନ୍ତି ବରିଷ୍ଠ ଅଧ୍ୟାପକ ନୃସିଂହ ଚରଣ ବେହେରା, ଅଧ୍ୟାପକ ସନ୍ଦୀପ ମହାପାତ୍ର ଏବଂ ଅଧ୍ୟାପିକା ପି. ଆରାଧନା । ଅଭିଯୋଗ ଅନୁଯାୟୀ, କିଛି ଦିନ ତଳେ ଏକ ବୈଠକରେ ଏବଂ ତା' ପରବର୍ତ୍ତୀ



ସମୟରେ ଏହି ଅଧ୍ୟାପକ ଓ ଅଧ୍ୟାପିକାମାନେ ନିଜ ନିଜ ଭିତରେ ଯୁକ୍ତିତର୍କ, ମାରପିଟ ଏବଂ ଅନ୍ୟାନ୍ୟ ମର୍ଯ୍ୟାଦାହୀନ କାର୍ଯ୍ୟରେ ସଂପୃକ୍ତ ହୋଇଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ରିଲିଜ୍‌ରେ କୁହାଯାଇଛି ଯେ, ଅଧ୍ୟାପନା ଭଳି ଏକ ମର୍ଯ୍ୟାଦାଜନକ ବୃତ୍ତିରେ ଥାଇ ମଧ୍ୟ ବୈଠକରେ ଏବଂ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଏଭଳି ମର୍ଯ୍ୟାଦାବିହୀନ କାର୍ଯ୍ୟରେ ଜଡ଼ିତ ହେବା ଦ୍ୱାରା ସେମାନେ ଶିକ୍ଷାନୁଷ୍ଠାନର ଭାବମୂର୍ତ୍ତି ଉପରେ ଆଞ୍ଚ ଆଣିବା ସହିତ ସମଗ୍ର ଅନୁଷ୍ଠାନର ଶୈକ୍ଷିକ ପରିବେଶ ଉପରେ ଗୁରୁତର ପ୍ରତିକୂଳ ପ୍ରଭାବ ପକାଇଛନ୍ତି । ସେଥିପାଇଁ ମୁଖ୍ୟମନ୍ତ୍ରୀ ଏହି ତିନି ଜଣ ଅଧ୍ୟାପକଙ୍କୁ ନିଲମ୍ବିତ କରିବା ସହିତ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

◆◆ପୃଷ୍ଠା ୭

ଯୁକ୍ତ ୩ ନାମଲେଖା ଫି ଫେରସ୍ତ

ଭୁବନେଶ୍ୱର, ୨୮/୧୦ (ନି.ପ୍ର): ଯୁକ୍ତ ତିନି (+୩) ପ୍ରଥମ ପର୍ଯ୍ୟାୟ ନାମଲେଖା ସମୟରେ ଦାଖଲ କରାଯାଇଥିବା ନାମଲେଖା ଫି' ଛାତ୍ରଛାତ୍ରୀମାନଙ୍କ ବ୍ୟାଙ୍କ ଆକାଉଂଟକୁ ଫେରସ୍ତ କରାଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏକ୍ସ ମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ କହିଛନ୍ତି ଯେ ନିଜ ବ୍ୟାଙ୍କ ଆକାଉଂଟ ଯାଂଚ କରନ୍ତୁ: କମନ୍ ଆପ୍ଲିକେସନ୍ ଫର୍ମରେ ଆପଣଙ୍କ ଦ୍ୱାରା ଦିଆଯାଇଥିବା ବ୍ୟାଙ୍କ ଆକାଉଂଟରେ ଟଙ୍କା ଜମା ହୋଇଛି କି ନାହିଁ ଦୟାକରି ଯାଂଚ କରନ୍ତୁ। ଯଦି ଟଙ୍କା ଫେରସ୍ତ ପାଇନାହାନ୍ତି: ତ୍ରୁଟିପୂର୍ଣ୍ଣ ବ୍ୟାଙ୍କ ଖାତା ବିବରଣୀ କିମ୍ବା ଟ୍ରାଞ୍ଜାକସନ ଫେଲ୍ ଯୋଗୁଁ ଯଦି ଆପଣଙ୍କ ଖାତାରେ ଫେରସ୍ତ ଟଙ୍କା ଜମା ହୋଇନଥାଏ, ତେବେ ସଠିକ୍ ବିବରଣୀ ପ୍ରଦାନ କରିବା ଏବଂ ଫେରସ୍ତ ପ୍ରକ୍ରିୟାକୁ ସହଜ କରିବା ପାଇଁ ସାମସ୍ ଷ୍ଟୁଡେଂଟ ଲଗ୍ ଇନ୍ ରେ ଶୀଘ୍ର ଏକ ସ୍ୱତନ୍ତ୍ର ଲିଙ୍କ୍ ଉପଲବ୍ଧ ହେବ।

ନଭେମ୍ବର ୧ରୁ ଆସୁଛି ନୂଆ ଟୋଲ୍ ପାସ୍: ମାତ୍ର ୧୫୦୦ ଟଙ୍କାରେ ବର୍ଷକ ପାଇଁ ଯାତ୍ରା

ନୂଆଦିଲ୍ଲୀ,୨୮/୧୦ : ଜାତୀୟ ରାଜପଥରେ ବାରମ୍ବାର ଯାତାୟାତ କରୁଥିବା ଗାଡ଼ି ମାଲିକଙ୍କ ପାଇଁ ଆସୁଛି ଏକ ନୂଆ ସୁବିଧା । ଟୋଲ୍ ଖର୍ଚ୍ଚ କମାଇବା ପାଇଁ ସରକାର ଆଣିବାକୁ ଯାଉଛନ୍ତି ରିହାତି ମୂଲ୍ୟର ଲୋକାଲ୍ ଟୋଲ୍ ପାସ୍ । ୨୦୨୬ ନଭେମ୍ବର ୧ରୁ ଏହି ପାସ୍ ଉପଲବ୍ଧ ହେବ । ଏହାର ମୂଲ୍ୟ ୧୫୦୦ ଟଙ୍କା ରହିଥିବା ବେଳେ କିଛି ନିର୍ଦ୍ଦିଷ୍ଟ ସର୍ତ୍ତ ପୂରଣ କରୁଥିବା ଅଣ-ବାଣିଜ୍ୟିକ ଗାଡ଼ି ମାଲିକ ଏହାର ଲାଭ ପାଇପାରିବେ । ଏହି ନୂଆ ପାସ୍‌ର ସବୁଠାରୁ ବଡ଼ ସର୍ତ୍ତ ହେଉଛି, ସମ୍ପୃକ୍ତ ଜାତୀୟ ରାଜପଥ ଟୋଲ୍ ପ୍ଲାଜାର ୨୦ କିଲୋମିଟର ପରିଧି ମଧ୍ୟରେ ରହୁଥିବା ଗାଡ଼ି ମାଲିକ ଏହାର ସୁବିଧା ପାଇବେ । ତେବେ ପୌରପାଳିକା କିମ୍ବା ସହର ସୀମା ବାହାରେ ଥିବା ଟୋଲ୍ ପ୍ଲାଜା ପାଇଁ ଏହି ପାସ୍‌ର ମୂଲ୍ୟ ୧୫୦୦ ଟଙ୍କା ରହିବ । ଅନ୍ୟପଟେ, ପୌରପାଳିକା କିମ୍ବା ସ୍ଥାନୀୟ ସହର ସୀମା ମଧ୍ୟରେ ଥିବା ଟୋଲ୍ ପ୍ଲାଜା ପାଇଁ

◆◆ପୃଷ୍ଠା ୭

ଦୀପାବଳିରେ କେନ୍ଦ୍ରୀୟ କର୍ମଚାରୀଙ୍କୁ ବଡ଼ ଭେଟି: ୩% ବଢ଼ିଲା ମହଙ୍ଗା ଭତ୍ତା



ନୂଆଦିଲ୍ଲୀ,୨୮/୧୦ : ଦୀପାବଳି ପୂର୍ବରୁ କେନ୍ଦ୍ରୀୟ କର୍ମଚାରୀ ଓ ପେନସନଭୋଗୀଙ୍କ ପାଇଁ ବଡ଼ ଖୁସି ଖବର। ମହଙ୍ଗା ଭତ୍ତା (ଡିଏ) ବୃଦ୍ଧିକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। ଏହି ନିଷ୍ପତ୍ତି ଦ୍ୱାରା ଲକ୍ଷ ଲକ୍ଷ କର୍ମଚାରୀ ଓ ପେନସନଭୋଗୀ ଉପକୃତ ହେବେ। ପର୍ବପର୍ବାଣୀ ସମୟରେ ସରକାରଙ୍କ ଏହି ଘୋଷଣା ସେମାନଙ୍କ ପାଇଁ ଆର୍ଥିକ ଆଶ୍ୱସ୍ତି ଆଣିବ। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କ୍ୟାବିନେଟ୍‌ର ନିଷ୍ପତ୍ତି ବିଷୟରେ ସୂଚନା ଦେଇ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୪୮ ଲକ୍ଷ କେନ୍ଦ୍ରୀୟ କର୍ମଚାରୀ ଓ ୬୮ ଲକ୍ଷରୁ ଅଧିକ ପେନସନ ଭୋଗୀଙ୍କୁ ଏହି ଦୀପାବଳି ଭେଟି ଦେଇଛନ୍ତି। ଏହା ସହ ମ୍ୟାନୁଫାକ୍ଚରିଂ କ୍ଷେତ୍ରର ପ୍ରୋତ୍ସାହନ ପାଇଁ ୧୦ ହଜାର କୋଟି ଟଙ୍କା, କ୍ରୀଡ଼ା ସାମଗ୍ରୀ ଉତ୍ପାଦନ ପାଇଁ ୧୮୦୦ କୋଟି ଟଙ୍କା ଏବଂ ଗ୍ରାମ ବିକାଶ ଯୋଜନା ପାଇଁ ପ୍ରାୟ ୭୪୦୦ କୋଟି ଟଙ୍କା ସମେତ ଅନ୍ୟାନ୍ୟ ନିଷ୍ପତ୍ତି ମଧ୍ୟ ନିଆଯାଇଛି। କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ୩ ପ୍ରତିଶତ ବୃଦ୍ଧିକୁ ମଞ୍ଜୁରୀ ମିଳିଛି। ଏହା ଫଳରେ ଡିଏ ୬୦ ପ୍ରତିଶତରୁ

◆◆ପୃଷ୍ଠା ୭

ସ୍ପେନରେ ଭୟଙ୍କର ଟ୍ରେନ୍ ଦୁର୍ଘଟଣା: ୩୯ ମୃତ, ଅନେକ ଗୁରୁତର

ନୂଆଦିଲ୍ଲୀ,୨୮/୧୦ : ସ୍ପେନରେ ଘଟିଛି ଭୟଙ୍କର ରେଳ ଦୁର୍ଘଟଣା। ଦୁଇଟି ଦ୍ରୁତଗାମୀ ଟ୍ରେନ୍ ମଧ୍ୟରେ ଧକ୍କା ହେବା ଫଳରେ ୩୯ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ବହୁ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଏହି ଦୁର୍ଘଟଣା ପରେ ସମ୍ପୃକ୍ତ ରେଳପଥରେ ଟ୍ରେନ୍ ଚଳାଚଳ ବନ୍ଦ ରଖାଯାଇଛି। ଘଟଣାସ୍ଥଳରେ ଉଦ୍ଧାରକାରୀ ଦଳ ପହଞ୍ଚି ଆହତଙ୍କୁ ଉଦ୍ଧାର କରିବା ସହ ଚିକିତ୍ସା ବ୍ୟବସ୍ଥା କରିଛନ୍ତି। ସୂଚନା ଅନୁଯାୟୀ, ବୁଧବାର ସ୍ଥାନୀୟ ସମୟ ସକାଳ ପ୍ରାୟ ୯ଟାରେ ଟୋଲେଡୋ ପ୍ରଦେଶର ମୋରା ଏବଂ ଓର୍ଗାଜ୍ ସହର ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ମାଦ୍ରିଦ୍‌ରୁ ସେଭିଲ୍ ଯାଉଥିବା ରେନଫେ ଏବଂ ଇରିଓ



କଞ୍ଚାନୀର ଦୁଇଟି ହାଇସ୍ପିଡ୍ ଟ୍ରେନ୍ ମଧ୍ୟରେ ଧକ୍କା ହୋଇଥିଲା। ଏହାର ପ୍ରଭାବରେ ଇରିଓ ଟ୍ରେନ୍‌ର ଦୁଇଟି ବଗି ଲାଇନଚ୍ୟୁତ ହୋଇଯାଇଥିଲା। ଦୁର୍ଘଟଣା ପରେ ରେଳ ଚଳାଚଳ ସଂସ୍ଥା ଆଡିଫ୍ ପକ୍ଷରୁ ଉକ୍ତ ରୁଟ୍‌ରେ ସମସ୍ତ ଟ୍ରେନ୍ ଚଳାଚଳ ସ୍ଥଗିତ ରଖାଯାଇଥିବା ସୂଚନା ଦିଆଯାଇଛି। ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଆହତ ଯାତ୍ରୀଙ୍କୁ ଆଶ୍ରୟ ଓ ଚିକିତ୍ସା ଯୋଗାଇବା ପାଇଁ ଉର୍ଡା ସହରର ଏକ ଇନଡୋର୍ ଷ୍ଟାଡିୟମ୍‌କୁ ଜରୁରୀକାଳୀନ କେନ୍ଦ୍ରରେ ପରିଣତ କରାଯାଇଛି। ଦୁର୍ଘଟଣାର ଖବର ପାଇ ସ୍ପେନ୍‌ର ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାର ଓ ଆହତଙ୍କ ପ୍ରତି ସେ ସମବେଦନା ଜଣାଇବା ସହ ନିଜର ସମସ୍ତ ପୂର୍ବନିର୍ଦ୍ଧାରିତ କାର୍ଯ୍ୟକ୍ରମ ବାତିଲ କରିଛନ୍ତି। ସେହିପରି ବିରୋଧୀ ପୀପୁଲ୍ସ ପାର୍ଟି ମଧ୍ୟ ନିଜର ନିର୍ବାଚନୀ କାର୍ଯ୍ୟକ୍ରମ ସ୍ଥଗିତ ରଖିଛି। ଅନ୍ୟପଟେ, ମାତ୍ର ୯ ମାସ ପୂର୍ବରୁ ଜାନୁଆରୀ ମାସରେ ଆଦାମୁଜ୍ ନିକଟରେ ଘଟିଥିବା ଏକ ଭୟଙ୍କର ରେଳ ଦୁର୍ଘଟଣାରେ ୪୬ ଜଣଙ୍କ ଜୀବନ ଯାଇଥିଲା। ପୁଣି ସମାନ ରେଳପଥରେ ଏଭଳି ଦୁର୍ଘଟଣା ଘଟିବା ପରେ ଦେଶର ରେଳ ସୁରକ୍ଷା ବ୍ୟବସ୍ଥା ଓ ଭିତ୍ତିଭୂମିକୁ ନେଇ ଗମ୍ଭୀର ପ୍ରଶ୍ନ ଉଠିଛି। ତେବେ ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ତଦନ୍ତ ଓ ଉଦ୍ଧାର କାର୍ଯ୍ୟ ଉପରେ ଏବେ ସମସ୍ତଙ୍କ ନଜର ରହିଛି।

ରାଷ୍ଟ୍ରପତିଙ୍କ ପାଖରେ କୋଟିଆ ବିବାଦ: ହସ୍ତକ୍ଷେପ କଲା ରାଷ୍ଟ୍ରପତିଙ୍କ ସଚିବାଳୟ

ଭୁବନେଶ୍ୱର, ୨୮/୧୦ (ନି.ପ୍ର): କୋଟିଆରେ ଆନ୍ଧ୍ର ପଞ୍ଚାୟତ ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ କରିବା ପରେ ଏହାକୁ ନେଇ ବିବାଦ ବଢିବାରେ ଲାଗିଛି। କୋଟିଆ ସୀମରେ ଚେକ ପୋଷ୍ଟ କରି ଯାଂଚ କରୁଛି ଓଡ଼ିଶା ପୁଲିସ। ଏହାରି ଭିତରେ ରାଷ୍ଟ୍ରପତିଙ୍କ ପାଖରେ ପହଂଚିଛି ବିବାଦ । ସେପଟେ କିଛି ଲୋକଙ୍କ ଦୁଇ ରାଜ୍ୟରେ ଭୋଟର ତାଲିକାରେ ନାଁ ଥିବାକୁ ନେଇ ପ୍ରଶ୍ନ ଉଠାଇଛି ବିଜେଡି। କୋଟିଆକୁ ନେଇ ପଡ଼ୋଶି ଆନ୍ଧ୍ର ସହ ବିବାଦ ବଢିବାରେ ଲାଗିଛି। ଆଉ ୫ ଦିନ ପରେ ଅର୍ଥାତ୍ ନଭେମ୍ବର ୩ ତାରିଖରେ କୋଟିଆରେ ତିନିଟି ଗାଁରେ ନିର୍ବାଚନ କରିବ ଆନ୍ଧ୍ର। ଯାହାକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିଛି। ଏହାରି ଭିତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟରେ ପହଞ୍ଚିଛି ବିବାଦ। ଏଥିରେ ହସ୍ତକ୍ଷେପ କରିଛି ରାଷ୍ଟ୍ରପତିଙ୍କ ସଚିବାଳୟ । ଜୟପୁରର ମାନବାଧିକାର କର୍ମୀ ଅନୁପ କୁମାର ପାତ୍ରଙ୍କ ଆବେଦନକୁ ଗ୍ରହଣ କରି କେନ୍ଦ୍ର ଗୃହ ମନ୍ତ୍ରାଳୟକୁ ରିପୋର୍ଟ ମାଗିଛନ୍ତି

◆◆ପୃଷ୍ଠା ୭

ବାଲେଶ୍ୱରରେ ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ପାଇଁ ସାଧୁତାର ଶପଥ ପାଠ ଅନୁଷ୍ଠିତ



ବାଲେଶ୍ୱର,୨୮/୧୦ (ନି.ପ୍ର): ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଅଡିଟୋରିଅମ ହଲ୍ ଠାରେ ଦୁର୍ନୀତି ନିବାରଣ ପାଇଁ ସାଧୁତାର ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଦେଶର ପ୍ରଗତି ପାଇଁ ଦୁର୍ନୀତି ବିରୋଧରେ ଲଢ଼ିବାକୁ ସଂକଳ୍ପ ନେଇଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ତପନ କୁମାର ଖୁଣ୍ଟିଆ, ଡେପୁଟି କଲେକ୍ଟର ଶ୍ରୀଯୁକ୍ତ ସୀତାଂଶୁ ଶେଖର ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀଯୁକ୍ତ ପ୍ରବୋଧ କୁମାର ମଲିକ ଏବଂ ଡିଏସପି, ଭିଜିଲାନ୍ସ ଶ୍ରୀଯୁକ୍ତ ସିକନ୍ଦର ହେମ୍ବ୍ରମ ମଞ୍ଚାସୀନ ଥିଲେ । ଶ୍ରୀଯୁକ୍ତ ଖୁଣ୍ଟିଆ ଅଧିକାରୀ ତଥା କର୍ମଚାରୀମାନଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ। ଶପଥ ଗ୍ରହଣ କାଳରେ ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ରକ୍ଷା, ଲାଞ୍ଚ ନ ନେବା ଓ ନ ଦେବା, ସ୍ୱଚ୍ଛତାର ସହ ଦାୟିତ୍ୱ ନିର୍ବାହ କରିବା ଏବଂ ଜନସାଧାରଣଙ୍କ ହିତ ସାଧନ ଲାଗି ସମର୍ପିତ ରହିବାକୁ ପ୍ରତିଜ୍ଞା କରାଯାଇଥିଲା।

ଜିଲ୍ଲା ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ପକ୍ଷରୁ ୨୬ ଅକ୍ଟୋବରରୁ ୦୧ ନଭେମ୍ବର ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଭାବେ ପାଳନ କରାଯିବାକୁ ସ୍ଥିରୀକୃତ ହୋଇଛି । ଏହି ଅବସରରେ ଆଜି ମାନ୍ୟବର ମୁଖ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଭୁବନେଶ୍ୱରରେ ଆୟୋଜିତ ସାଧୁତାର ଶପଥ ପାଠ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ରାଜ୍ୟର ସମସ୍ତ ଅଧିକାରୀଙ୍କୁ ଆଭାସୀ ମାଧ୍ୟମରେ ଦୁର୍ନୀତି ନିବାରଣର ଶପଥ ପାଠ କରାଇଥିଲେ । ଏହି ସମୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସୋୱାନ ହଲ୍ ଠାରେ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ତପନ କୁମାର ଖୁଣ୍ଟିଆଙ୍କ ସମେତ ଜିଲ୍ଲା ସ୍ତରର ଅନେକ ଅଧିକାରୀ ଉପସ୍ଥିତ ଥିଲେ ।

ମରଣଯନ୍ତା ପାଲଟିଛି ଗାଧୁଆ ତୁଠ

ଚମ୍ପୁଆ,୨୮/୧୦ (ନି.ପ୍ର): ଜନସାଧାରଣଙ୍କ ନିତ୍ୟବ୍ୟବହାର୍ଯ୍ୟ ପାଇଁ ନିର୍ମାଣ ହୋଇଥିବା ପୋଖରୀର ଗାଧୁଆ ତୁଠ ଯଦି ବିପଦର କାରଣ ପାଲଟେ, ତେବେ ଏହାଠାରୁ ଦୁର୍ଭାଗ୍ୟଜନକ ଘଟଣା ଆଉ କ'ଣ ହୋଇପାରେ ? ଏଭଳି ଏକ ସମସ୍ୟା ଦେଖିବାକୁ ମିଳିଛି ଚମ୍ପୁଆ ଉପଖଣ୍ଡ ଅନ୍ତର୍ଗତ ଆଙ୍ଗୁଳିଆସ୍ଥିତ ବିସ୍ଥାପିତ କଲୋନୀରେ । ପୋଖରୀର ଗାଧୁଆ ତୁଠରେ ପାଣି ଜମି ରହିବା ସହ ଶିଉଳି ଆସ୍ତରଣ ପଡ଼ିଥିବାରୁ ଏହା ଦୈନନ୍ଦିନ ସ୍ନାନ କରୁଥିବା ଲୋକଙ୍କ ପାଇଁ ବିପଦ ସୃଷ୍ଟି କରୁଛି । ଏଥିସହ ଜମି ରହୁଥିବା ଗାଧୁଆ ପାଣିରୁ ଦୁର୍ଗନ୍ଧ ବାହାରୁଥିବା ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ, କାନୁପୁର ବୃହତ୍ ଜଳସେଚନ ପ୍ରକଳ୍ପ ଅଧିନରେ ସର୍ବସ୍ୱ ହରାଇ ଆଙ୍ଗୁଳିଆସ୍ଥିତ ଏହି ବିସ୍ଥାପିତ କଲୋନୀରେ ଚମକପୁର ଗ୍ରାମର ଶତାଧିକ ପରିବାର ବସବାସ କରୁଛନ୍ତି । ଏହି ପରିବାରଗୁଡ଼ିକର ଦୈନନ୍ଦିନ ଆବଶ୍ୟକତା ପୂରଣ ନିମନ୍ତେ ପ୍ରକଳ୍ପ ଜରିଆରେ କଲୋନୀ ମଧ୍ୟରେ ଏକ ପୋଖରୀ ନିର୍ମାଣ କରାଯାଇଥିଲା । ପୋଖରୀଟି ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଏକ ଉପଯୋଗୀ ଜଳାଶୟ ହୋଇଥିବାବେଳେ ଏହାର ଗାଧୁଆ ତୁଠର ଦୁରବସ୍ଥା ଏବେ ଚିନ୍ତାର କାରଣ ପାଲଟିଛି । ପୋଖରୀର ଗାଧୁଆ ତୁଠରେ ପାଣି ଜମି ରହିବା ସହ ଏହାର ଉପରିଭାଗରେ ଶିଉଳି ଜମିଯାଇଛି । ଫଳରେ ତୁଠଟି ଖସଡ଼ା ହୋଇପଡ଼ିଛି । ପ୍ରତିଦିନ ଏହି ତୁଠରେ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ମହିଳା ଓ ଅନ୍ୟାନ୍ୟ ବୟସର ଲୋକମାନେ ସ୍ନାନ କରୁଥିବାରୁ ଏଠାରେ ଦୁର୍ଘଟଣାର ଆଶଙ୍କା ରହିଛି ।

ସ୍ଥାନୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଶିଉଳି ଯୋଗୁଁ ଗୋଡ଼ ଖସିଯାଇ ବିଭିନ୍ନ ସମୟରେ କେତେକ ଲୋକ ଆହତ ମଧ୍ୟ ହୋଇଛନ୍ତି । ବିଶେଷକରି ଛୋଟ ପିଲା ଓ ମହିଳାମାନେ ଏହି ତୁଠ ବ୍ୟବହାର କରୁଥିବାରୁ ଯେକୌଣସି ସମୟରେ ଅଘଟଣ ଘଟିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ପାରୁନାହିଁ । ତେଣୁ ଏହି ସମସ୍ୟାକୁ ହାଲୁକା ଭାବେ ନନେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି । କେବଳ ଦୁର୍ଘଟଣା ଆଶଙ୍କା ନୁହେଁ, ଗାଧୁଆ ତୁଠରେ ପାଣି ଜମି ରହିବା ମଧ୍ୟ ଅନ୍ୟ ଏକ ସମସ୍ୟା ସୃଷ୍ଟି କରୁଛି । ଜମି ରହୁଥିବା ଗାଧୁଆ ପାଣିରୁ ଦୁର୍ଗନ୍ଧ ବାହାରୁଥିବାରୁ କଲୋନୀର ପରିବେଶ ପ୍ରଭାବିତ ହେଉଥିବା ଅଭିଯୋଗ ରହିଛି । ଏହା ଫଳରେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହ ପୋଖରୀର ଉପଯୁକ୍ତ ରକ୍ଷଣାବେକ୍ଷଣ ନେଇ ପ୍ରଶ୍ନ ଉଠିଛି । ଯେଉଁ ଉଦ୍ଦେଶ୍ୟରେ ପୋଖରୀ ଓ ଗାଧୁଆ ତୁଠ ନିର୍ମାଣ କରାଯାଇଥିଲା ତାହାର ସୁବିଧା ସ୍ଥାନୀୟ ଲୋକମାନେ ସୁରକ୍ଷିତ ଭାବେ ପାଇବା ଆବଶ୍ୟକ । କିନ୍ତୁ ତୁଠର ଏଭଳି ଅବସ୍ଥା ଯୋଗୁଁ ଲୋକମାନଙ୍କୁ ଦୈନନ୍ଦିନ ସ୍ନାନ ସମୟରେ ବିପଦର ସମ୍ମୁଖୀନ ହେବାକୁ ପଡ଼ୁଛି । ଏହି ପରିସ୍ଥିତିରେ ପୋଖରୀର ଗାଧୁଆ ତୁଠକୁ ଯଥାଶୀଘ୍ର ମରାମତି କରିବା ସହ ଜମି ରହୁଥିବା ପାଣିର ନିଷ୍କାସନ ବ୍ୟବସ୍ଥା କରିବା, ଶିଉଳି ସଫା କରିବା ଏବଂ ତୁଠକୁ ସୁରକ୍ଷିତ କରିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

କୋଟିଆରେ ଆନ୍ଧ୍ରର ପ୍ରଶାସନିକ ହସ୍ତକ୍ଷେପ ଅଭିଯୋଗ ନେଇ କେନ୍ଦ୍ରର ଧ୍ୟାନ ଆକର୍ଷଣ

ଜୟପୁର,୨୮/୧୦ (ନି.ପ୍ର): କୋରାପୁଟ ଜିଲା କୋଟିଆ ସୀମାରେ ବିବାଦ ବାଢ଼ୁଛି ଆନ୍ଧ୍ର।ଆନ୍ଧ୍ର ପ୍ରଦେଶ ସରକାରଙ୍କ ପକ୍ଷରୁ କ୍ରମାଗତ ଭାବେ ଓଡିଶା ର ସୀମା ମଧ୍ୟକୁ ପ୍ରବେଶ କରି କୋଟିଆ ରେ ପ୍ରଶାସନିକ ହସ୍ତକ୍ଷେପ କରୁଥିବା ନେଇ ଜୟପୁରର ମାନବାଧିକାର କର୍ମୀ ତଥା ଆଇନଜୀବୀ ଅନୁପ କୁମାର ପାତ୍ରଙ୍କ ଦ୍ୱାରା ଦାଖଲ ଆବେଦନକୁ କେନ୍ଦ୍ର ଗୃହ ସଚିବ ଗୋବିନ୍ଦ ମୋହନଙ୍କ ନିକଟକୁ ପଠାଇଛି ରାଷ୍ଟ୍ରପତି ସଚିବାଳୟ। ଏ ସମ୍ପର୍କରେ ଆବେଦନକାରୀ ଅନୁପ ପାତ୍ର ସୂଚନା ଦେଇଛନ୍ତି।

ଅକ୍ଟୋବର ୨୭ ତାରିଖରେ ରାଷ୍ଟ୍ରପତି ସଚିବାଳୟର ଅଣ୍ଡର ସେକ୍ରେଟାରୀ କୁଳଚନ୍ଦ୍ର କୁମା ମାରଙ୍କ ପକ୍ଷରୁ ବେଦନଟିକୁ ଉପଯୁକ୍ତ ପଠାଯାଇଥିବା ଇ-ମେଲରେ ଆବେଦନ ବିଚାର ପାଇଁ ଗୃହ ସଚିବଙ୍କ ନିକଟବୃ କଟକୁ ପଠାଯାଇଥିବା ଆବେଦନ ଉପରେ ଜଣାଇ ଦିଆଯାଇଛି। ଏଥିସହ ଆପେ ଗ୍ରହଣ କରାଯାଇ ଥିବା ପଦକ୍ଷେପର ସୂଚନା ସିଧାସଳଖ ଆବେଦନକାରୀଙ୍କୁ ଦେବାକୁ ଉଲ୍ଲେଖ ରହିଛି। ଆବେଦନରେ କୋଟିଆ ଗ୍ରାମପଂଚାୟତ ଅଧୀନସ୍ଥ ବିବାଦୀୟ ଗ୍ରାମଗୁଡ଼ିକରେ ଆନ୍ଧ୍ରପ୍ରଦେଶର ପ୍ରଶାସନିକ ହସ୍ତକ୍ଷେପ, ନିର୍ବାଚନ ସମ୍ପର୍କିତ ବିଜ୍ଞପ୍ତି ଏବଂ ଐତିହାସିକ ଡାକ ଓ ପ୍ରଶାସନିକ ବ୍ୟବସ୍ଥାର ସୁରକ୍ଷା ନେଇ ରାଷ୍ଟ୍ରପତି ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏଥିସହ ସମ୍ବିଧାନର ଧାରା ୩୭୨, ୧୪, ୨୧ ଓ ପଂଚମ ଅନୁସୂଚୀ ଅନୁଯାୟୀ ସାମ୍ବିଧାନିକ ସୁରକ୍ଷା ଓ ଓଡ଼ିଶାର ଭୌଗୋଳିକ ଅଖଣ୍ଡତା ରକ୍ଷା ପାଇଁ ହସ୍ତକ୍ଷେପ କରିବାକୁ ଆବେଦନ କରିଥିଲେ। ଆବେଦନକାରୀଙ୍କ ମତରେ, କୋଟିଆ ଅଂଚଳର ଅଧିବାସୀଙ୍କ ଅଧିକାର ଓ ଓଡ଼ିଶାର ସ୍ୱାର୍ଥ ସୁରକ୍ଷା ପାଇଁ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଓ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଜରୁରୀ ବୋଲି ଦର୍ଶାଇଛନ୍ତି । ତେବେ ରାଷ୍ଟ୍ରପତି ସଚିବାଳୟର ଚିଠିରେ ଆବେଦନଟି ଗୃହ ସଚିବଙ୍କ ନିକଟକୁ ପଠାଯାଇଥିବା ସ୍ପଷ୍ଟ ହୋଇଥିବା ବେଳେ, କୋଟିଆ ବିବାଦ ଉପରେ କୌଣସି ଚୂଡ଼ାନ୍ତ ନିଷ୍ପତି ନିଆଯାଇଥିବା କଥା ଉଲ୍ଲେଖ ନାହିଁ । ଏବେ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ପ ପରବର୍ତୀ ପଦକ୍ଷେପକୁ ଅପେକ୍ଷା କରାଯାଇଛି।

ଅନଧିକୃତ ଦଖଲରେ ଥିବା କ୍ୱାର୍ଟରଗୁଡ଼ିକୁ ଫେରାଇ ଆଣିବା ପାଇଁ ସେଲ୍, ରାଉରକେଲା ଇସ୍ପାତ କାରଖାନାର ଅଭିଯାନ ଜୋରଦାର



ରାଉରକେଲା,୨୮/୧୦ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା ସଂସ୍ଥାରୁ ଅବସର କିମ୍ବା ଅଲଗା ହେବା ପରେ ଅନୁମୋଦିତ ଅବଧି ଅତିକ୍ରମ କରି କମ୍ପାନୀ କ୍ୱାର୍ଟରଗୁଡ଼ିକୁ ବେଆଇନ ଭାବେ ମାଡ଼ି ବସିଥିବା ପୂର୍ବତନ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କଠାରୁ ତାହା ଉଦ୍ଧାର କରିବା ପାଇଁ ନିଜର ଅଭିଯାନକୁ ଜୋରଦାର କରିଛି।

ପ୍ରଚଳିତ ନିୟମ ଅନୁଯାୟୀ, କର୍ମଚାରୀମାନେ ଚାକିରିରୁ ଅବସର ନେବାର ଦୁଇ ମାସ ମଧ୍ୟରେ ସେମାନଙ୍କୁ ଆବଣ୍ଟିତ କ୍ୱାର୍ଟର ଖାଲି କରିବା ଆବଶ୍ୟକ। ତଥାପି, ୧୩୩ ଟି କ୍ୱାର୍ଟର ଏପର୍ଯ୍ୟନ୍ତ ଅନଧିକୃତ ଦଖଲରେ ରହିଛି, ଯେଉଁଥିରେ କେତେକ ଦଖଲକାରୀ ୩ ରୁ ୨୦ ବର୍ଷ ଧରି ତାହାକୁ ନିଜ ଦଖଲରେ ରଖିଛନ୍ତି। ଏହି ସମୟ ମଧ୍ୟରେ, ଏହି ପରିସରଗୁଡ଼ିକରେ ବିଜୁଳି ଏବଂ ଜଳ ପରି ଅତ୍ୟାବଶ୍ୟକ ସେବାଗୁଡ଼ିକର ସୁବିଧା ମଧ୍ୟ ନିରନ୍ତର ଭାବରେ ନିଆଯାଉଛି। କମ୍ପାନୀ କ୍ୱାର୍ଟରଗୁଡ଼ିକର ଦୀର୍ଘଦିନ ଧରି ଅନଧିକୃତ ଦଖଲ ଏକ ଚିନ୍ତାଜନକ ବିଷୟ ଭାବେ ଉଭା ହୋଇଛି, ବିଶେଷ କରି ଏହି ସଂସ୍ଥାନଗୁଡ଼ିକ ମଧ୍ୟରୁ କେତେକ ଉଚ୍ଚ-ଶ୍ରେଣୀ ବର୍ଗର ଅଟନ୍ତି ଏବଂ କମ୍ପାନୀ ରହିବା ଘର ପାଇଁ ଅପେକ୍ଷା କରିଥିବା କାର୍ଯ୍ୟରତ କର୍ମଚାରୀମାନଙ୍କୁ ଆବଣ୍ଟନ କରିବା ପାଇଁ ଏଗୁଡ଼ିକର ଜରୁରୀ ଆବଶ୍ୟକତା ରହିଛି।

ପବ୍ଲିକ୍ ପ୍ରେମିସେସ୍ ମାମଲା ଦାୟର କରିବା, ଆନୁଷ୍ଠାନିକ ନୋଟିସ୍ ଜାରି କରିବା ଏବଂ ଟାଉନ୍ ସର୍ଭିସେସ୍ ମାଧ୍ୟମରେ ବୁଝାସୁଝା କରିବା ସହିତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲେ ହେଁ, ଏହି କ୍ୱାର୍ଟରଗୁଡ଼ିକର ଉଦ୍ଧାର ଏକ ଆହ୍ୱାନ ହୋଇ ରହିଥିଲା। ଏହି ମାମଲାକୁ ଗାମ୍ଭୀର୍ଯ୍ୟର ସହ ନେଇ ଆର.ଏସ.ପି ପରିଚାଳନା ବର୍ତ୍ତମାନ ଅନଧିକୃତ ଦଖଲରେ ଥିବା ସମସ୍ତ କ୍ୱାର୍ଟରର ଉଦ୍ଧାର ସୁନିଶ୍ଚିତ କରିବା ପାଇଁ ଏକ ଜୋରଦାର ଏବଂ ସମନ୍ୱିତ ଅଭିଯାନ ଆରମ୍ଭ କରିଛି।

ଟାଉନ୍ ସର୍ଭିସେସ୍ର ମୁଖ୍ୟଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଏବଂ ପୋଲିସ କର୍ମଚାରୀମାନେ କମ୍ପାନୀ ଦ୍ୱାରା ସେଗୁଡ଼ିକର ଖାଲି କରିବା ଏବଂ ଉଦ୍ଧାର ପ୍ରକ୍ରିୟାକୁ ସହଜ କରିବା ପାଇଁ କ୍ୱାର୍ଟର ପରିସର ପରିଦର୍ଶନ କରୁଛନ୍ତି। ଏହି ଜୋରଦାର ଉଦ୍ୟମଗୁଡ଼ିକ ଅଳ୍ପ ଦିନ ମଧ୍ୟରେ ଉତ୍ସାହଜନକ ଫଳାଫଳ ଦେଇଛି, ଯେଉଁଥିରେ ଗୋଟିଏ ମାସରୁ କମ୍ ସମୟ ମଧ୍ୟରେ ପ୍ରାୟ ୧୫ ଟି କ୍ୱାର୍ଟର ଉଦ୍ଧାର କରାଯାଇସାରିଛି। ଏହି ଅଭିଯାନ କମ୍ପାନୀ ରହିବା ଘରର ସଠିକ୍ ବିନିଯୋଗ ସୁନିଶ୍ଚିତ କରିବା ଏବଂ ଯୋଗ୍ୟ କାର୍ଯ୍ୟରତ କର୍ମଚାରୀମାନଙ୍କୁ ତାହା ଉପଲବ୍ଧ କରାଇବା ପାଇଁ ଆର.ଏସ.ପି ର ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି। ଅନଧିକୃତ ଦଖଲରେ ଥିବା ସମସ୍ତ କ୍ୱାର୍ଟର ଖାଲି ନ ହେବା ପର୍ଯ୍ୟନ୍ତ ଏବଂ ଯୋଗ୍ୟ କର୍ମଚାରୀମାନଙ୍କୁ ଆବଣ୍ଟନ ପାଇଁ କମ୍ପାନୀକୁ ଫେରସ୍ତ ନ ମିଳିବା ପର୍ଯ୍ୟନ୍ତ ଏହି ଉଦ୍ଧାର କାର୍ଯ୍ୟ ଜାରି ରହିବ।

ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦୁର୍ନୀତି ନିବାରଣ ତଥା ସାଧୁତାର ଶପଥ ପାଠ ଅନୁଷ୍ଠିତ: ଦୁର୍ନୀତି ମୁକ୍ତ ପ୍ରଶାସନ ଓ ସ୍ୱଚ୍ଛ ସେବା ପ୍ରଦାନ ଉପରେ ଗୁରୁତ୍ୱାରୋପ

ଭଦ୍ରକ ,୨୮/୧୦ (ନି.ପ୍ର): ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ସଦଭାବନା ସଭାଗୃହ କକ୍ଷରେ ଏକ ସାଧୁତା ଓ ଦୁର୍ନୀତି ନିବାରଣ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଦେଶର ପ୍ରଗତି ପାଇଁ ଦୁର୍ନୀତି ବିରୋଧରେ ଲଢ଼ିବାକୁ ସଂକଳ୍ପ ନେଇଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ରବି ନାରାୟଣ ସାହୁ ଏବଂ ଡ଼ିଏସପି ଭିଜିଲାନ୍ସ ଶ୍ରୀ ଦୁଷ୍ମନ୍ତ ନାୟକ ଉପସ୍ଥିତ ରହି ଅଧିକାରୀ ତଥା କର୍ମଚାରୀମାନଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ। ଶପଥ ଗ୍ରହଣ କାଳରେ ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ରକ୍ଷା, ଲାଞ୍ଚ ନ ନେବା ଓ ନ ଦେବା, ସ୍ୱଚ୍ଛତାର ସହ ଦାୟିତ୍ୱ ନିର୍ବାହ କରିବା ଏବଂ ଜନସାଧାରଣଙ୍କ ହିତ ସାଧନ ଲାଗି ସମର୍ପିତ ରହିବାକୁ ପ୍ରତିଜ୍ଞା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବି ନାରାୟଣ ସାହୁ ଉଦ୍ ?ବୋଧନ ଦେଇ ଦୁର୍ନୀତି ମୁକ୍ତ କାର୍ଯ୍ୟଶୈଳୀ ଆପଣାଇବା ଏବଂ ନିଷ୍ଠାର ସହ ସରକାରୀ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରି ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଡେପୁଟି କଲେକ୍ଟର ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଚଳିତ ବର୍ଷର ସଚେତନତା ସପ୍ତାହର ବିଷୟବସ୍ତୁ "ସମୃଦ୍ଧି ପାଇଁ ସତ୍ୟନିଷ୍ଠା" (**Probity for Prosperity**) ଯାହାକୁ ନେଇ ଏହି କାର୍ଯ୍ୟକ୍ରମରେ ସମସ୍ତେ ନିଜ ନିଜ କର୍ତ୍ତବ୍ୟ ଓ ଦାୟିତ୍ୱ ନିର୍ବାହ ସମୟରେ ସଚ୍ଚୋଟତା, ସ୍ୱଚ୍ଛତା ଓ ନୈତିକତା ବଜାୟ ରଖିବା ସହ ଦୁର୍ନୀତିମୁକ୍ତ ପ୍ରଶାସନ ଗଠନ ଦିଗରେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ।

ଘଟଗାଁ ବ୍ଲକ ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ଭିତ୍ତିପ୍ରସ୍ତର ସ୍ଥାପନ

ଘଟଗାଁ ,୨୮/୧୦ (ନି.ପ୍ର): ଘଟଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ସରକାରଙ୍କ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ଆବାସିକ ଓ ଅଣଆବାସିକ ଗୃହ ଅନୁଦାନ ପାଣ୍ଠିରୁ ନିର୍ମାଣ ହେବାକୁ ଥିବା ନୂତନ କାର୍ଯ୍ୟାଳୟର ଭିତିପ୍ରସ୍ତର ସ୍ଥାପନ ପୂଜା ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ଖଗେଶ୍ୱର ବରାଳଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଶ୍ରୀଯୁକ୍ତ ଅନନ୍ତ ନାଏକ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ଗୀତାଞ୍ଜଳି ନାଏକ ଏବଂ ଘଟଗାଁ ଆଇଆଇସି ଶ୍ରୀଯୁକ୍ତ ଶୁଭ୍ରାନ୍ତ କୁମାର ଜେନା ସମ୍ମାନନୀୟ ଅତିଥି ରୂପେ ଯୋଗଦାନ କରିଥିଲେ। ଅଭିଜ୍ଞ କନିଷ୍ଠ ଯନ୍ତ୍ରୀ ଜୟନ୍ତ କୁମାର ଜେନା ପୂଜାକର୍ତ୍ତା ଭାବେ ଦାୟିତ୍ୱ ତୁଲେଇଥିବା ବେଳେ ଏବିଡ଼ିଓ ଚିତରଞ୍ଜନ ନାୟକ, ସହକାରୀ ଶ୍ରମ ଅଧିକାରୀ ଘନଶ୍ୟାମ ମହାନ୍ତ, କନିଷ୍ଠ ଯନ୍ତ୍ରୀ ସିଙ୍ଗୁ ମୁର୍ମୁ, ଉପବିଭାଗୀୟ ଅଧିକାରୀ ବ୍ରଜକିଶୋର ଜେନା, ବରିଷ୍ଠ ରାଜସ୍ୱ ସହାୟକ ପୀତବାସ ସାହୁ, ଓଡିଶା ଜୀବିକା ମିଶନ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଆନୁଷଙ୍ଗିକ ସହାୟତା ପ୍ରଦାନ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଦୃଷ୍ଟି ପଡ଼ିବ କେବେ ?

ବଲାଙ୍ଗୀର,୨୮/୧୦ (ନି.ପ୍ର): ବଲାଙ୍ଗୀର ସ୍ୱାଭିମାନ ମଂଚ ପ୍ରାକ୍ ସ୍ୱାଧୀନତା ସମୟରେ ଅର୍ଥାତ ୧୯୩୭ ମସିହାରେ ସ୍ଥାପିତ ଓଡ଼ିଶାର ସର୍ବ ପୁରାତନ ବଲାଙ୍ଗୀର ଆୟୁର୍ବେଦ ଫାର୍ମାସୀ ଆଜି ଜରାଜୀର୍ଣ୍ଣ ଅବସ୍ଥାରେ ନିଜର ସ୍ଥିତି ବଂଚାଇବାକୁ ସଂଘର୍ଷ କରୁଛି। ଗତକାଲି ଡକ୍ଟର ପ୍ରେମଚାନ୍ଦ ମହାନ୍ତି ଓ ବାମଦେବ ମିଶ୍ରଙ୍କ ନେତୃତ୍ୱରେ ଯାଇଥିବା ଏକ ପ୍ରତିନିଧି ଦଳର ପରିଦର୍ଶନରୁ ଏହି ଦୁଃଖଦ ସ୍ଥିତି ଜଣାପଡ଼ିଛି। ଦିନ ଥିଲା ଏହି ଫାର୍ମାସୀରୁ ୯୪ ପ୍ରକାରର ମେଡିସିନ୍ ପ୍ରସ୍ତୁତ ହୋଇ ସାରା ଓଡ଼ିଶାକୁ ଯୋଗା ଯାଉଥିଲା। ୬୨ ଜଣ କର୍ମଚାରୀଙ୍କ ଅକ୍ଲାନ୍ତ, ନିଷ୍ଠାପର ଉଦ୍ୟମରେ ତଥା ତଦାନିନ୍ତନ ଆଧୁନିକ ଯନ୍ତ୍ରପାତି ସାହାଯ୍ୟରେ ଅତି ଉନ୍ନତ ମାନର ଔଷଧ ପ୍ରସ୍ତୁତିରେ ଏହା ସାରା ଓଡ଼ିଶାରେ ନାଁ କରିଥିଲା। ଧୀରେ ଧୀରେ ଏହି ସଂଖ୍ୟା ୪୨ ଏବଂ ଏବେ ଦୁଇଜଣ ମାତ୍ର କର୍ମଚାରୀଙ୍କୁ ନେଇ ମାତ୍ର ୪ଟି ଚୂର୍ଣ୍ଣ, ଗୋଟିଏ ମଲମ ଏବଂ ଗୋଟିଏ ତୈଳ ପ୍ରସ୍ତୁତି କରି ନାମକୁ ମାତ୍ର ନିଜକୁ ବଂଚାଇ ରଖିଛି। ଦିନ ଥିଲା ହରିଶଙ୍କର ଓ ନୃସିଂହନାଥରୁ ସଂଗୃହୀତ କଂଚାମାଲରେ ଔଷଧ ପ୍ରସ୍ତୁତ ହେଉଥିଲା କିନ୍ତୁ ଆଜି କଂଚାମାଲ ପାଇଁ ଏବଂ ଔଷଧର ମାନ ଓ ଗୁଣବତା ନିର୍ଦ୍ଧାରଣ ନିମନ୍ତେ ଭୁବନେଶ୍ୱର ଉପରେ ନିର୍ଭର କରିବାକୁ ପଡ଼ୁଛି। ଜଙ୍ଗଲ ବିଭାଗରୁ କାଠ ମିଳିଲେ ଯାଇ କାମ ଆରମ୍ଭ କରିବାକୁ ପଡୁଛି। ସେ ସମୟର ଶହଶହ ମେସିନ ଅକାମୀ ହୋଇ ଖତ ଖାଉଛି। ଔଷଧ ତିଆରିରେ ଆଜିକାଲି ଅନେକ ନୂତନ କୌଶଳ ବାହାରି ଥିଲେ ହେଁ ଏଠି କିଛି ନାହିଁ। ଔଷଧକୁ ପ୍ୟାକେଜିଂ କରିବା ପାଇଁ ମେସିନ୍ ନଥିବାରୁ ହାତରେ କରିବା ପାଇଁ ଲୋକବଳର ଅଭାବ ତ ରହୁଛି, ତା' ସହିତ ଏହା ସମୟ ସାପେକ୍ଷ ହୋଇଥିବାରୁ କେହି ଲୋକ କାମ କରିବାକୁ ରାଜି ହେଉନାହାନ୍ତି। ରାତ୍ରୀ ଜଗୁଆଳୀ ନଥିବାରୁ ଅଧିକାଂଶ ସମୟରେ ଏଠାରୁ ଚୋରୀ ହେଉଛି। ବର୍ତ୍ତମାନ ଜଣେ ସୁପରିଂଟେଣ୍ଡେଂଟ, ଜଣେ ମେଡିକାଲ ଅଫିସର ଓ ଦୁଇଜଣ ଅସ୍ଥାୟୀ କର୍ମଚାରୀଙ୍କୁ ନେଇ ଏହି ସଂସ୍ଥା ଚାଲିଛି। ବିରାଟ ସମ୍ମିଳନୀ କକ୍ଷ, ଲାଇବ୍ରେରୀ, ପ୍ରତ୍ୟେକ ବିଭାଗ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର କକ୍ଷ ଆଜି ଖାଁ ଖାଁ ଲାଗୁଛି। ମୁଖ୍ୟ କୋଠାକୁ ପୂର୍ତ ବିଭାଗ ଅସୁରକ୍ଷିତ ଘୋଷଣା କରିବାରୁ ତାକୁ ଖୁବ୍ ଶୀଘ୍ର ଭାଙ୍ଗି ଦିଆଯିବ। ବିନା ଫାର୍ମାସିଷ୍ଟରେ ଆଜିପର୍ଯ୍ୟନ୍ତ ବଂଚି ରହିଥିବା ଫାର୍ମାସୀକୁ ଜୀବନ୍ୟାସ ଦେଲେ କେବଳ ଯେ ଜନସାଧାରଣ ଉପକୃତ ହେବେ ତା' ନୁହଁ ବରଂ ସିଧାସଳଖ ଭାବେ କଲେଜରେ ପଢୁଥିବା ଛାତ୍ରଛାତ୍ରୀମାନେ ମଧ୍ୟ ବ୍ୟବହାରିକ ଜ୍ଞାନ କୌଶଳରେ ନିଜକୁ ଅଧିକ ସମୃଦ୍ଧ କରି ପାରନ୍ତେ। ସଦସ୍ୟମାନଙ୍କ ପରବର୍ତୀ ପରିଦର୍ଶନ ସ୍ଥଳ ନିର୍ମାଣାଧୀନ ଜିଲ୍ଲା ମୁଖ୍ୟ ପ୍ରେକ୍ଷାଳୟ ଥିଲା। ୨୦୨୩ ମସିହାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପ୍ରଦତ ୮ କୋଟି ଟଙ୍କା ଅନୁଦାନରେ ଏହାର କାର୍ଯ୍ୟାରମ୍ଭ ହୋଇଥିଲା। ବିଲ୍ଡିଂ କାମ ଆଉ ଦୁଇ ତିନି ମାସରେ ସରିବାକୁ ଥିଲେ ହେଁ ଆଭ୍ୟନ୍ତରୀଣ ସୌନ୍ଦର୍ଯ୍ୟୀକରଣ ତଥା ଆଲୋକ ଏବଂ ଶବ୍ଦ ବ୍ୟବସ୍ଥା ପାଇଁ ଆହୁରି କିଛି ସମୟ ଲାଗିପାରେ ବୋଲି ଦାୟିତ୍ୱରେ ଥିବା ଜେଇ ପ୍ରକାଶ କରିଥିଲେ। ଏତେ ବିରାଟ ପ୍ରେକ୍ଷାଳୟରେ ମାତ୍ର ୫୦୦ ଜଣଙ୍କ ବସିବା ପାଇଁ ବ୍ୟବସ୍ଥା ରହିଥିବାରୁ ମଂଚ ଅସନ୍ତୋଷ ବ୍ୟକ୍ତ କରିଥିଲା। ଏଥିପାଇଁ କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟିର ଅଭାବ ଏବଂ ଖାମଖିଆଲି ମନୋଭାବକୁ ଦାୟୀ କରା ଯାଇଥିଲା। ଏହାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରା ଯାଇଥିଲା। ୩ୟ ପର୍ଯ୍ୟାୟରେ ମଂଚର ସଦସ୍ୟମାନେ ଜିଲ୍ଲା ପର୍ଯ୍ୟଟନ ଅଫିସ ପରିଦର୍ଶନ କରି ସେଠାରେ ଚିରାଚରିତ ଭାବେ ଷ୍ଟାଫ୍ ନଥିବା କଥା ଜାଣିବାକୁ ପାଇଥିଲେ। ଜଣେ ଅଫିସର ଓ ଦୁଇଜଣ ଅଫିସ କର୍ମଚାରୀଙ୍କୁ ନେଇ ସଂସ୍ଥା ବର୍ତ୍ତମାନ ଚାଲୁଥିବାବେଳେ ଆଗାମୀ କିଛି ମାସ ମଧ୍ୟରେ ଅନ୍ୟ ଜଣେ କର୍ମୀ ରିଟାୟାର୍ଡ ହୋଇଗଲେ ସଂସ୍ଥା କିପରି ଚାଲିବ ସେଥିନେଇ ଉଦ୍ବେଗ ପ୍ରକାଶ ପାଇଥିଲା। ଆଲୋଚନା ସମୟରେ ଆଠଗାଁର ସ୍ୱାଧୀନତା ସଂଗ୍ରାମୀ ଧରମ ସିଂ ମାନଧାତା ମାଝୀଙ୍କ ଜନ୍ମସ୍ଥାନ, ସୁର୍ଡା ଏବଂ କଗାଁର ଶିବ ମନ୍ଦିର, ଭୀମ ଡୁଙ୍ଗୁରୀ ପାହାଡ଼ ଓ ଲୋୟର୍ ସୁକତେଲ ପାର୍ଶ୍ୱବର୍ତୀ ଅଂଚଳକୁ ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନୀତ କରିବାକୁ ଦାବି କରାଯାଇଥିଲା। ହରିଶଙ୍କର ଓ ରାଣୀପୁର ଝରିଆଲକୁ ଅଧିକ ପର୍ଯ୍ୟଟକଙ୍କ ରହିବା ଓ ଖାଇବା ବ୍ୟବସ୍ଥା କରିବାକୁ ସରକାରଙ୍କ ପରାମର୍ଶ ଦିଆଯାଇଥିଲା। ଏହି ପରିଦର୍ଶନରେ ସର୍ବଶ୍ରୀ ଭକ୍ତବନ୍ଧୁ ଜୋଷୀ, ଡ. ପ୍ରଶାନ୍ତ ପ୍ରଧାନ, ଉମାକାନ୍ତ ସାହୁ, ଜ୍ୟୋତିରାଜ ନାଗ, ତ୍ରିଲୋଚନ ମହାପାତ୍ର, ଚିତରଞ୍ଜନ ପୁରୋହିତ ପ୍ରମୁଖ ସାମିଲ ହୋଇଥିଲେ।

ଏସ୍‌ସି/ଏସ୍‌ଟି ଠିକାଦାର ସଂଘର ସଭାପତି ଭାବେ ସର୍ଜନ ଓ ସଂପାଦକ ଭାବେ ଦିଗସେନ ମନୋନୀତ

ସୁବର୍ଣ୍ଣପୁର,୨୮/୧୦ (ନି.ପ୍ର): ଅଲ୍ ଓଡ଼ିଶା ଏସ୍‌ସି/ଏସ୍‌ଟି ୱେଲଫେୟାର ଠିକାଦାର ମହାସଂଘ ପକ୍ଷରୁ ସୁବର୍ଣ୍ଣପୁର ଜିଲ୍ଲାରେ ଏସସି ଓ ଏସଟି ଠିକାଦାରମାନଙ୍କୁ ନେଇ ଜିଲ୍ଲାସ୍ତରୀୟ କମିଟି ଗଠନ ଓ ସଂଘର ପଞ୍ଜୀକରଣ ପ୍ରସ୍ତାବ ନେଇ ସଂଘର ପ୍ରତିଷ୍ଠାତା ତଥା ସମାଜସେବୀ ସର୍ଜନ କୁମାର ବାରିକଙ୍କ ସଭାପତିତ୍ୱରେ ସୁବର୍ଣ୍ଣପୁର ଜିଲ୍ଲାର ଠିକାଦାର ମାନଙ୍କର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାୟୀ କମିଟି ଗଠନ ହେବା ପର୍ଯ୍ୟନ୍ତ ସଂଘର ସୁପରିଚାଳନା ପାଇଁ ଏକ ଅସ୍ଥାୟୀ କମିଟି ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। ଏହି କମିଟିର ସଭାପତି ଭାବେ ସର୍ଜନ କୁମାର ବାରିକ, ଉପସଭାପତି ଭାବେ ରମେଶ କୁମାର ତନ୍ତୀ, ମୁଖ୍ୟ ସମ୍ପାଦକ ଭାବେ ଦିଗସେନ ଦୀପ, ସହ ସମ୍ପାଦକ ଭାବେ ଆଶିଷ କୁମାର ତାଣ୍ଡି, ମୁଖ୍ୟ ଉପଦେଷ୍ଟା ଭାବେ ସୁଦାମ ଜଗଦଲା, ସହ-ଉପଦେଷ୍ଟା ଭାବେ ଜ୍ୟୋତିରଞ୍ଜନ କୁଶଳ, କୋଷାଧ୍ୟକ୍ଷ ଭାବେ ସତ୍ୟନାରାୟଣ ପାଣ୍ଡେ ଏବଂ ସହ-କୋଷାଧ୍ୟକ୍ଷ ଭାବେ କୁନୁ ତାଣ୍ଡିଙ୍କୁ ମନୋନୀତ କରାଯାଇଛି। ସେହିପରି ଉପଦେଷ୍ଟା କମିଟିରେ ଉପେନ୍ଦ୍ର ସେଠୀ, ସୋନୁ ଦଣ୍ଡସେନା, ଶତୃଘ୍ନ ନାଗ, ଜନ୍ମେଶ୍ୱର ହରିପାଲ ଓ ବୃନ୍ଦାବନ ସୁରୁଜାଲଙ୍କୁ ସାମିଲ କରାଯାଇଛି। ବୈଠକର ଶେଷରେ ସଭାପତି ସର୍ଜନ କୁମାର ବାରିକ ଅତିଶୀଘ୍ର ସ୍ଥାୟୀ କମିଟି ଗଠନ କରାଯିବା ସହ ସଂଘର ପଞ୍ଜୀକରଣ ପ୍ରକ୍ରିୟାକୁ ଆଗେଇ ନେବାକୁ ନିଷ୍ପତି ନିଆଯାଇଛି। ବିଜେଡି ସରକାର ଶାସନରେ ଥିଲାବେଳେ ଦୀର୍ଘ ବର୍ଷ ଧରି ଟେଣ୍ଡର କାମରେ ୧୫% ଲେସ୍ ସିଷ୍ଟମ୍ ଲାଗୁ କରାଯାଇଥିବା ବେଳେ ବର୍ତମାନର ସରକାର ତାହା ଅନଲିମିଟେଡ୍ କରିଦେବାରୁ ଏସ୍‌ସି/ଏସ୍‌ଟି ଠିକାଦାର ମାନେ ଠିକାକାମ ପାଇପାରୁ ନାହାନ୍ତି ଫଳରେ ଠିକାଦାରମାନଙ୍କୁ ଲକ୍ଷ ଲକ୍ଷ ଟଙ୍କା କ୍ଷତି ସହିବାକୁ ପଡୁଛି। ବାହାର ରାଜ୍ୟର ସରକାର ତାହା ୧୦% ସୁଧାର ଆଣିଛନ୍ତି। ଆଗାମୀ ଦିନରେ ଯଦି ଓଡିଶା ସରକାର ଏସ୍‌ସି/ଏସ୍‌ଟି ଠିକାଦାରମାନଙ୍କର ଗାଇଡ ଲାଇନରେ ଠିକାଦାର ମାନଙ୍କ ପାଇଁ ପ୍ରତି ୧୦୦% ଟେଣ୍ଡରରୁ ୪୦% ଟେଣ୍ଡର ରିଜର୍ଭେସନ ନ ରଖନ୍ତି ତାହାହେଲେ ଏସସି/ଏସଟି ଠିକାଦାର ସଂଘ ପକ୍ଷରୁ ଆନ୍ଦୋଳନ କରିବାକୁ ବାଧ୍ୟ ହେବୁ ଏବଂ ଫଳାଫଳ ପାଇଁ ସରକାର ଦାୟୀ ରହିବେ ବୋଲି ସଂଘର ସଭାପତି ତଥା ମୁଖ୍ୟ ପ୍ରତିଷ୍ଠାତା ସର୍ଜନ କୁମାର ବାରିକ ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି।

ଗ୍ରାହକ ପଂଚାୟତର ସାଂଗଠନିକ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,୨୮/୧୦ (ନି.ପ୍ର): ଅଖିଳ ଭାରତୀୟ ଗ୍ରାହକ ପଂଚାୟତ କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ତରଫରୁ ଜିଲ୍ଲା ସାଂଗଠନିକ କାର୍ଯ୍ୟକ୍ରମ ଜିଲ୍ଲା ସଭାପତି ତଥା ଆଇନଜିବୀ ଗଗନ ବିହାରୀ ରାଉତଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରାପଡ଼ା ସରସ୍ୱତୀ ଶିଶୁ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ସାଂଗଠନିକ ସଂପାଦକ ରାମଚନ୍ଦ୍ର ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗ୍ରାହକ ପଚାୟତ କିଭଳି ସଂଗଠିତ ହୋଇ କେନ୍ଦ୍ରାପଡ଼ା ଜିଲ୍ଲାରେ ୧ନଂ.ରେ ରହିବ ସେଥିପ୍ରତି ଧ୍ୟାନ ଦେବା ସହିତ ବ୍ଲକସ୍ତରୀୟ ନୂତନ ମେମ୍ବର ଗ୍ରହଣ କରିବା, ଗ୍ରାହକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଗୁରୁତ୍ୱ ଦେବାକୁ ଉପଦେଶ ଦେଇଥିଲେ।

ଧାରାବାହିକ: ଭାଗ-୬୧

ସଂକ୍ଷିପ୍ତ ଭାଗବତ କଥାମୃତ

ଏକାଦଶ ସ୍କନ୍ଧ



ଡ. ଶ୍ରୀହରି ପଣ୍ଡା



ଆହୂତି ଦାନରେ ଅଗ୍ନି ନର୍ବାପିତ ନହୋଇ ଅଧିକ ପ୍ରଜ୍ୱଳିତ ହେବାପରି ଉର୍ବଶୀକୁ ବହୁକାଳ ଭୋଗ କଲାପରେ ମଧ କାମନା ବହ୍ନି ଶାନ୍ତ ହେଲାନାହିଁ । ଭଗବତ ଭକ୍ତି ବାରି ସିଞ୍ଚନ ଛଡା ଆଉ କେଉଁଥିରେ ଏ ପ୍ରଜ୍ୱଳିତ ଅଗ୍ନି ନିର୍ବାପିତ ହେବାର ନୁହେଁ , ଏବେ ମୋର ଏହି ଧାରଣା ହେଲା । ଉର୍ବଶୀକୁ ମଧ ଦୋଷ ଦେବାର ନୁହେଁ । ସେ ମୋର କି କ୍ଷତି କରିପାରିଥାନ୍ତା । ମୁଁ ଅଧମ ଅଜିତେନ୍ଦ୍ରିୟ ହେତୁ ମୋର ଅଧୋଗତି ନିମିତ୍ତ କେବଳ ମୁଁ ଏକମାତ୍ର ଦାୟୀ । ମୁଁ ଅଶେଷ ଗୁଣର ନିଧାନ, ପୂର୍ଣ୍ଣକାମ ଓ ପରମଗତିମୁକ୍ତି ଦାତା ଭଗବାନଙ୍କୁ ଭୁଲିଗଲି । ଏହି ରକ୍ତ, ମାଂସ, ମଳମୂତ୍ର ଅସ୍ଥିଚର୍ମ ନିମିତ୍ତ ଅସାର ଶରୀରକୁ ନେଇ କୃମି କୀଟତୁଲ୍ୟ ପୁତି ଗନ୍ଧମୟ ପରିବେଶ ଏତେକାଳ ଧରି କ୍ରୀଡା କଲି । ମନରେ ମୋହ ହେତୁ ଏହି ଦୁର୍ଗନ୍ଧ ନାରକୀୟ ପରିବେଶ କୁସୁମ କୋମଳ ଓ ସୌରଭମୟ ବୋଧ ହେଉଥିଲା । ବାସ୍ତବରେ ଏହି ନଶ୍ୱର ମର ଶରୀରର ଅଧିକାରୀ କିଏ ? ଜନ୍ମଦାନ ଓ ପାଳନ ହେତୁ ପିତାମାତା ଏହାର ଅଧିକାରୀ ହୋଇପାରନ୍ତି । ଭୋଗ ସୁଖଦାନ ହେତୁ ସ୍ୱାମୀ ସ୍ତ୍ରୀ ପରସ୍ପର ଶରୀରର ଅଧିକାରୀ ହୋଇପାରନ୍ତି । ମୃତ ଦେହ ଶେଷରେ ଅଗ୍ନି ଦହ୍ୟ ହେତୁ ଅଗ୍ନି ତାହାର ଅଧିକାରୀ ହୋଇପାରନ୍ତି ବା ତା ଗୁଧ୍ର, ଶ୍ୱାନ ଓ ଶୃଗାଳର ଭକ୍ଷ୍ୟ ହେତୁ ସେମାନେ ତାହାର ଅଧିକାରୀ ହୋଇପାରନ୍ତି । ଦେହ କୃତ ଶୁଭାଶୁଭ କର୍ମର ଭାଗୀ ବୋଲି ଆତ୍ମା ତାହାର ଅଧିକାରୀ ହୋଇପାରେ । ଅଥବା ବନ୍ଧୁବର୍ଗ ଶରୀର ଉପକାରୀ ହେତୁ ସେମାନେ ତାହାର ଅଧିକାରୀ ହୋଇପାରନ୍ତି, ପୁଣି ଏ ଦେହ ଯେତେବେଳେ ଅସ୍ୱାଭାବିକ ବା ଆକସ୍ମିକ ଭାବେ ଧ୍ୱଂସ ପାଏ ସେତେବେଳେ କେହି ଏହାକୁ ରକ୍ଷା କରିପାରନ୍ତି ନାହିଁ । ଯଦି କେହି ଏହାର ରକ୍ଷକ ନାହିଁ ତେବେ କିଏ କାହିଁକି ଏହାର ଅଧିକାରୀ ହେବ ? ଏହି ପ୍ରକାର ବିଚିତ୍ର ଅପବିତ୍ର ଶରୀର ଯାହାକି ଅବଶେଷରେ ଭସ୍ମରେ ପରିଣତ ହେବ ତାକୁ ପୁଣି କୁହାଯାଏ ଆହାଃ ମୁଖ କି ସୁନ୍ଦର, ବକ୍ଷ କି ମନୋହର ! ବିଷୟ ସହିତ ଇନ୍ଦ୍ରିୟର ସଂଯୋଗ ହେତୁ ମନରେ ଯେଉଁ ମୋହ ଓ ଚାଞ୍ଚଲ୍ୟ ସୃଷ୍ଟି ହୁଏ ତାହା ହିଁ ଏହି ନିର୍ବୋଧ ଦର୍ଶନର କର୍ତ୍ତା । ତେଣୁ ବିବେକୀ ବୁଦ୍ଧିମାନ ବ୍ୟକ୍ତି ନାରୀ ଓ ନାରୀ ବଶୀଭୂତ ନରର ସଙ୍ଗ ଯଥାସାଧ୍ୟ ପରିହାର କରିବେ । ନାରୀ ପୁରୁଷ ଉଭୟେ ମଧ ପରସ୍ପର ଚିତ୍ତ ଚାଞ୍ଚଲ୍ୟକାରୀ ସାଧନ ପରିଧାନ କରିବା ଉଚିତ୍ । କାରଣ ଅଦୃଷ୍ଟ ଓ ଅଶ୍ରୁତ ବସ୍ତୁରୁ ମନରେ କୌଣସି ବିକାର ଉତ୍ପନ୍ନ ହୁଏନାହିଁ । ଦୃଷ୍ଟି ଓ ଶ୍ରୁତି କାମବିକାରର ପ୍ରଧାନ ସ୍ରଷ୍ଟା । ଶ୍ରୀ ଭଗବାନ କହିଲେ, ରାଜା ପୁରୁରବା ମନରେ ଏପରି ବିଚାର କରି ଉର୍ବଶୀର ଚିନ୍ତା ମନରୁ ପରିହାର କଲେ ଏବଂ ମନକୁ ସ୍ଥିରକରି ବୈରାଗ୍ୟ ଅବଲମ୍ବନ କଲେ । ତାଙ୍କ ହୃଦୟରେ ମୋ ପ୍ରତି ପରମ ଶ୍ରଦ୍ଧା ଓ ଭକ୍ତିର ଉଦ୍ରେକ ହେବା ସଙ୍ଗେ ସଙ୍ଗେ ସମସ୍ତ ମୋହ ଦୂରହେଲା । ସେ ଅବଶିଷ୍ଟ ଜୀବନ ସାଧୁ ସଙ୍ଗ କରି ମୋର ନାମ ଜପି ଜପି ଦେହାନ୍ତ ପରେ ପରମଗତି ପ୍ରାପ୍ତ ହେଲେ । ତେଣୁ ହେ ଉଦ୍ଧବ, ସମସ୍ତ କର୍ମ ବାସନା ତ୍ୟାଗକରି ସାଧୁ ସଙ୍ଗକୁ ଦୃଢ କର, ମୋର ନାମ ଜପ କରି ଆନନ୍ଦରେ ବିହାର କର । ସାଧୁ ସଙ୍ଗ ସ୍ୱତଃ ମନରେ ଶାନ୍ତ, ସମଭାବ ଉତ୍ପନ୍ନ କରେ । ଆତ୍ମପର ଭେଦଭାବ ଲୋପକରେ, ହୃଦୟରେ ଏକ ଅପୂର୍ବ ମଧୁର ଅନିର୍ବଚନୀୟ ଆନନ୍ଦ ଉଲ୍ଲାସ ଜାତ ହେବା ଫଳରେ ଶରୀର ରୋମାଞ୍ଚିତ ହୁଏ । ନୟନରୁ ପୁଲକ ପ୍ରଣୋଦିତ ଅଶ୍ରୁଝରେ । କ୍ଷୁଧା ଓ ତୃଷ୍ଣା ବାଧେନାହିଁ । ଚତୁର୍ଦ୍ଦିଗ ଜ୍ୟୋତିର୍ମୟ ବୋଧହୁଏ ଏବଂ ସକଳ ବସ୍ତୁରେ ମୋର ଶାଶ୍ୱତ ସତ୍ତା ଅନୁଭୂତ ହୁଏ । ହେ ଉଦ୍ଧବ, ଏହି ଭବସାଗରର ଅସୀମ ଜଳରାଶି ପାର ହେବା ନିମିତ୍ତ ସାଧୁସଙ୍ଗ ଏକ ନିଶ୍ଚିତ ନିର୍ଭରଶୀଳ ନୌକା ସଦୃଶ ଅଟେ ।

୨୭ଶ ଅଧ୍ୟାୟ, କ୍ରିୟା ଯୋଗ- ଭଗବତ ପୂଜାପଦ୍ଧତି

ଉଦ୍ଧବ କର ଯୋଡି କହିଲେ, ହେ ଭକ୍ତବାନ୍ଧବ, ଏ ମାୟା ମୋହ ଜନ୍ମ ଅସତ୍ୟ ସଂସାରରେ ତୁମରି ଶ୍ରୀଚରଣ ମାତ୍ର ସତ୍ୟ । ଭକ୍ତମାନେ କିପରି ଭାବରେ ତୁମ ଶ୍ରୀଚରଣରେ ପୂଜାର୍ଚ୍ଚନା କରନ୍ତି , ନିଗମ ଓ ଆଗମ ଶାସ୍ତ୍ର ମତେ କିପରି ତୁମର ଆରାଧନା କରନ୍ତି ସେହି କର୍ମ ଯୋଗ ସାଧନାର ବିଷୟ ଦୟାକରି ପ୍ରକାଶ କର । ତୁମରି ଶ୍ରୀମୁଖ କମଳରୁ ଯେଉଁ ଉପଦେଶାମୃତ ନିର୍ଗତ ହୋଇଥିଲା ତାହ ବ୍ରହ୍ମା, ଭୃଗୁ ପ୍ରଭୃତି ସ୍ୱୀୟ ପୁତ୍ରମାନଙ୍କୁ ଏବଂ ଶଙ୍କର ଦେବୀ ଭବାନୀଙ୍କୁ କହିଥିଲେ । ମୁଁ ଏହି କର୍ମ ଯୋଗକୁ ବ୍ରାହ୍ମଣ, କ୍ଷତ୍ରିୟ, ବୈଶାଦି ସକଳ ବର୍ଣ୍ଣ ଚାରିଆଶ୍ରମର ବ୍ୟକ୍ତିଗଣ ଏବଂ ସ୍ତ୍ରୀ,ଶୂଦ୍ରାଦି ସମସ୍ତଙ୍କ ପକ୍ଷରେ ପରମ କଲ୍ୟାଣଦାୟକ ବୋଲି ମନେକରେ । ହେ ପ୍ରଭୁ, ଜୀବର ଉଦ୍ଧାରକାରୀ ଏହି କ୍ରିୟାଯୋଗ ଆଚରଣ ପଦ୍ଧତି ଦୟାକରି ବୁଝାଇଦିଅ । ଶ୍ରୀ ଭଗବାନ କହିଲେ ହେ ଉଦ୍ଧବ, ସୀମାହୀନ କର୍ମ ଯୋଗର ଶେଷ ନାହିଁ, ମୁଁ ତୁମକୁ ସଂକ୍ଷେପରେ ବୁଝାଇ କହୁଛି । ମୋର ପୂଜାପଦ୍ଧତି ବୈଦିକ, ତାନ୍ତ୍ରିକ ଓ ମିଶ୍ର ଏହିପରି ତିନି ପ୍ରକାର । ଏଥି ମଧରୁ ଯେ କୌଣସିଟି ଅବଲମ୍ବନ କରାଯାଇପାରେ । ବେଦ ବିହିତ ପୂଜାପଦ୍ଧତି ହିଁ ବୈଦିକ ପଦ୍ଧତି । ଏହାର ପରବର୍ତ୍ତୀ କାଳରେ ତାନ୍ତ୍ରିକ ପଦ୍ଧତି ପ୍ରଚଳିତ ହେଲା । ବୈଷ୍ଣବ, ଶାକ୍ତ ଓ ଶୈବ ଆଦି ବିଭିନ୍ନ ତାନ୍ତ୍ରିକ ପଦ୍ଧତି ରହିଅଛି । ପୂର୍ବ ଜନ୍ମର ପୁଣ୍ୟ ଫଳରେ ମାନବ ଏହି ସମସ୍ତ ପ୍ରକାର କର୍ମ ଯଜ୍ଞର ଅନୁଷ୍ଠାନ କରିଥାଏ । ବେଦର ଅଧିକାରୀ ଉପନୟନ ପ୍ରାପ୍ତ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଦୀକ୍ଷା ଗ୍ରହଣ ପୂର୍ବକ ଗାୟତ୍ରୀ ଉପଦେଶ ମତେ ଶ୍ରଦ୍ଧା ଓ ଭକ୍ତିର ସହିତ ମୋତେ ପ୍ରତିମା, ସ୍ଥଣ୍ଡିଳ, ଅଗ୍ନି, ସୂର୍ଯ୍ୟ, ଜଳ, ବ୍ରାହ୍ମଣ ରୂପରେ ଅଥବା ନିଜ ହୃଦୟ କମଳରେ ସ୍ଥାପନ କରି ପୂଜା କରିବ । ଦନ୍ତମାର୍ଜନ, ସ୍ନାନ, ଶୌଚାଦି ଦ୍ୱାରା ସୂଚିମନ୍ତ ଓ ଶୁଦ୍ଧପୂତ ହୋଇ ବେଦ ବା ତନ୍ତ୍ର ମନ୍ତ୍ର ଉଚ୍ଚାରଣ ପୂର୍ବକ ଯଥାବିଧି ପୂଜା କରିବା ଉଚିତ । ଦାରୁ, ପାଷାଣ, ଧାତୁମୟ ପ୍ରତିମା, ଲିପି ଓ ଲେଖନ ଆଦି ଦ୍ୱାରା ମୋର ରୂପର କଳ୍ପନା କରି ପ୍ରତିଷ୍ଠା କରିବ । ବାଲିକା, ମୃତ୍ତିକା ବା ଚନ୍ଦନ ଦ୍ୱାରା ମଧ ଅସ୍ଥାୟୀ ମୂର୍ତ୍ତି ନିର୍ମାଣ କରାଯାଇପାରେ । ଅସ୍ଥାୟୀ ମୂର୍ତ୍ତିର ଆବାହନ ଓ ବିସର୍ଜନ କରାଯାଏ । ମୃଣ୍ମୟୀ, ଲେପ୍ୟ ବା ଲେଖ୍ୟ ବ୍ୟତୀତ ଅନ୍ୟ ପ୍ରତିମାକୁ ପ୍ରତ୍ୟହ ସ୍ନାନ କରାଇବା ଆବଶ୍ୟକ । ଲେପ୍ୟ ଓ ଲେଖ୍ୟ ପ୍ରତିମାକୁ ଦର୍ପଣ ମାଧ୍ୟମରେ ସ୍ନାନ କରାଯାଇପାରେ । ସମସ୍ତ ପ୍ରତିମାକୁ ମାର୍ଜନା କରିବା ବିଧି । ଶ୍ରଦ୍ଧାର ସହିତ ମୋର ପ୍ରତିମା ଉଦ୍ଦେଶ୍ୟରେ ଧୂପ, ଦୀପ, ପୁଷ୍ପ, ଗନ୍ଧ ଓ ଉତ୍ତମ ନୈବେଦ୍ୟ ଅର୍ପଣ କରିବ । ମାନସ ପୂଜା କେବଳ ଭାବଭକ୍ତି ଦ୍ୱାରା ସମ୍ଭବ । ମୋର ପ୍ରତିମାକୁ ବସ୍ତ୍ର, ଅଳଙ୍କାରାଦି ଦ୍ୱାରା ମଣ୍ଡିତ କରି ଘୃତାହୂତି ସହିତ ହୋମ ଯଜ୍ଞ ଦ୍ୱାରା ଅଗ୍ନି ମାଧ୍ୟମରେ ମୋତେ ପୂଜା କରିବ । ଅର୍ଘ୍ୟ ଜଳ ପ୍ରଦାନ କରି ସୂର୍ଯ୍ୟ ମାଧ୍ୟମରେ ମଧ ମୋତେ ପୂଜା କରିବ । ସମସ୍ତ ରସାଳ ବସ୍ତୁ ଆଦିତ୍ୟ ମୁଖରେ ମୋତେ ପ୍ରଦାନ କରିବ । ମୋତେ ଜଳ ଦ୍ୱାରା ଜଳରୂପରେ ପୂଜା କରିବ । ଭକ୍ତର ଶ୍ରଦ୍ଧାପୂର୍ଣ୍ଣ ଫଳ, ପୁଷ୍ପ ଏପରିକି କେବଳ ମାତ୍ର ଜଳାଞ୍ଜଳି ମୋର ପରମ କାମ୍ୟ । ମାତ୍ର ଶ୍ରଦ୍ଧାହୀନ ଦ୍ରବ୍ୟ ଯେତେ ମହାର୍ଘ୍ୟ ମୂଲ୍ୟବାନ ହେଲେ ମଧ ମୁଁ ତାକୁ ସ୍ପର୍ଶ କରେ ନାହିଁ । ହେ ଉଦ୍ଧବ, ମୋର ପୂଜାର ନିର୍ଦ୍ଦିଷ୍ଟ କୌଣସି ରୀତି, ନୀତି ବା ପଦ୍ଧତି ନାହିଁ । ଆନ୍ତରିକ ଶ୍ରଦ୍ଧା ଓ ଭକ୍ତି ସହିତ ମୋତେ ଯିଏ ଯେଉଁପ୍ରକାର ପୂଜାକଲେ ମଧ ମୁଁ ଆନନ୍ଦର ସହିତ ତାକୁ ଗ୍ରହଣ କରେ ଓ ମୋର ପୂଜକକୁ ଉଦ୍ଧାର କରେ । ତେବେ ପୂଜାର ଏକ ସାଧାରଣ ପଦ୍ଧତି ଅଛି,ପବିତ୍ର ଜଳରେ ସ୍ନାନ, ମାର୍ଜନ ଆଦି ଶେଷ କରି ସମସ୍ତ ପୂଜାଦ୍ରବ୍ୟ, ତିଳ, କୁସୁମ, କୁଶ ଆଦି ଧରି ପୂଜାସ୍ଥାନରେ କୁଶାସନରେ ପୂର୍ବ ବା ଉତ୍ତରାଭିମୁଖୀ ହୋଇ ପ୍ରତିମା ସମ୍ମୁଖରେ ବସିବ । ନିଜର କରନ୍ୟାସ ଓ ଅଙ୍ଗନ୍ୟାସ ପୂର୍ବକ ମନ୍ତ୍ର ଉଚ୍ଚାରଣ କରି କୁଶନୀର ଦ୍ୱାରା ପ୍ରତିମା ମାର୍ଜନା କରିବ । ପୂର୍ଣ୍ଣକୁମ୍ଭ ଓ ପ୍ରକ୍ଷଣ ପାତ୍ରରେ ସଂସ୍କାର କରିବ, ପୂଜାଦ୍ରବ୍ୟ ଓ ପୂଜାସ୍ଥାନ ଇତ୍ୟାଦି ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ ପୂର୍ବକ ଜଳ ସିଞ୍ଚି ଶୁଦ୍ଧି ବିଧାନ କରିବ ଏବଂ ମୋର ଶ୍ରୀନାରାୟଣ ମୂର୍ତ୍ତିକୁ ଧ୍ୟାନ କରିବ । ସୁମନ୍ତ ପାଠ ଦ୍ୱାରା ମୋତେ ପ୍ରତିମାଠାରେ ଆବାହନ ଓ ସ୍ଥାପନ କରିବ ଏବଂ ବିଧିମତେ ପାଦ୍ୟ, ଆଚମନୀୟ ଅର୍ଘ୍ୟାଦି ଅର୍ପଣ କରିବ । ବିମଳାଦି ନବଶକ୍ତିର ପୂଜା କରିବା ସହ କର୍ଣ୍ଣିକା ଓ କେଶର ଦ୍ୱାରା ଅଷ୍ଟଦଳ ପଦ୍ମର କଳ୍ପନା କରି ତନ୍ମଧ୍ୟରେ ମୋତେ ବେଦ ଓ ତନ୍ତ୍ର ଉପଦିଷ୍ଟ ବିଧିରେ ପୂଜାକରିବ । ପରେ ସୁଦର୍ଶନ ଚକ୍ର, ପାଞ୍ଚଜନ୍ୟ ଶଙ୍ଖ, ଗଦା, ପଦ୍ମ,ଖଡ୍ଗ, ବାଣ, ଧନୁ, ହଳମୂଷଳ, କୌସ୍ତୁଭମଣି, ବନମାଳା ଓ ଶ୍ରୀବତ୍ସ ଚିହ୍ନକୁ ମନ ଧ୍ୟାନ ନେତ୍ରରେ ଦର୍ଶନ କରି ପୂଜା କରିବ । ସୁବଳ, ପାରିଷଦ ବୃନ୍ଦ, ନନ୍ଦ, ସୁନନ୍ଦ, ମହାନନ୍ଦ, ଗରୁଡ, ପ୍ରଚଣ୍ଡ, ଚଣ୍ଡ, ସୁଚଣ୍ଡ, ମହାବଳ, ବଳ, କୁମୁଦ, ଦୁର୍ଗା, ବିନାୟକ, ବ୍ୟାସ, ବିଶ୍ୱକସେନ, ଗୁରୁଗଣ ଓ ଦିଗପାଳଗଣଙ୍କୁ ମଧ ନିର୍ଦ୍ଦିଷ୍ଟ ସ୍ଥାନରେ ଅର୍ଘ୍ୟାଦି ପ୍ରଦାନ ପୂର୍ବକ ପୂଜା କରିବ । ସୁଗନ୍ଧଚନ୍ଦନ, କର୍ପୂର, କୁଙ୍କୁମ, କସ୍ତୁରୀ, ଧୂପ, ଦୀପ, ଉତ୍ତମ ନୈବେଦ୍ୟ, ବସ୍ତ୍ର ଅଳଙ୍କାରାଦି ଦ୍ୱାରା ମୋର ପ୍ରତିମା ପୂଜା କରିବ । ପ୍ରତିମା ସମ୍ମୁଖରେ ସାତ୍ୱିକ ଗୀତନୃତ୍ୟ କରିବ । ପ୍ରତ୍ୟହ ପ୍ରତ୍ୟୁଷରେ ସୁଗନ୍ଧ ତୈଳମର୍ଦ୍ଦନ, ଦନ୍ତମାର୍ଜନ, ପଞ୍ଚାମୃତ ସ୍ନାନ ଇତ୍ୟାଦି ଯଥାବିଧି କରାଇବ । ପୂଜା ଅନ୍ତେ ଅଗ୍ନିକୁଣ୍ଡରେ ଘୃତାହୂତି ଅର୍ପଣ କରି ହୋମ କରିବ । ଅନଳ ମଧ୍ୟରେ ମୋ ତପ୍ତ କାଞ୍ଚନ ବର୍ଣ୍ଣ, ଆୟୁଧ, ଅଳଙ୍କାର ପରିଶୋଭିତ ଦିବ୍ୟରୂପ ଧ୍ୟାନ କରିବ । ନାମ, ଗୋତ୍ର ଉଚ୍ଚାରଣ ପୂର୍ବକ ପାରିଷଦବର୍ଗର ପୂଜା କରି ପ୍ରତ୍ୟେକଙ୍କୁ ପ୍ରଣାମ କରିବ । ମୂଳମନ୍ତ୍ର ବା ପୁରୁଷ ସୂକ୍ତର ଷୋଳଟି ମନ୍ତ୍ର ଉଚ୍ଚାରଣ କରି ଘୃତସିକ୍ତ ହବନୀୟ ଦ୍ରବ୍ୟ ଅଗ୍ନିରେ ଆହୂତି ଦେବ । ଧର୍ମାଦି ଦେବଗଣଙ୍କୁ ପୂଜାର କ୍ରମାନୁସାରେ ମନ୍ତ୍ର ଉଚ୍ଚାରଣ ପୂର୍ବକ ଆହୂତି ପ୍ରଦାନ କରିବ । ସର୍ବାଗ୍ରେ ମୋର ପ୍ରସାଦ ବିଶ୍ୱକସେନଙ୍କୁ ନିବେଦନ କରି ସୁଗନ୍ଧ ତାମ୍ବୁଳ ମୋତେ ଅର୍ପଣ କରି ପୁନର୍ବାର ପୁଷ୍ପାଞ୍ଜଳି ପ୍ରଦାନ କରିବ । ମୋର ନାମ, ଯଶଗୁଣ ଆଦି ସ୍ତବ, ସ୍ତୁତିପାଠ କରିବ । ନୃତ୍ୟ ଗୀତାଦି ଦ୍ୱାରା ମୋର ଲୀଳାଭିନୟ କରିବା ସହ ପବିତ୍ର ଗାଥା ଶୁଣି ଶୁଣାଇ ମନରୁ ଚଞ୍ଚଳତା ତ୍ୟାଗକରି ଶାନ୍ତ ଭାବ ପୋଷଣ କରି ମୋର ଚରଣରେ ଭକ୍ତିଭାବେ ଦଣ୍ଡପ୍ରଣାମ କରି କହିବ, ହେ ପ୍ରଭୁ. ମୋ ପ୍ରତି ପ୍ରସନ୍ନ ହୁଅ । ଭବ ସାଗରରୁ ପାରିକର । ମୋର ପ୍ରସାଦ ସେବନ କରିବ ଓ କରାଇବ । ମୋର ଦର୍ଶନ ଓ ଗୁଣ ଶ୍ରବଣ ବ୍ୟତୀତ ଯଥାସମ୍ଭବ ଅନ୍ୟ ଦର୍ଶନ ଓ ଶ୍ରବଣ ପରିହାର କରିବ । ସର୍ବଦା ମୋର ଭାବରେ ଆନନ୍ଦ ବିଭୋର ହୋଇ ଉଦାସୀନ ଭାବରେ କାଳଯାପନ କରିବ, ସମ୍ଭବ ହେଲେ ମନ୍ଦିର ନିର୍ମାଣ କରାଇ ପ୍ରତିମା ସ୍ଥାପନ କରି ପୂଜା କରିବ । ମୋର ବିଶେଷ ପର୍ବପର୍ବାଣୀ ଯଥାନିୟମ ପାଳନ କରିବ । ମୋର ପୂଜାର୍ଚ୍ଚନା ନିମନ୍ତେ ମନ୍ଦିର ପରିସରରେ ପୁଷ୍ପବାଟିକା, କୂପ, ପୁଷ୍କରିଣୀ ଆଦି ରଚନା କରିବ । ଭକ୍ତ ମୋର ମୂର୍ତ୍ତି ପ୍ରତିଷ୍ଠା ଦ୍ୱାରା ରାଜ ଚକ୍ରବର୍ତ୍ତୀ, ମନ୍ଦିର ପ୍ରତିଷ୍ଠା ଦ୍ୱାରା ତ୍ରିଭୁବନ ଅବାଧଗତି, ପୂଜାର ଫଳ ସ୍ୱରୂପ ବ୍ରହ୍ମଲୋକ ପ୍ରାପ୍ତି ଏବଂ ଏହି ତ୍ରିବିଧ କର୍ମ ସମ୍ପାଦନ ଦ୍ୱାରା ମୋର ସମାନତା ପ୍ରାପ୍ତ ହୁଏ ଏବଂ ଭକ୍ତିଯୋଗର ସିଦ୍ଧି ପ୍ରାପ୍ତ ହୁଏ । ନିଷ୍କାମ ଭକ୍ତି ଯୋଗ ଦ୍ୱାରା ଭକ୍ତ ସ୍ୱତଃ ସାଲୋକ୍ୟ ମୁକ୍ତି ଲାଭ କରେ । ଯେଉଁ ବ୍ୟକ୍ତି ମୋର ପୂଜା କର୍ମ ସ୍ୱୟଂ କରନ୍ତି, ଯିଏ ଅସାମର୍ଥ୍ୟ ହେତୁ ଅନ୍ୟଦ୍ୱାରା କରାନ୍ତି, ଯିଏ ମୋର ପୂଜାକୁ ଦର୍ଶନ କରନ୍ତି ଏବଂ ଯିଏ ଏସବୁ କିଛିନକରି ମଧ କେବଳ ଦୁଃଖ ବିପଦରେ ଅନ୍ୟର ସହାୟ ହୁଅନ୍ତି-ଏହି ଚାରିପ୍ରକାର ବ୍ୟକ୍ତି ସମଫଳ ଲାଭ କରନ୍ତି । ସେମାନଙ୍କର ସଦଗତି ହୁଏ ।

(କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

ସମ୍ପର୍କର ଗାଣ୍ଠି

ଅନ୍ୟାୟ ସହିବା ଅର୍ଥ ପ୍ରଶୟ ଦେବା



ଶ୍ୱେତା ରାଉତ୍

ସହନଶୀଳତା ଏକ ମହତ୍ ଗୁଣ । କ୍ଷମା, ଧୈର୍ଯ୍ୟ ଓ ସଂଯମ ମଣିଷର ବ୍ୟକ୍ତିତ୍ୱକୁ ମହାନ କରେ । କିନ୍ତୁ ସହନଶୀଳତା ଓ ଅନ୍ୟାୟକୁ ସହିଯିବା ମଧ୍ୟରେ ଆକାଶପାତାଳ ପାର୍ଥକ୍ୟ ରହିଛି । ଛୋଟ ଛୋଟ କଥାରେ ପ୍ରତିକ୍ରିୟା ନଦେବା ହେଉଛି ସଂଯମ, କିନ୍ତୁ ଅନ୍ୟାୟ ଆଖି ଆଗରେ ଘଟୁଥିବା ସତ୍ତ୍ୱେ ଭୟରେ ମୁହଁ ବନ୍ଦ କରିଦେବା ହେଉଛି ଦୁର୍ବଳତା । କ୍ଷମା କରିବା ମହାନତା, କିନ୍ତୁ କାହାର ଭୁଲ୍‌କୁ ବାରମ୍ବାର କ୍ଷମା କରି ତାକୁ ସୁଧୁରିବାର ସୁଯୋଗ ନଦେଇ ଅନ୍ୟାୟ କରିବା ପାଇଁ ଅଭ୍ୟସ୍ତ କରିଦେବା ମହାନତା ନୁହେଁ । ଯେଉଁଠି ଆମର ନମ୍ରତାକୁ ଦୁର୍ବଳତା ଭାବି ଅପବ୍ୟବହାର କରାଯାଏ, ସେଠି ନିଜର ସମ୍ମାନ ଓ ଅଧିକାର ପାଇଁ ସ୍ୱର ଉଠାଇବା ଆବଶ୍ୟକ ।

ପରିବାରରେ ଜଣେ ବ୍ୟକ୍ତି ଅନ୍ୟ ଜଣଙ୍କୁ ବାରମ୍ବାର ଅପମାନିତ କରୁଥିଲେ, ତାକୁ ଶାନ୍ତି ରକ୍ଷା କରିବା ନାମରେ ସହିଯିବା ଦ୍ୱାରା ସମସ୍ୟାର ସମାଧାନ ହୁଏ ନାହିଁ । ବରଂ ଅପମାନ କରୁଥିବା ବ୍ୟକ୍ତି ମନରେ ଏକ ଧାରଣା ସୃଷ୍ଟି ହୁଏ ଯେ, ତାଙ୍କର ଆଚରଣକୁ କେହି ପ୍ରତିବାଦ କରିବେ ନାହିଁ । ଧୀରେ ଧୀରେ ଏହା ତାଙ୍କର ଅଭ୍ୟାସରେ ପରିଣତ ହୁଏ । ଯେଉଁଠି ପ୍ରଥମ ଦିନରେ ପ୍ରତିବାଦ କରିବାର ସାହସ ଥିଲେ ପରିସ୍ଥିତି ବଦଳିପାରିଥାନ୍ତା, ସେଠି ନିରବତା ଆଗାମୀ ଦିନରେ ଅଧିକ କଷ୍ଟର କାରଣ ହୋଇଥାଏ ।କାର୍ଯ୍ୟକ୍ଷେତ୍ରରେ ମଧ ଏହାର ଉଦାହରଣ ଅନେକ । ଜଣେ କର୍ମଚାରୀଙ୍କ ପ୍ରତି ଅନ୍ୟାୟ ହେଉଥିଲେ ଅନ୍ୟମାନେ ଯଦି ନିଜ ସ୍ୱାର୍ଥ ଓ ପଦପଦବୀ ହରାଇବା ଭୟରେ ଚୁପ୍ ରହନ୍ତି, ତେବେ ଅନ୍ୟାୟକାରୀ ଆହୁରି ଶକ୍ତିଶାଳୀ ହୋଇଯାଏ । ଆଜି ଅନ୍ୟ ଜଣଙ୍କ ପ୍ରତି ହେଉଥିବା ଅନ୍ୟାୟକୁ ଆମେ ନିରବରେ ଦେଖୁଥାଉ, କାଲି ସେହି ଅନ୍ୟାୟର ଶିକାର ଆମେ ମଧ ହୋଇପାରୁ । ଅନ୍ୟାୟ କେବେ ଜଣେ ବ୍ୟକ୍ତି ପାଖରେ ସୀମିତ ରହେ ନାହିଁ । ତାହାକୁ ରୋକା ନଗଲେ ଏହା ଧୀରେ ଧୀରେ ଏକ ବ୍ୟବସ୍ଥାରେ ପରିଣତ ହୁଏ, ଯେଉଁଠି ସତ୍ୟ କହିବା ଅପରାଧ ଏବଂ ଅନ୍ୟାୟ କରିବା ଶକ୍ତିର ପରିଚୟ ପାଲଟିଯାଏ ।

ଜଣେ ନିର୍ଦ୍ଦୋଷ ବ୍ୟକ୍ତି ଅତ୍ୟାଚାରର ଶିକାର ହେଉଥିବାବେଳେ ତାଙ୍କ ପାଖରେ ଠିଆ ହେବା ମାନବିକତାର ପରିଚୟ । ନିଜେ ଅନ୍ୟାୟ ନକରିବା ଯେତିକି ଜରୁରୀ, ଅନ୍ୟାୟର ଶିକାର ହେଉଥିବା ଲୋକଙ୍କୁ ସମ୍ଭବ ଅନୁସାରେ ସହଯୋଗ କରିବା ମଧ ସେତିକି ଜରୁରୀ ।ଅନ୍ୟାୟକୁ ସହିବାର ଅନ୍ୟ ଏକ କାରଣ ହେଉଛି ଭୟ । କେଉଁଠି ସମ୍ପର୍କ ଭାଙ୍ଗିଯିବାର ଭୟ, କେଉଁଠି ସମାଜରେ ବଦନାମ ହେବାର ଭୟ, ଆଉ କେଉଁଠି ନିଜର ସ୍ୱାର୍ଥ ହରାଇବାର ଭୟ ମଣିଷକୁ ନିରବ ରହିବାକୁ ବାଧ କରେ ।ଅନ୍ୟାୟ କରିବା ଅପରାଧ, କିନ୍ତୁ ଅନ୍ୟାୟକୁ ନିରବରେ ସହିଯିବା ମଧ ସମାଜ ପ୍ରତି ଏକ ନୈତିକ ଅବହେଳା । ଆମର ନିରବତା ଯେପରି ଅନ୍ୟାୟକାରୀର ସାହସ ନବଢ଼ାଏ, ସେଥିପ୍ରତି ସଚେତନ ହେବା ଦରକାର ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ୍,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦



ଗରମ ଗରମ ଚା' ସାଙ୍ଗରେ ଖାଉଛନ୍ତି କି ବିସ୍କୁଟ୍ ? ସାବଧାନ କୁଣିଆ ହୋଇ ଦେହକୁ ପ୍ରବେଶ କରୁଛି ରୋଗ । ଶରୀରକୁ କିଛି ଏମିତି ସଢ଼ାଉଛି ଅପରାହ୍ନ ପରର ଚା' । ଆପଣ ବି ଦିନକୁ ଏତେ ଥର ଚା' ପିଉଛନ୍ତି କି ? ତା'ହେଲେ ସତର୍କ ହୁଅନ୍ତୁ ନହେଲେ ବଡ଼ ଅସୁବିଧାରେ ପଡ଼ିବେ । ଗରମାଗରମ ଚା'.. ଅନେକ ଭାରତୀୟଙ୍କ ସକାଳର ଆରମ୍ଭ । ଶୁଭସକାଳର ସନ୍ଦେଶ ନେଇ ଆସୁଥିବା ଏହି ଚା' ନ ପିଇଲେ ସକାଳଟା ଯେମିତି ମାନ୍ଦା ମାନ୍ଦା ଲାଗେ । ଖଟିରୁ ଆରମ୍ଭ କରି ବେଡରୁମ୍ ଖଟ ପର୍ଯ୍ୟନ୍ତ ସବୁଠି ଛାପ ଛାଡୁଥିବା ଗରମ ଚା'ର ଚର୍ଚ୍ଚା ଯେତେ କଲେ ବି କମ୍ । କିନ୍ତୁ ବେଳେବେଳେ ଚା'ର ମାତ୍ରା ଜୀବନରେ ଏତେ ଅଧିକ ହୋଇଯାଏ ଯେ ଅଖା ଧୋଉଥିବ ଗୁଣ ଗାଉଥିବ ଭଳି ସମସ୍ୟା ଉପୁଜେ ।

ଗରମ ଗରମ ଚା' ସାଙ୍ଗରେ ଖାଉଛନ୍ତି କି ବିସ୍କୁଟ୍ ? ସାବଧାନ କୁଣିଆ ହୋଇ ଦେହକୁ ପ୍ରବେଶ କରୁଛି ରୋଗ । ଶରୀରକୁ କିଛି ଏମିତି ସଢ଼ାଉଛି ଅପରାହ୍ନ ପରର ଚା' । ଆପଣ ବି ଦିନକୁ ଏତେ ଥର ଚା' ପିଉଛନ୍ତି କି ? ତା'ହେଲେ ସତର୍କ ହୁଅନ୍ତୁ ନହେଲେ ବଡ଼ ଅସୁବିଧାରେ ପଡ଼ିବେ । ଗରମାଗରମ ଚା'.. ଅନେକ ଭାରତୀୟଙ୍କ ସକାଳର ଆରମ୍ଭ । ଶୁଭସକାଳର ସନ୍ଦେଶ ନେଇ ଆସୁଥିବା ଏହି ଚା' ନ ପିଇଲେ ସକାଳଟା ଯେମିତି ମାନ୍ଦା ମାନ୍ଦା ଲାଗେ । ଖଟିରୁ ଆରମ୍ଭ କରି ବେଡରୁମ୍ ଖଟ ପର୍ଯ୍ୟନ୍ତ ସବୁଠି ଛାପ ଛାଡୁଥିବା ଗରମ ଚା'ର ଚର୍ଚ୍ଚା ଯେତେ କଲେ ବି କମ୍ । କିନ୍ତୁ ବେଳେବେଳେ ଚା'ର ମାତ୍ରା ଜୀବନରେ ଏତେ ଅଧିକ ହୋଇଯାଏ ଯେ ଅଖା ଧୋଉଥିବ ଗୁଣ ଗାଉଥିବ ଭଳି ସମସ୍ୟା ଉପୁଜେ । ଚା'ରେ ଥିବା କେଫିନ୍ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ଡାକ୍ତର ମଧ ଉପଦେଶ ଦିଅନ୍ତି । କିନ୍ତୁ ଚା'ଅଭ୍ୟାସରେ ପଡ଼ିଥିବା ଲୋକ ଦୈନିକ ୧୦ ରୁ ୧୫ ଥର ଚା' ନ ପିଇଲେ ତାଙ୍କ ମନ ଶାନ୍ତି ହୁଏନାହିଁ । ଏହି ଅଭ୍ୟାସ ମଣିଷର ସ୍ୱାସ୍ଥ୍ୟ ପାଇଁ କେତେ ଠିକ୍ ଏବଂ ଏନେଇ କ'ଣ କୁହନ୍ତି ଏକ୍ସପର୍ଟ ଆସନ୍ତୁ ଜାଣିବା । ଆଇସିଏମଆରର ଏକ ରିପୋର୍ଟ ଅନୁସାରେ, ଚା'ଏବଂ କଫି ଉଭୟରେ କେଫିନର ମାତ୍ରା ଥାଏ । ଯାହା ସେଣ୍ଟ୍ରଲ୍ ନର୍ଭସ ସିଷ୍ଟମକୁ ଷ୍ଟିମୁଲେଟ୍ କରି ଅଭ୍ୟାସରେ ପରିଣତ କରାଇଥାଏ । ୧୫୦ ମିଲି କପ୍ ଚା'ରେ ୩୦ ରୁ ୬୫ ମିଲିଗ୍ରାମ୍ କେଫିନ୍ ଥାଏ ତେଣୁ ବିଶେଷଜ୍ଞ ଦୈନିକ ୨ କପରୁ ଅଧିକ ଚା' ନ ପିଇବା ପାଇଁ ପରାମର୍ଶ ଦେଇଥାନ୍ତି । ଦିନକୁ କପେ ଚା' ପିଇବା ସ୍ୱାସ୍ଥ୍ୟ ପ୍ରତି ଅହିତକର ନୁହେଁ କିନ୍ତୁ ଚା'ସହ ଯଦି ସ୍ନାକ୍ସ ଖାଉଛନ୍ତି ଏହା ରୋଗ ଜନ୍ମାଇବାର ଏକ ବଡ଼ କାରଣ ହୋଇପାରେ । ଅନେକ ଲୋକ ଚା' ସହ ବିସ୍କୁଟ୍ , ଟୋଷ୍ଟ୍ ଏବଂ ପକୋଡ଼ା ଭଳି ସ୍ନାକ୍ସ ଖାଇଥା'ନ୍ତି । ଏହି ସ୍ନାକ୍ସରେ ଥିବା କ୍ୟାଲୋରୀ କେଫିନ୍ ସହ ମିଶି ଶରୀରକୁ ଆହୁରି ଖରାପ ହେବା ଦିଗରେ ନେଇଯା'ନ୍ତି । ନ୍ୟୁଟ୍ରିସନିଷ୍ଟ୍ କୁହନ୍ତି ଯେ ଚା' ସହ ୪ ରୁ ୫ ଟି ବିସ୍କୁଟ୍ ଖାଇବା ଯାହା ସାରାଦିନର କ୍ୟାଲୋରୀ ବଢ଼ାଇବା ତାହା । ଏହି ସ୍ନାକ୍ସରେ ୩୦୦ ରୁ ୪୦୦ କ୍ୟାଲୋରୀ ଥାଏ ଯାହା ବ୍ଲଡ୍ ସୁଗାର ବଢ଼ାଇବାର କାମ କରେ । ଡାଏବେଟିସ୍ , ଓଜନ ବୃଦ୍ଧି ଭଳି ସମସ୍ୟାକୁ ଡ଼ାକିଆଣେ ଚା' ସହ ସ୍ନାକ୍ସ ସେବନ । ତେବେ କେଉଁ ସମୟରେ ଚା' ପିଇବା ହାନିକାରକ ସେ ବିଷୟରେ ସୂଚିତ କରାଇଛନ୍ତି ଆୟୁର୍ବେଦିକ ବିଶେଷଜ୍ଞ । ସକାଳୁ ସକାଳୁ ଖାଲିପେଟରେ ଚା' ପିଇବା ଶରୀର ପ୍ରତି ଆଦୌ ଠିକ୍ ନୁହେଁ । ଖାଲିପେଟରେ କେଫିନ୍ ର ସେବନ ଆପଣଙ୍କ ଶରୀରର କୋର୍ଟିସୋଲରେ ବାଧା ଉପୁଜାଏ ଏବଂ ଦିନ ଆରମ୍ଭରୁ ହିଁ ସ୍ୱାସ୍ଥ୍ୟ ବିଗିଡ଼ିଲା ଭଳି ଲାଗେ । ଭୋଜନ କିମ୍ବା ଜଳଖିଆ ଖାଇବା ସମୟରେ ଚା'ପିଇବା ଆପଣଙ୍କ ପାଚନତନ୍ତ୍ରକୁ ଦୁର୍ବଳ କରିଥାଏ । ଚା' ଏସିଡିକ୍ ହୋଇଥାଏ ଏବଂ ଏଥିରେ ଟେନିନ୍ ରହିଥାଏ ଯାହା ଭୋଜନ ସରିବାର ସଙ୍ଗେ ସଙ୍ଗେ ସେବନ କଲେ ଆୟରନ୍ ଅବଶୋଷଣରେ ବାଧା ଉପୁଜାଇଥାଏ । ସେଥିପାଇଁ ଖାଦ୍ୟ ଖାଇବାର ଘଣ୍ଟାଏ ପୂର୍ବରୁ କିମ୍ବା ତୁରନ୍ତ ବାଦ୍ ଚା' ପିଅନ୍ତୁ ନାହିଁ । ଆପଣଙ୍କୁ ଜାଣି ଆଶ୍ଚର୍ଯ୍ୟ ଲାଗିବ ଅପରାହ୍ନ ୪ ଟା ପରେ ଚା' ପିଇବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ଏହାର କୁପ୍ରଭାବ ପଡ଼ିଥାଏ । ପର୍ଯ୍ୟାପ୍ତ ନିଦ , ଲିଭରରୁ ଟକ୍ସିନ୍‌କୁ ବାହାର କରିବା , କାର୍ଟିସୋଲ୍ ଲେବଲକୁ କମ୍ କରିବା ଏବଂ ପାଚନତନ୍ତ୍ରକୁ ବଢ଼ାଇବା ପାଇଁ ଶୋଇବାର ୧୦ ଘଣ୍ଟା ପୂର୍ବରୁ ଚା' ପିଇବାକୁ ବିଶେଷଜ୍ଞ କୁହନ୍ତି । ତେବେ ଆପଣ ବି ଯଦି ଚା'ଲଭର୍ ତାହେଲେ ଏହି କେଫିନ୍ ପ୍ରେମକୁ ସନ୍ତୁଳନର ସହ ଚଳାନ୍ତୁ ନହେଲେ ଚା' ପିଇବା ଚକ୍କରରେ ଶରୀର କାନ୍ଦୁଥିବ ।

ବିପଦରେ ନିର୍ବାଚନ ଆୟୋଗର ସାମୂହିକ ନେତୃତ୍ୱ

ଭାରତୀୟ ଗଣତନ୍ତ୍ରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଭାବରେ ଭାରତର ନିର୍ବାଚନ ଆୟୋଗ ସର୍ବଦା ଏକ ନିରପେକ୍ଷ ଏବଂ ସ୍ୱଚ୍ଛ ସଂସ୍ଥା ଭାବରେ ପରିଚିତ ହୋଇଆସିଛି । ସମ୍ବିଧାନର ଧାରା ୩୨୪ ଅନୁଯାୟୀ ନିର୍ବାଚନ ଆୟୋଗକୁ ଅବାଧ ଏବଂ ନିରପେକ୍ଷ ନିର୍ବାଚନ ପରିଚାଳନା କରିବାର ସମ୍ପୂର୍ଣ୍ଣ କ୍ଷମତା ପ୍ରଦାନ କରାଯାଇଛି । କିନ୍ତୁ ସାମ୍ପ୍ରତିକ ସମୟରେ ନିର୍ବାଚନ ଆୟୋଗର କାର୍ଯ୍ୟଶୈଳୀ ଏବଂ ଏହାର ଆଭ୍ୟନ୍ତରୀଣ ସ୍ୱଚ୍ଛତାକୁ ନେଇ ଅନେକ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବିଶେଷ କରି ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ବା ସ୍ପେଶାଲ୍ ଇଣ୍ଟେନ୍ସିଭ୍ ରିଭିଜନ୍ ପ୍ରକ୍ରିୟାକୁ ନେଇ ସୁପ୍ରିମକୋର୍ଟରେ ନିର୍ବାଚନ ଆୟୋଗ ଦାଖଲ କରିଥିବା ସତ୍ୟପାଠ ଏହି ସନ୍ଦେହକୁ ଦୂର କରିବା ପରିବର୍ତ୍ତେ ଅଧିକ ରହସ୍ୟମୟ କରିପକାଇଛି । ଇଣ୍ଡିଆନ୍ ଏକ୍ସପ୍ରେସ୍ ଖବରକାଗଜର ଏକ ତଥ୍ୟଭିତ୍ତିକ ଅନୁସନ୍ଧାନମୂଳକ ରିପୋର୍ଟ ପ୍ରକାଶ ପାଇବା ପରେ ସୁପ୍ରିମକୋର୍ଟରେ ଏକ ମାମଲା ଦାୟର କରାଯାଇଥିଲା । ଏହି ରିପୋର୍ଟରେ ଦର୍ଶାଯାଇଥିଲା ଯେ ନିର୍ବାଚନ ଆୟୋଗର ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଏବଂ ସନ୍ତୁଳନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବରେ ଦୁର୍ବଳ ହୋଇପଡ଼ିଛି ଏବଂ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ନେତୃତ୍ୱରେ ଏହା କେବଳ ଜଣେ ବ୍ୟକ୍ତିଙ୍କ ଇଚ୍ଛାରେ ପରିଚାଳିତ ହେଉଛି । ଆୟୋଗ ଦ୍ୱାରା ଦାଖଲ କରାଯାଇଥିବା ସତ୍ୟପାଠରେ ସମସ୍ତ ନିଷ୍ପତ୍ତି ସର୍ବସମ୍ମତି କ୍ରମେ ନିଆଯାଇଛି ବୋଲି ଦର୍ଶାଇବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ଏହା ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ଲୁଚାଇବା ସହିତ ଆଭ୍ୟନ୍ତରୀଣ ଅସ୍ୱଚ୍ଛତାକୁ ପଦାରେ ପକାଇଛି ।

ଏହି ବିବାଦର ମୂଳ କାରଣ ହେଉଛି ଭୋଟର ତାଲିକାର ସଂଶୋଧନ ପ୍ରକ୍ରିୟା ଯେଉଁଥିରେ ବ୍ୟାପକ ଅନିୟମିତତା ଦେଖାଦେଇଛି । ତଥ୍ୟ ଅନୁଯାୟୀ, ୨୦୨୫ ମସିହା ଜୁନ୍ ମାସରୁ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ମାଧ୍ୟମରେ ଦେଶର ୩୦ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଚିଠା ଭୋଟର ତାଲିକାରୁ ପ୍ରାୟ ୧୩ କୋଟି ଭୋଟରଙ୍କ ନାମ କାଟି ଦିଆଯାଇଛି । ଏତେ ବଡ଼ ଧରଣର ନାମ ବାତିଲ୍ ପ୍ରକ୍ରିୟା ସ୍ୱାଭାବିକ ଭାବରେ ସନ୍ଦେହ ସୃଷ୍ଟି କରିଥିଲା । ଅନୁସନ୍ଧାନରୁ ଜଣାପଡ଼ିଛି ଯେ ତିନି ଜଣିଆ ନିର୍ବାଚନ ଆୟୋଗ ମଧ୍ୟରେ ଏହି ପ୍ରକ୍ରିୟାକୁ ନେଇ ତୀବ୍ର ମତଭେଦ ରହିଥିଲା । ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଏବଂ ବିବେକ ଯୋଶୀ ଗତ ୧୦ ମାସ ମଧ୍ୟରେ ଅତି କମରେ ୧୪ ଥର ଆନୁଷ୍ଠାନିକ ଭାବରେ ବିଭିନ୍ନ ନିଷ୍ପତ୍ତି ଉପରେ ନିଜର ଆପତ୍ତି ଦର୍ଶାଇଥିଲେ। ନୂତନ ଭୋଟରଙ୍କ ନାମ ଯୋଡ଼ିବା ଏବଂ ପୁରୁଣା ଭୋଟରଙ୍କ ନାମ କାଟିବା ପରି ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗରେ ଏହି ଦୁଇ କମିଶନରଙ୍କୁ ଅନ୍ଧାରରେ ରଖାଯାଇଥିଲା । ସେମାନେ ଲିଖିତ ଭାବରେ ଅଭିଯୋଗ କରିଥିଲେ ଯେ ସେମାନଙ୍କୁ ନ ଜଣାଇ ଅନେକ ଆଦେଶ ଜାରି କରାଯାଇଛି । କିନ୍ତୁ ସୁପ୍ରିମକୋର୍ଟରେ ଦାଖଲ ହୋଇଥିବା ୨୪୮ ପୃଷ୍ଠାର ସତ୍ୟପାଠରେ ଆୟୋଗ ଏହି ଆପତ୍ତିଗୁଡ଼ିକୁ କେବଳ ଏକ ସାଧାରଣ ପରାମର୍ଶ ପ୍ରକ୍ରିୟାର ଅଂଶ ବୋଲି ଦର୍ଶାଇ ଏଡ଼ାଇ ଯିବାକୁ ଚେଷ୍ଟା କରିଛନ୍ତି । ବାସ୍ତବତା ହେଉଛି, ଏହି ପରାମର୍ଶଗୁଡ଼ିକ ନିଷ୍ପତ୍ତି ନିଆଯିବା ଏବଂ ଆଦେଶ ଜାରି ହେବା ପରେ କରାଯାଇଥିଲା, ଯାହାକି ଆୟୋଗର ସାମୂହିକ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ରୂପେ ଉପହାସ କରୁଛି । ଯଦି ନିଷ୍ପତ୍ତି ପୂର୍ବରୁ ସମସ୍ତଙ୍କ ସହମତି ନିଆଯାଇଥାନ୍ତା, ତେବେ ଏତେ ସଂଖ୍ୟକ ଲିଖିତ ଆପତ୍ତିର ଆବଶ୍ୟକତା ପଡ଼ିନଥାନ୍ତା ।

ନିର୍ବାଚନ ଆୟୋଗଙ୍କ ସତ୍ୟପାଠର ଏକ ବଡ଼ ବିଫଳତା ହେଉଛି ଫର୍ମ-୬ ଏବଂ ଇସିଆଇନେଟ୍ ସଫ୍ଟୱେୟାର ସମ୍ପର୍କିତ ବିବାଦର ସନ୍ତୋଷଜନକ ଉତ୍ତର ନ ଦେବା । ପ୍ରଥମ ଥର ପାଇଁ ଭୋଟର ହେବାକୁ ଯାଉଥିବା ନାଗରିକମାନଙ୍କ ପାଇଁ ଉଦ୍ଦିଷ୍ଟ ଫର୍ମ-୬ ରେ କିଛି ଅନଧିକୃତ ଏବଂ ବେଆଇନ ପରିବର୍ତ୍ତନ କରାଯାଇଥିଲା, ଯାହାକୁ ନେଇ ଦୁଇ କମିଶନର ତୀବ୍ର ବିରୋଧ କରିଥିଲେ । ଯଦିଓ ବର୍ତ୍ତମାନ ଆୟୋଗ ଏହି ପରିବର୍ତ୍ତନକୁ ପ୍ରତ୍ୟାହାର କରିନେଇଛନ୍ତି ଏବଂ ଇସିଆଇନେଟ୍ ସଫ୍ଟୱେୟାରର ଆଇନଗତ ବୈଧତା ଯାଞ୍ଚ କରିବା ପାଇଁ ବିଶେଷଜ୍ଞମାନଙ୍କୁ ନେଇ ଏକ କମିଟି ଗଠନ କରିଛନ୍ତି, ତଥାପି ସତ୍ୟପାଠରେ ନିଜର ଭୁଲକୁ ସ୍ୱୀକାର କରାଯାଇନାହିଁ କିମ୍ବା ଏହି ବେଆଇନ କାର୍ଯ୍ୟ ପାଇଁ କାହାକୁ ଦାୟୀ କରାଯାଇନାହିଁ । ଏହା ଏକ ଗଣତାନ୍ତ୍ରିକ ଅନୁଷ୍ଠାନର ଉତ୍ତରଦାୟିତ୍ୱ ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏହାର ଏକ ଜ୍ୱଳନ୍ତ ଉଦାହରଣ ଗୋଆରେ ଦେଖିବାକୁ ମିଳିଥିଲା । ଗୋଆରେ ଚୂଡ଼ାନ୍ତ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ୯୭ ଜଣ ବୈଧ ଭୋଟରଙ୍କ ମଧ୍ୟରୁ ୮୮ ଜଣ ପୁନର୍ବାର ଫର୍ମ-୬ ମାଧ୍ୟମରେ ଆବେଦନ କରିଥିଲେ । କିନ୍ତୁ ଫେବୃଆରୀ ମାସରେ ଇସିଆଇନେଟ୍ ସଫ୍ଟୱେୟାର ସ୍ଥାନୀୟ ଇଲେକ୍ଟୋରାଲ୍ ରେଜିଷ୍ଟ୍ରେସନ୍ ଅଫିସର ବା ଇଆରଓ ମାନଙ୍କୁ ଏହି ବାତିଲ୍ ନିଷ୍ପତ୍ତିକୁ ପ୍ରତ୍ୟାହାର କରିବାକୁ ବାରଣ କରିଥିଲା । ଆଇନ ଅନୁଯାୟୀ ଭୋଟର ତାଲିକାରେ ପରିବର୍ତ୍ତନ କରିବାର କ୍ଷମତା କେବଳ ଇଆରଓଙ୍କର ଥିବାବେଳେ, ଏକ କେନ୍ଦ୍ରୀକୃତ ସଫ୍ଟୱେୟାର କିପରି ସେମାନଙ୍କ ସାମ୍ବିଧାନିକ କ୍ଷମତାକୁ ଛଡ଼ାଇ ନେଲା, ସେ ବିଷୟରେ ଆୟୋଗଙ୍କ ସତ୍ୟପାଠ ସମ୍ପୂର୍ଣ୍ଣ ନୀରବ ରହିଛି । ବୈଷୟିକ ଜ୍ଞାନକୌଶଳର ବ୍ୟବହାର ପ୍ରକ୍ରିୟାକୁ ସହଜ କରିବା ପାଇଁ ଉଦ୍ଦିଷ୍ଟ, କିନ୍ତୁ ଏହା କେବେବି ଆଇନଗତ ଅଧିକାରୀଙ୍କ କ୍ଷମତାକୁ ଅତିକ୍ରମ କରିପାରିବ ନାହିଁ । ଏହି ପ୍ରସଙ୍ଗରେ ଅସନ୍ତୁଷ୍ଟ କମିଶନରମାନେ କ୍ୟାବିନେଟ୍ ସଚିବଙ୍କ ଦ୍ୱାରସ୍ଥ ହେବା ଘଟଣା ସ୍ଥିତିର ଗମ୍ଭୀରତାକୁ ପ୍ରମାଣିତ କରୁଛି ।

ପଶ୍ଚିମବଙ୍ଗର ପରିସ୍ଥିତି ଏହି ଅସ୍ୱଚ୍ଛତାର ଆଉ ଏକ ଭୟଙ୍କର ଚିତ୍ର ପ୍ରଦାନ କରୁଛି । ସେଠାରେ ଅନେକ ଭୋଟରଙ୍କ ନାମ ତାଲିକାରୁ କାଟି ଦିଆଯିବା ପରେ ସେମାନେ ଆବେଦନ କରି ନିଜ ନାମ ପୁନର୍ବାର ଯୋଡ଼ିବାରେ ସଫଳ ହୋଇଥିଲେ । କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବରେ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ଭୋଟରମାନଙ୍କ ନାମ ଯୋଡ଼ିବା ଆଦେଶ ବିରୋଧରେ ବ୍ୟାପକ ଭାବରେ ପାଲଟା ଅପିଲ୍ ଦାୟର କରାଯାଇଥିଲା । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ନିର୍ବାଚନ ଆୟୋଗଙ୍କ ନାମରେ ଏତେ ବଡ଼ ପଦକ୍ଷେପ ନିଆଯାଉଥିବା ବେଳେ କମିଶନର ସାନ୍ଧୁ ଏବଂ ଯୋଶୀଙ୍କୁ ଏ ବିଷୟରେ ବିନ୍ଦୁବିସର୍ଗ ଜଣା ନଥିଲା । ଯେତେବେଳେ ସେମାନେ ଏହି ବିଷୟରେ ସ୍ପଷ୍ଟୀକରଣ ମାଗିଥିଲେ, ସେତେବେଳେ ମଧ୍ୟ ସେମାନଙ୍କୁ ସଠିକ୍ ତଥ୍ୟ ପ୍ରଦାନ କରାଯାଇନଥିଲା ଏବଂ ସମଗ୍ର ପ୍ରକ୍ରିୟାକୁ ଅତ୍ୟନ୍ତ ଗୋପନୀୟ ରଖାଯାଇଥିଲା । ଏହାଛଡ଼ା ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଟ୍ରିବ୍ୟୁନାଲର ବିଚାରପତିମାନେ ମଧ୍ୟ ଦର୍ଶାଇଛନ୍ତି ଯେ ନିର୍ବାଚନ ଆୟୋଗଙ୍କ ପୋର୍ଟାଲରେ ଆଧାର ପ୍ରମାଣୀକରଣ ବା ଆଧାର ଅଥେଣ୍ଟିକେସନ୍ ବାଧ୍ୟତାମୂଳକ କରାଯିବା ଫଳରେ ସେମାନଙ୍କର ବିଚାର ପ୍ରକ୍ରିୟାରେ ଅନେକ ବାଧାବିଘ୍ନ ସୃଷ୍ଟି ହେଉଛି । ଟ୍ରିବ୍ୟୁନାଲର ବିଚାରପତିମାନେ ଏହି ସମସ୍ୟାର ସମାଧାନ ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଆୟୋଗ ଏହାକୁ ଗୁରୁତ୍ୱର ସହ ନେଇନାହାନ୍ତି । ଆୟୋଗର ସତ୍ୟପାଠ ଏହି ଗମ୍ଭୀର ସମସ୍ୟାଗୁଡ଼ିକର କୌଣସି ଠୋସ୍ ସମାଧାନ ବା ଉତ୍ତର ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି, ଯାହାକି ଆୟୋଗର କାର୍ଯ୍ୟଦକ୍ଷତା ଏବଂ ନିରପେକ୍ଷତା ଉପରେ ସାଧାରଣ ଜନତାଙ୍କ ବିଶ୍ୱାସକୁ ଦୋହଲାଇ ଦେଇଛି ।

ଭାରତର ନିର୍ବାଚନ ଆୟୋଗର ଇତିହାସକୁ ଦେଖିଲେ ଜଣାଯାଏ ଯେ ଏହା ସର୍ବଦା ଏକ ସାମୂହିକ ନେତୃତ୍ୱ ଆଧାରରେ ପରିଚାଳିତ ହୋଇଆସିଛି । ୧୯୯୩ ମସିହାରେ ଯେତେବେଳେ ଆୟୋଗକୁ ବହୁ-ସଦସ୍ୟ ବିଶିଷ୍ଟ କରାଗଲା, ସେତେବେଳେ ଏହାର ମୂଳ ଲକ୍ଷ୍ୟ ଥିଲା କ୍ଷମତାର ବିକେନ୍ଦ୍ରୀକରଣ ଏବଂ ପାରସ୍ପରିକ ସହମତି ଭିତ୍ତିରେ ନିଷ୍ପତ୍ତି ଗ୍ରହଣ କରିବା । ମୁଖ୍ୟ ନିର୍ବାଚନ କମିଶନର ଏବଂ ଅନ୍ୟ ଦୁଇ କମିଶନରଙ୍କ କ୍ଷମତା ସମାନ ରହିବା ଉଚିତ୍ ବୋଲି ଆଇନରେ ସ୍ପଷ୍ଟ ବ୍ୟବସ୍ଥା ରହିଛି । କିନ୍ତୁ ସାମ୍ପ୍ରତିକ ଘଟଣାବଳୀ ପ୍ରମାଣିତ କରୁଛି ଯେ ଆୟୋଗ ବର୍ତ୍ତମାନ ଏକଚ୍ଛତ୍ରବାଦୀ ଶାସନ ଆଡ଼କୁ ଗତି କରୁଛି । ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଦୁଇ ଜଣ କମିଶନରଙ୍କୁ ବଣା କରିବା କିମ୍ବା ସେମାନଙ୍କ ଆପତ୍ତିକୁ ଅଣଦେଖା କରିବା କେବଳ ଏକ ପ୍ରଶାସନିକ ତ୍ରୁଟି ନୁହେଁ, ବରଂ ଏହା ସାମ୍ବିଧାନିକ ବ୍ୟବସ୍ଥା ଉପରେ ଏକ ବଡ଼ ଆକ୍ରମଣ । ତଥ୍ୟ ଦର୍ଶାଉଛି ଯେ ଯେଉଁ ୧୩ କୋଟି ଭୋଟରଙ୍କ ନାମ କାଟି ଦିଆଯାଇଛି, ସେମାନଙ୍କ ମଧ୍ୟରେ ଅନେକ ଗରିବ, ଅଶିକ୍ଷିତ ଏବଂ ପ୍ରାନ୍ତୀୟ ବର୍ଗର ଲୋକ ଅଛନ୍ତି ଯେଉଁମାନଙ୍କ ପାଇଁ ବୈଷୟିକ ତ୍ରୁଟିର ସମ୍ମୁଖୀନ ହୋଇ ନିଜର ଭୋଟ୍ ଅଧିକାର ସାବ୍ୟସ୍ତ କରିବା ଅତ୍ୟନ୍ତ କଷ୍ଟକର । ଏହିଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ଆୟୋଗର ସର୍ବୋଚ୍ଚ ସ୍ତରରେ ମତଭେଦ ରହିବା ଏବଂ ତାହାକୁ ଲୁଚାଇବାକୁ ପ୍ରୟାସ କରିବା ଅତ୍ୟନ୍ତ ନିରାଶାଜନକ । ସରକାରୀ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ପାଇଁ ଉଦ୍ଦିଷ୍ଟ ଅନୁଷ୍ଠାନ ଯଦି ନିଜେ ଅସ୍ୱଚ୍ଛତାର ଶିକାର ହୁଏ, ତେବେ ସାଧାରଣ ନାଗରିକ ନ୍ୟାୟ ପାଇଁ କାହା ପାଖକୁ ଯିବେ ତାହା ଏକ ବଡ଼ ପ୍ରଶ୍ନ ।

ଏକ ସୁସ୍ଥ ଗଣତନ୍ତ୍ର ପାଇଁ ନିର୍ବାଚନ ଆୟୋଗର ବିଶ୍ୱସନୀୟତା ଏବଂ ସ୍ୱଚ୍ଛତା ଅପରିହାର୍ଯ୍ୟ ଅଟେ । ନିର୍ବାଚନ ଆୟୋଗର ମୁଖ୍ୟ କାର୍ଯ୍ୟ ହେଉଛି ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ଭୋଟ୍ ଦେବାର ଅଧିକାରକୁ ସୁରକ୍ଷିତ ରଖିବା ଏବଂ ଏକ ସୁଦୃଢ଼ ଗଣତାନ୍ତ୍ରିକ ବ୍ୟବସ୍ଥା ଗଠନ କରିବା । କିନ୍ତୁ ବର୍ତ୍ତମାନର ପରିସ୍ଥିତିରେ ଭୋଟରମାନଙ୍କୁ ନିଜର ନାଗରିକତ୍ୱ ଏବଂ ଭୋଟ୍ ଦେବାର ଯୋଗ୍ୟତା ପ୍ରମାଣ କରିବା ପାଇଁ ଅଯଥା ହଇରାଣ ହେବାକୁ ପଡୁଛି । ଆୟୋଗର ଆଭ୍ୟନ୍ତରୀଣ କ୍ଷମତା କନ୍ଦଳ, ଏକଚ୍ଛତ୍ରବାଦୀ ମନୋଭାବ ଏବଂ ବୈଷୟିକ ଜ୍ଞାନକୌଶଳର ଅପବ୍ୟବହାର ଯୋଗୁଁ ଲକ୍ଷ ଲକ୍ଷ ସାଧାରଣ ଭୋଟର ନିଜର ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଭାରତ ପରି ଏକ ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚନ ପ୍ରକ୍ରିୟା କେବଳ ଯାନ୍ତ୍ରିକ ନୁହେଁ, ବରଂ ଏହା ଲୋକମାନଙ୍କ ଆସ୍ଥା ଏବଂ ବିଶ୍ୱାସ ଉପରେ ପର୍ଯ୍ୟବେସିତ । ତେଣୁ ଆୟୋଗର କୌଣସି ବି ପଦକ୍ଷେପ ସନ୍ଦେହମୁକ୍ତ ହେବା ଆବଶ୍ୟକ । ସୁପ୍ରିମକୋର୍ଟ ଅତୀତରେ ଅନେକ ଥର ସମ୍ବିଧାନର ଧାରା ୩୨୪ର ସୁରକ୍ଷା କରି ନିର୍ବାଚନ ଆୟୋଗର ସ୍ୱାଧୀନତା ବଜାୟ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ବର୍ତ୍ତମାନ ସମୟ ଆସିଛି, ସର୍ବୋଚ୍ଚ ନ୍ୟାୟାଳୟ ଏହି ଅସମ୍ପୂର୍ଣ୍ଣ ସତ୍ୟପାଠକୁ ଗ୍ରହଣ ନକରି ନିର୍ବାଚନ ଆୟୋଗକୁ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ କଠୋର ନିର୍ଦ୍ଦେଶ ଦେବା ଆବଶ୍ୟକ। ଆୟୋଗକୁ ନିଜର ଭୁଲ୍ ସ୍ୱୀକାର କରିବା ସହିତ ପ୍ରକୃତ ସାମୂହିକ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ଫେରିବାକୁ ପଡ଼ିବ । ଆଭ୍ୟନ୍ତରୀଣ ବିବାଦକୁ ଲୁଚାଇବା ପରିବର୍ତ୍ତେ ଏହାର ସ୍ଥାୟୀ ସମାଧାନ କରିବା ଏବଂ ପ୍ରତ୍ୟେକ ନିଷ୍ପତ୍ତିରେ ସମସ୍ତ କମିଶନରଙ୍କ ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରିବା ଜରୁରୀ ଅଟେ। ଯଦି ଏହି ପ୍ରଶ୍ନଗୁଡ଼ିକର ସଠିକ୍ ଉତ୍ତର ନ ମିଳେ ଏବଂ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରା ନଯାଏ, ତେବେ ଭବିଷ୍ୟତରେ ଅବାଧ ଏବଂ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟା ଉପରୁ ଦେଶବାସୀଙ୍କ ଆସ୍ଥା ତୁଟିଯିବ।

ଜଗତ ମାତା ଚ ପ୍ରକୃତିଃ...

ଲକ୍ଷ୍ମୀ ନାରାୟଣ ମଲ୍ଲିକ

ବ୍ରହ୍ମବୈବର୍ତ୍ତ ପୁରାଣରେ ବର୍ଣ୍ଣିତ ଅଛି- 'ଜଗତ ମାତା ଚ ପ୍ରକୃତିଃ ପୁରୁଷଶ୍ଚ ଜଗତ ପିତା। ଗରିୟସୀ ଜଗତାଂ ମାତା, ମାତା ଶତଗୁଣଂ ପିତା।' ଅର୍ଥାତ୍ ଜଗତର ଜନ୍ମଦାତ୍ରୀ ହେଉଛନ୍ତି ମାତା। ଜଗତର ପାଳନ ବା ରକ୍ଷାକର୍ତ୍ତା ହେଉଛନ୍ତି ପୁରୁଷ। ସୁତରାଂ ଜନ୍ମଦାତ୍ରୀ ବା ଜଗତର ମାତା, ପିତାଙ୍କ ଠାରୁ ଶହେଗୁଣ ଅଧିକ ଶ୍ରେଷ୍ଠ। ନାରୀଙ୍କ ସ୍ଥାନ ସର୍ବଦା ଆଗରେ। ନାରୀକୁ ପ୍ରଥମ ସ୍ଥାନ ଦିଆଯାଇଛି। ସୁତରାଂ ଦେବତା ଓ ମହାପୁରୁଷ ମାନଙ୍କର ନାମ ସହିତ ସେମାନଙ୍କର ପତ୍ନୀଙ୍କ ନାମ ସଂଯୋଗ କରାଯାଇଛି। ଯଥା ସୀତାରାମ, ରାଧେଶ୍ୟାମ, ଗୌରୀଶଙ୍କର, ଉମାମହେଶ, ଲକ୍ଷ୍ମୀନାରାୟଣ, ସାବିତ୍ରୀସତ୍ୟବାନ, ମାୟାବ୍ରହ୍ମ, ପ୍ରକୃତି ପରମେଶ୍ୱର, ଶକ୍ତିଶିବ ଇତ୍ୟାଦି। ପବିତ୍ରତା, ସ୍ନେହ, ବାତ୍ସଲ୍ୟ, ଦୟା, ସେବା, ସହାନୁଭୂତି, ଭକ୍ତିଭାବନା ଆଦି ଗୁଣରେ ପୁରୁଷ ଅପେକ୍ଷା ନାରୀ ହିଁ ଆଗରେ। ସୁତରାଂ ଧାର୍ମିକ ଓ ଆଧ୍ୟାତ୍ମିକ ସମ୍ବନ୍ଧୀୟ କାର୍ଯ୍ୟଗୁଡ଼ିକରେ ନାରୀକୁ ସର୍ବତ୍ର ସ୍ୱାଗତ ଓ ସମ୍ମାନ କରାଯାଏ। ନାରୀକୁ ତା'ର ମହାନୀୟତା ଅନୁଯାୟୀର ପ୍ରତିଷ୍ଠା ମଧ୍ୟ ଦିଆଯାଇଛି। ମା' ସବୁବେଳେ ବିଶ୍ୱାସର ବାଇଶି ପାହାଚ ଯେ ଅସମର୍ଥ ପାଦକୁ ଚାଲିବାର କଳା ଓ କୌଶଳ ଶିଖାଇଥାଏ। ମା'ହେଉଛି ବିଶ୍ୱାସର କଳ୍ପବଟ ଯାହା କୋଳରେ ମତର ଥାପି ଦେଲେ ସବୁ ଦୁଃଖକଷ୍ଟ ନିମିଷକେ ଉଭେଇଯାଏ। ମା'ପୁଣି ବିଶ୍ୱାସର ଗରୁଡ଼ ସ୍ତମ୍ଭ ଯାହାକୁ ଜାବୁଡ଼ି ଧରିଲେ ଜୀବନରେ ସବୁକିଛି ପ୍ରାପ୍ତିର ସନ୍ତୋଷ ମିଳିଯାଏ। ମା'ବିଶ୍ୱାସର ପତିତପାବନ ବାନା ଯେ ଆଶା ଓ ସାହାସର, ଧୈର୍ଯ୍ୟ ଓ ପ୍ରେରଣାର ଅଫୁରନ୍ତ ସ୍ରୋତ। କୌଣସି ସାମାଜିକ ପଦପଦବୀରେ ଆସୀନ ନ ହୋଇଥିଲେ ମଧ୍ୟ ନିଜର ଅସୀମ ଧୈର୍ଯ୍ୟ ଓ ପ୍ରଗାଢ଼ ଭଗବତ ବିଶ୍ୱାସକୁ ପାଥେୟ କରି, ସ୍ୱାମୀ ଆଦିକନ୍ଦ ମଲ୍ଲିକ ଯେ କି ଓଡ଼ିଶାର ବରିଷ୍ଠ ଅର୍ଥସେବା ପ୍ରଶାସନିକ ଅଧିକାରୀ ଥିଲେ, ତାଙ୍କ ଦେହାନ୍ତ ପରେ ଜୀବନର ଶେଷ ପଇଁତିରିଶ ବର୍ଷ ଏକାକୀ ନିଜର ଚାରିପୁତ୍ର ଓ ତିନି କନ୍ୟାସନ୍ତାନଙ୍କୁ ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ କରାଇ ଏକ ଆଦର୍ଶ ମା'ର ଭୂମିକା ତୁଲାଇ ପାରିଛନ୍ତି ତଥା ବହୁ ଅମୂଲ୍ୟ ସାମାଜିକ ଓ ପାରିବାରିକ ଆଦର୍ଶବୋଧର ଉଦାହରଣ ପାଲଟିଛନ୍ତି। ବାହ୍ୟ ଆଡ଼ମ୍ବରଶୂନ୍ୟ, ଚାକଚକ୍ୟ ବିହୀନ ଜୀବନଯାପନ କରି ସଂପୂର୍ଣ୍ଣ ସାଧାରଣ ମହିଳାଟିଏ ଭଳି ପ୍ରତୀତ ହେଉଥିବା ଏହି ମଣିଷଟି ମଧ୍ୟରେ ଯେ ଆତ୍ମବିଶ୍ୱାସ, ଦୃଢ଼ଇଚ୍ଛା ଶକ୍ତି, ପ୍ରଗାଢ଼ ଈଶ୍ୱରଭକ୍ତି ବଳରେ ଏକ ସଶକ୍ତ ମନ, ତୀକ୍ଷଣ ବୁଦ୍ଧି, ବିଚକ୍ଷଣ ସ୍ମରଣଶକ୍ତି ଓ ବିଶ୍ରାମହୀନ କାର୍ଯ୍ୟ କରିବାର ଅଫୁରନ୍ତ କ୍ଷମତା ରହିଛି ତାହା ଯେ କେହି ତାଙ୍କ ସଂସ୍ପର୍ଶରେ ଆସିଛି ଅନୁଭବ କରିପାରିଛି। ଜୀବନର ସପ୍ତ ପ୍ରକାର ପରିସ୍ଥିତିର ସମ୍ମୁଖୀନ ହୋଇ ନିଜର ପ୍ରତ୍ୟେକଟି ସନ୍ତାନଙ୍କୁ ପ୍ରତିଷ୍ଠିତ କରାଇ ପାରିବା ପଛରେ ମହାପ୍ରଭୁ ଜଗନ୍ନାଥ, ଦିବ୍ୟ ଜୀବନ ସଂଘର ପ୍ରତିଷ୍ଠାତା ସ୍ୱାମୀ ଶିବାନନ୍ଦ ଓ ନିଜର ଗୁରୁଦେବ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କର ଅଶେଷ କରୁଣା ରହିଛି ବୋଲି ଆଜୀବନ ବିଶ୍ୱାସ କରୁଥିଲେ ସ୍ୱର୍ଗତ ରମା ମଲ୍ଲିକ। ମହାପ୍ରଭୁ ଜଗନ୍ନାଥଙ୍କ ଉପରେ ଦ୍ୱନ୍ଦ ଓ ସଂଶୟରହିତ ସଂପୂର୍ଣ୍ଣ ସମର୍ପଣ ଭାବ ହିଁ ତାଙ୍କର ଜୀବନୀଶକ୍ତି ଥିଲା। ଭକ୍ତ ପ୍ରହ୍ଲାଦ ସ୍ତମ୍ଭ ମଧ୍ୟରେ ନିଜର ଭଗବାନଙ୍କୁ ଦର୍ଶନ କଲାଭଳି ଟିଭି ପରଦାରେ ପତିତପାବନଙ୍କୁ ଦେଖିବା ପାଇଁ ମା'ଙ୍କ ପାଇଁ ପ୍ରଭୁଙ୍କର ଦୈନନ୍ଦିନ ପ୍ରତ୍ୟକ୍ଷ ଦର୍ଶନ ସହ ସମାନ ଥିଲା।

ଅନ୍ୟମାନଙ୍କ ପ୍ରତି ନିଜର ବ୍ୟବହାର, ଆଚାର ବିଚାରକୁ ସେ ସଂପର୍କର ସଂଜ୍ଞା ଭିତରେ କେବେ ବାନ୍ଧି ନାହାନ୍ତି। ପୁଅବୋହୂ, ଝିଅଜ୍ୱାଇଁ, ନାତି ନାତୁଣୀ, ଘର କାମରେ ସାହାଯ୍ୟ କରୁଥିବା ଲୋକ ଠାରୁ ଆରମ୍ଭ କରି ଫୁଲବାଲା, ଡ୍ରାଇଭର, ଗାର୍ଡ଼ ସମସ୍ତଙ୍କ ପାଇଁ ସେ ଅତି ଆଦରର ମାଆ ଥିଲେ ଓ ସମସ୍ତେ ତାଙ୍କର ସନ୍ତାନ ସଦୃଶ ଥିଲେ। କେହି କେବେ ସଂପର୍କ ଆଳରେ ତାଙ୍କର ସ୍ନେହ ଓ କରୁଣାରୁ କାଣିଚାଏ କମ ବେଶୀର ପାର୍ଥକ୍ୟ ଅନୁଭବ କରିନାହାନ୍ତି। ଯେ କେହି ତାଙ୍କ ସଂସ୍ପର୍ଶରେ ଆସିଛି, ଦୁଇପଦ କଥାରେ ସେ ତାଙ୍କୁ ନିଜର କରିନେଇଛନ୍ତି। ମା'ର ଆବେଗ, ସର୍ତ୍ତବିହୀନ ସ୍ନେହ, ମଧୁର ବ୍ୟବହାର, ମନଲୋଭା କଥା, ଜଗତଭୁଲା ହସ ଭିତରେ ସେ ଆପଣେଇ ନେଇଛନ୍ତି ସଭିଙ୍କୁ। ପୌରାଣିକ କାହାଣୀ ଠାରୁ ଆରମ୍ଭ କରି ବାସ୍ତବ ଉଦାହରଣ ଦେଇ ଯେ କୌଣସି ପରିସ୍ଥିତିର ଆଶା ଓ ବିଶ୍ୱାସର ସହ ସମ୍ମୁଖୀନ ହେବା ପାଇଁ ସମସ୍ତଙ୍କୁ ପ୍ରେରିତ କରିଆସିଛନ୍ତି ସେ। ଜୀବନର ମୂଲ୍ୟ ବୁଝିଥିଲେ ରମା ଦେବୀ। ନିଜେ ଭଲ ଖାଇବାକୁ ଓ ଅନ୍ୟକୁ ଖୁଆଇବାକୁ, ନିଜେ ଭଲ ପିନ୍ଧିବାକୁ ଓ ଅନ୍ୟକୁ ସେହି ରୂପରେ ଦେଖିବାକୁ, ବିଭିନ୍ନ ସ୍ଥାନ ବୁଲି ଦେଖିବାକୁ, ଯୁଗୋପଯୋଗୀ ସମସ୍ତ ନୂତନତା ବିଷୟରେ ଜାଣିବାକୁ ଯୁବସୁଲଭ ଆଗ୍ରହ ଥିଲା ତାଙ୍କର। ନିଜ ସମୟ ଠାରୁ ବହୁ ଆଗରେ ଥିଲେ ସେ। ସମସ୍ତ ପ୍ରକାର ଆଧ୍ୟାତ୍ମିକ ପରମ୍ପରା, ସାମାଜିକ ମୂଲ୍ୟବୋଧକୁ ସମ୍ମାନ ଦେବା ସଙ୍ଗେ ସଙ୍ଗେ ରକ୍ଷଣଶୀଳତା ଠାରୁ ଦୂରରେ ରହି ଏକ ଅପୂର୍ବ ସନ୍ତୁଳନ ବଜାୟ ରଖିଥିଲେ। ମୁକ୍ତ ମନରେ ସମସ୍ତ ବିଚାରକୁ ଓ ସମସ୍ତଙ୍କୁ ଆପଣେଇ ନେଉଥିଲେ। ନିଜର ଦୈନନ୍ଦିନ ମୁହୂର୍ତ୍ତ ଗୁଡ଼ିକର ଅନୁଭୂତି ଲିପିବଦ୍ଧ କରିବା ତାଙ୍କର କାହିଁ କେଉଁ କାଳରୁ ଅଭ୍ୟାସ ଥିଲା, ଯାହା ଆଜିରି ଯୁବପୀଢ଼ି 'ଜର୍ନାଲିଙ୍ଗ' ନାମରେ ଅନୁସରଣ କରୁଛି। ତାଙ୍କର ଜୀବନାଦର୍ଶ ଶରଧାବାଲିର ରେଣୁ ହୋଇ ଆମ ଜୀବନ ବଡ଼ଦାଣ୍ଡରେ ଆଗକୁ ଚାଲିବାର ପ୍ରେରଣା ହୋଇ ରହିଥାଉ।

ଭାରତର ମହାନ ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ନାରୀ ମାନଙ୍କର ଦାନ ଅତୁଳନୀୟ। ବୈଦିକ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ନାରୀମାନେ ହିଁ ଭାରତୀୟ ସଂସ୍କୃତିର ସଂରକ୍ଷକ ଓ କର୍ଣ୍ଣଧାର ହୋଇ ଆସିଛନ୍ତି। ଆମ ଜନ୍ମଭୂମି ଭାରତରେ ଅମୃତୋପମ ଭାବ ହେଉଛି ନିଜର ମାତାଙ୍କ ପ୍ରତି ପ୍ରେମ। ଉତ୍ତମ ଚରିତ୍ର ହିଁ ପ୍ରକୃତ ସୌନ୍ଦର୍ଯ୍ୟ, ନୈତିକତା ନାରୀର ପ୍ରାଣବାୟୁ, ଲଜ୍ଜ୍ୟା ତା'ର ଜୀବନୀ ଶକ୍ତି ଓ କଠୋର ସତ୍ୟାନୁସରଣ ହିଁ ତା'ର ପ୍ରତିଦିନର କର୍ତ୍ତବ୍ୟ। ଭାରତୀୟ ଧର୍ମ, ସଂସ୍କୃତି ଓ ଦିବ୍ୟ ସମାଜ ଗଠନ ସହ ପରିବାରରେ ମାତୃ ଆଦର୍ଶର ମହନୀୟତା ଚିର ଜାଜ୍ଜ୍ୱଲ୍ୟମାନ ହୋଇ ସମସ୍ତଙ୍କ ପାଇଁ ପ୍ରେରଣାର ଆଲୋକବର୍ତ୍ତିକା ହେଇ ଚାଲିଥାଉ ଏହା ହିଁ କାମନା। ଜୟ ଜଗନ୍ନାଥ।

+ଅବସରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ, ସେଲ, କୋଲକତା
ମୋ: ୯୪୭୭୭୦୨୨୦୨

ଶ୍ରୀମନ୍ଦିର ଭୋଗ ପରମ୍ପରାରେ ଛେନା



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ଛେନା ଏକ ପୁଷ୍ଟିକର ଖାଦ୍ୟ। ଓଡ଼ିଶାର ଅନେକ ଜିଲ୍ଲା ଅଛି, ଯେଉଁଠି ଲୋକମାନେ ପ୍ରତିଦିନ ରାତି ଖାଦ୍ୟରେ ଛେନାକୁ ସାମିଲ କରିବାକୁ ଭୁଲନ୍ତି ନାହିଁ। କାରଣ ଛେନାରେ ଥିବା ପୁଷ୍ଟିସାର ଆମର ଅନେକ ରୋଗବ୍ୟାଧି ଦୂର କରିବା ସହ ଆମ ଚର୍ମକୁ ସତେଜ ସୁନ୍ଦର ରଖିବାରେ ବେଶ ସହାୟକ ହୁଏ। ସେଥିପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ଭୋଗରେ ମଧ ବିଭିନ୍ନ ଦୁଗ୍ଧଜାତ ଦ୍ରବ୍ୟ ଓ ଛେନାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ତେଣୁ ଆପଣମାନେ ପ୍ରତିଦିନ ଅଥବା ବିଭିନ୍ନ ଭୋଜିରେ ଖାଉଥିବା ଛେନା ଓଡ଼ିଶାର ଦୁଇଟି ବଡ଼ ଜିଲ୍ଲାରୁ ଉତ୍ପାଦନ ହୋଇଥାଏ। ଗୋଟିଏ ହେଲଶ ପୁରୀ ଓ ଅନ୍ୟଟି କଟକ। ସାରା ଓଡ଼ିଶାକୁ ସିଂହଭାଗ ଛେନା ଏହି ଦୁଇଟି ଜିଲ୍ଲା ଆବାହମାନ କାଳରୁ ଯୋଗାଇ ଆସୁଛନ୍ତି। ବର୍ତ୍ତମାନର ବଜାରରେ ତିନି ପ୍ରକାର ଛେନା ବିକ୍ରି ହେଉଛି। ଯଥା ଚିପୁଡ଼ା ଛେନା, ଗାଣ୍ଠିଲି ଛେନା ଓ ଡ୍ରମ ଛେନା। ଆସନ୍ତୁ ଜାଣିବା ଶ୍ରୀମନ୍ଦିର ଭୋଗ ପରମ୍ପରାରେ ଛେନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି ଯେତିକି ରହସ୍ୟମୟ ତାଙ୍କ ଦାରୁବ୍ରହ୍ମରୂପୀ ବିଗ୍ରହ ଅନନ୍ୟ ଓ ଭକ୍ତଜନଙ୍କୁ କୃପା ଆଶୀର୍ବାଦ ଦେବା ପାଇଁ ସେ ସଦା ପ୍ରସ୍ତୁତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧା ବିଗ୍ରହ ମର୍ତ୍ତ୍ୟ ବୈକୁଣ୍ଠର ନୀଳାଚଳ କ୍ଷେତ୍ରର ଦିବ୍ୟ ରତ୍ନସିଂହାସନରେ ଉପାସିତ ହୋଇ ଆସୁଛନ୍ତି। ତାଙ୍କର ଦୈନନ୍ଦିନ ନୀତିକାନ୍ତି, ଦିନଚର୍ଯ୍ୟା, ରୂପ, ବେଶ, ଭୋଗ, ଉତ୍ସବ ସବୁକିଛି ସ୍ୱତନ୍ତ୍ର ଓ ଆନନ୍ଦପୂର୍ଣ୍ଣ। 'ମାଦଳା ପାଞ୍ଜି'ର ତଥ୍ୟ ମୁତାବକ ଅନଙ୍ଗଭୀମ ଦେବଙ୍କ ସମୟରେ ମହାପ୍ରଭୁଙ୍କୁ ରତ୍ନସିଂହାସନରେ ବିଜେ କରାଇବା ପରେ ୮୪ ମଡ଼ ଫୁଲି ସଂକୁଡ଼ି ଭୋଗ ବ୍ୟବସ୍ଥା ଆରମ୍ଭ ହେଲା। ଏହା ପୂର୍ବରୁ ଅର୍ଥାତ୍ ପ୍ରାଚୀନ ସମୟରୁ ଶ୍ରୀମନ୍ଦିରରେ ୧୦୦ରୁ ଉର୍ଦ୍ଧ୍ୱ ପ୍ରକାରର ସୁମିଷ୍ଟ ପିଠା, ଅନ୍ନବ୍ୟଞ୍ଜନ ଶ୍ରୀବିଗ୍ରହଙ୍କୁ ଅର୍ପଣ କରାଯାଇ ଆସୁଅଛି। ବର୍ଷ ତମାମ ଶ୍ରୀବିଗ୍ରହଙ୍କ ପାଖରେ ଯେଉଁ ନୈବେଦ୍ୟ ବ୍ୟବହାର କରାଯାଏ ଏହା ପ୍ରାୟତଃ ଘିଅ, ଗୁଡ଼, କ୍ଷୀର, ଛେନା, ସର, ଚାଉଳଚୁନା, ଗହମ ଚୁନା, ବଟାବିରି ଆଦିରୁ ପ୍ରସ୍ତୁତ ହୋଇଥାଏ। ତେବେ ବିଭିନ୍ନ ପର୍ବପର୍ବାଣୀରେ ସ୍ୱତନ୍ତ୍ର ଭାବରେ ଛେନା ଜାତୀୟ ପିଠା ବା ପିଷ୍ଟକ ଓ ପଣା ଶ୍ରୀଜୀଉଙ୍କୁ ଅର୍ପଣ କରାଯାଏ। ଆସନ୍ତୁ ଜାଣିବା ଶ୍ରୀମନ୍ଦିର ଭୋଗ ପରମ୍ପରାରେ ଏହି ଛେନା କିପରି ସବୁ ବିଭିନ୍ନ ପିଠାପଣାରେ ଲାଗି ହୋଇଥାଏ।

ଶ୍ରୀଜୀଉଙ୍କ ବିଭିନ୍ନ ପର୍ବପର୍ବାଣୀ ଭିତରେ ନରେନ୍ଦ୍ର ପୁଷ୍କରିଣୀରେ ଯେଉଁ ଏକୋଇଶ ଦିନ ବ୍ୟାପୀ ଚନ୍ଦନ ଯାତ୍ରା ହୋଇଥାଏ ସେ ସମୟରେ ବଡ଼ ସୁଆର ସେବକଙ୍କ ପରିଚାଳନାରେ ଛେନା କେଳି, ଛେନା ମାଣ୍ଡୁଅ ବିଜେ ପ୍ରତିମାକୁ ଅର୍ପଣ କରାଯାଏ। ପ୍ରତିଦିନ ପାଖାପାଖି ୨୦ କିଲୋରୁ ଉର୍ଦ୍ଧ୍ୱ ପରିମାଣର ଛେନା ଶତାଧିକ କେଳି ଓ ଛେନା ମାଣ୍ଡୁଆ ରୋଷଘରେ ପ୍ରସ୍ତୁତ ହୋଇ ଶ୍ରୀଜୀଉଙ୍କୁ ଏହି ଚନ୍ଦନଯାତ୍ରା ଅବସରରେ ହିଁ ଅର୍ପଣ କରାଯାଏ। ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ପତିତପାବନ ଯାତ୍ରା ବା ରଥଯାତ୍ରା ସମୟରେ ପହଣ୍ଡି ବିଜେ ଓ ତାଙ୍କ ଚଳନ୍ତି ପ୍ରତିମାଙ୍କ ବିଜେ ସମୟରେ ଏକ ସ୍ୱତନ୍ତ୍ର ଭାବରେ ପଂକ୍ତି ଭୋଗ ସମର୍ପଣ ହୋଇଥାଏ। ଏହି ପଂକ୍ତି ଭୋଗରେ ଛେନାର ଭୂମିକା ଥାଏ। ଛେନାରେ ପ୍ରସ୍ତୁତ ଛେନା ମାଣ୍ଡୁଅ, ରସଗୋଲା, ଛେନାକଟା ଓ ତାଡ଼ିଆ ଭୋଗ ବର୍ଷରେ ଥରେ ଏହି ସମୟରେ ହିଁ ଅର୍ପଣ ହେବାର ଆବହମାନ ସମୟରୁ ବିଧି ଓ ପରମ୍ପରା ରହିଆସିଅଛି।

ରଥଯାତ୍ରାର ଶେଷ ପର୍ଯ୍ୟାୟଟି ହେଉଛି ନୀଳାଦ୍ରି ବିଜେ ଓ ଅଧରପଣା। ଆଷାଢ଼ ଶୁକ୍ଳ ଦ୍ୱାଦଶୀ ଦିନ ରଥ ଉପରେ ଶ୍ରୀଜୀଉଙ୍କୁ ଅଧର ପଣା ଭୋଗ ଲାଗି ହୋଇଥାଏ। ଏହି ଅଧର ହାଣ୍ଡି ସ୍ୱତନ୍ତ୍ର ଭାବରେ ସେବକଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥାଏ। ଏକ ବଡ଼ ଅଧର ହାଣ୍ଡିରେ ଶ୍ରୀଜୀଉଙ୍କ ପାଇଁ ଯେଉଁ ପଣା ପ୍ରସ୍ତୁତ ହୋଇଥାଏ ସେଥି ଭିତରୁ ଛେନା ଅନ୍ୟତମ। ପୂର୍ବେ ବଡ଼ ଓଡ଼ିଆ ମଠ, ରାଘବଦାସ ମଠ ଏହାକୁ ଯୋଗାଉଥିବାବେଳେ ଏବେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହାକୁ ପ୍ରସ୍ତୁତ କରାଯାଉଛି। ଅଧର ପଣାରେ ପାଖାପାଖି ସାତଟି ସାମଗ୍ରୀ ଲାଗି ହୋଇଥାଏ ସେଥିଭିତରୁ ଦଶ କିଲୋଗ୍ରାମ ଛେନା ଏହି ପଣାରେ ମିଶିଥାଏ।

ସ୍ନାନ ପୂର୍ଣ୍ଣିମାରେ ଶ୍ରୀଜୀଉ ଅତ୍ୟଧିକ ସ୍ନାନ କରି ଅଣସରରେ ରହିବାର ପରମ୍ପରା ଓ ବିଧି ରହିଛି। ଶ୍ରୀଜୀଉଙ୍କ ଏହି ଅଣସର ନୀତି ସମୟରେ ଶ୍ରୀମନ୍ଦିରର ତାଟି ଭିତରେ ଦଇତାପତିଙ୍କ ଦ୍ୱାରା ଗୁପ୍ତ ସେବା ପୂଜାନୀତି ସମ୍ପନ୍ନ ହୋଇଥାଏ। ତେବେ ଅନେକ ହୁଏତ ଜାଣି ନଥିବେ ଅଣସର ସମୟରେ ପ୍ରତିଦିନ ପାଖାପାଖି ଦେଢ଼ଶହ କିଲୋଗ୍ରାମର ଉର୍ଦ୍ଧ୍ୱ ପରିମାଣର ଛେନା ଚକଟା ଭୋଗରେ ପତିମହାପାତ୍ର ସେବକଙ୍କ ଦ୍ୱାରା ନୀତି ପ୍ରସ୍ତୁତ ହୋଇଥାଏ। ଶ୍ରୀମନ୍ଦିର ପ୍ରଶାସନ ବ୍ୟତୀତ ଶ୍ରୀଜୀଉଙ୍କ ନୀତିକାନ୍ତି ସହିତ ଜଡ଼ିତ ଥିବା ଅନେକ ମଠ ପକ୍ଷରୁ ଚକଟା ଭୋଗରେ ଆବଶ୍ୟକ ହେଉଥିବା ଛେନା ଓ ସର ଆଦି ଯୋଗାଇ ଦିଆଯାଇଥାଏ।

ନୀଳାଦ୍ରି ବିଜେରେ ଶ୍ରୀଜୀଉଙ୍କ ରସଗୋଲା ଭୋଗ ଅନନ୍ୟ ଓ ସ୍ୱତନ୍ତ୍ର। ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ବା ପତିତପାବନ ଯାତ୍ରା ସମୟରେ ନୀଳାଦ୍ରି ମଣ୍ଡପକୁ ଶ୍ରୀଜୀଉଙ୍କ ପହଣ୍ଡି ସମୟରେ ଭଣ୍ଡାର ଦ୍ୱାରଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା'ଲକ୍ଷ୍ମୀଙ୍କୁ ଭିତରଛ ମହାପାତ୍ର ସେବକ ରସଗୋଲା ଭୋଗ ଅର୍ପଣ କରିଥାନ୍ତି। ଯାହାକି ଛେନାରେ ପ୍ରସ୍ତୁତ ହୋଇଥାଏ। ନୀଳାଦ୍ରି ବିଜେ ସମୟରେ ରଥାରୂଢ଼ ଶ୍ରୀଜୀଉ ବିରାଜମାନ କରିଥିବାବେଳେ ଲକ୍ଷାଧିକ ଟଙ୍କାର ରସଗୋଲା, ଛେନା ତାଡ଼ିଆ ଓ ଛେନା ପିଠା ଶ୍ରୀଜୀଉଙ୍କ ଉଦ୍ଦେଶ୍ୟରେ ଅର୍ପଣ ହୋଇଥାଏ। ମାଦଳା ପାଞ୍ଜିର ବର୍ଣ୍ଣନା ଅନୁଯାୟୀ ଏହାକୁ 'ସର୍ପାମଣୋହୀ' କୁହାଯାଏ।

ମହାପ୍ରଭୁଙ୍କ ମାଉସୀ ମାଆ ଘର ଓ ପୋଡ଼ ପିଠା ସମ୍ପର୍କରେ ଊଣା ଅଧିକେ ସମସ୍ତେ ଜାଣନ୍ତି। ମହାପ୍ରଭୁଙ୍କ ମାଉସୀ ମାଆ ବା ଅର୍ଦ୍ଧାଶନୀ ମନ୍ଦିର ଠାରେ ଛେନା, ଘିଅ, ଅଟା ଇତ୍ୟାଦିର ସମ୍ମିଶ୍ରଣରେ ପୋଡ଼ପିଠା ପ୍ରସ୍ତୁତ ହୋଇଥାଏ। ରଥାରୂଢ଼ ଶ୍ରୀଜୀଉ ଏହି ପୋଡ଼ପିଠା ବର୍ଷକରେ ଥରେ ମାଉସୀ ମାଆଙ୍କ ଘରେ ପାଇବାର ଆବହମାନ ପରମ୍ପରା ରହିଛି।

ପବିତ୍ର ମକର ସଂକ୍ରାନ୍ତି ଦିନ ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ନୀତି ଓ ଭୋଗ ପରମ୍ପରାର ବ୍ୟବସ୍ଥା ରହିଛି। ବର୍ଷରେ ଥରେ ଏହି ମକର ସଂକ୍ରାନ୍ତି ଦିନ 'ମକର ଚଉରାଅଶି' ଭୋଗ ଅର୍ପଣ ହେବାର ପରମ୍ପରା ରହିଛି। ମକର ସଂକ୍ରାନ୍ତି ଦିନ ଶ୍ରୀମନ୍ଦିରର ରୋଷଘରେ ଥିବା କୋଠଭୋଗ ଚୁଲିରେ ଚଉରାଅଶି ପ୍ରକାର ପିଠା ପ୍ରସ୍ତୁତ ହୋଇ ଅର୍ପଣ ହେବାର ପରମ୍ପରା। ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପିରେ ଉଲ୍ଲେଖ ରହିଛି। ତେବେ ଏହି ମକର ଚଉରାଅଶି ଭୋଗର ସ୍ୱତନ୍ତ୍ରତା ହେଉଛି ଏଥିରେ ଛେନା ଜାତୀୟ ସାମଗ୍ରୀର ଅଧିକ ବ୍ୟବହାର ହୋଇଥାଏ। ଶ୍ରୀଜୀଉଙ୍କ ପାଇଁ ଛେନା ଲଡୁ, କେଳି, ତାଡ଼ିଆ, ପାରିଜାତକ, ଛେନା ମାଣ୍ଡୁଅ ଓ ପୁଚୁକୀ ଆଦି ସ୍ୱତନ୍ତ୍ର ଭାବରେ ଅର୍ପଣ ହୋଇଥାଏ। ଏହାକୁ ମହାପ୍ରଭୁଙ୍କ ରାଜଭୋଗ ଭାବେ ସମସ୍ତେ ଜାଣନ୍ତି।

ଶ୍ରୀଜୀଉଙ୍କ ଭୋଗ ଓ ବିଭିନ୍ନ ଅନ୍ନବ୍ୟଞ୍ଜନ ଭିତରେ ଛେନାର ସ୍ୱତନ୍ତ୍ର ସ୍ଥାନ ରହିଛି। ବର୍ଷ ତମାମ ବିଭିନ୍ନ ପର୍ବ ଓ ଉତ୍ସବ ବ୍ୟତୀତ ଅନେକ ସମୟରେ ଭକ୍ତମାନଙ୍କର ବରାଦି ଭୋଗ ପ୍ରସ୍ତୁତ ହୋଇଥାଏ। ଯେପରି ଛେନା ବଡ଼ି ତରକାରୀ, ଛେନା ପାରିଜାତକ ଓ ଛେନା ତାଡ଼ିଆ ଆଦି। ଭୋଗ ମଣ୍ଡପରେ ପ୍ରସ୍ତୁତ ଅନେକ ପିଠାପଣା ଛେନାରୁ ତିଆରି ହୋଇଥାଏ। ପୂର୍ବ ସମୟରେ ଶ୍ରୀଜୀଉ ରଥ ଉପରେ ବିରାଜମାନ କରିଥିବାବେଳେ ବଡ଼ଦାଣ୍ଡରେ ଥିବା ଜଗନ୍ନାଥବଲ୍ଲଭ ମଠ ଓ ମାଜଣା ଯାଗା ଠାରେ ସୂପକାରଙ୍କ ଦ୍ୱାରା ଯେଉଁ ସ୍ୱତନ୍ତ୍ର ଭୋଗ ପ୍ରସ୍ତୁତ ହୋଇଥାଏ ତାହା ହେଉଛି ଛେନା ମାଣ୍ଡୁଅ ଓ ଛେନା କେଳି। ଏହା ଶ୍ରୀଜୀଉଙ୍କୁ ରଥ ଉପରେ ବର୍ଷକରେ ଥରେ ଅର୍ପଣ କରିବାର ପରମ୍ପରା ଥିଲା। ବର୍ତ୍ତମାନ ତାହା ଆଉ ସମ୍ପାଦିତ ହେଉନାହିଁ। ମହାପ୍ରଭୁଙ୍କ ଷାଠିଏ ପଉଟି ଭୋଗ ଭିତରେ ଛେନାର ସ୍ଥାନ ଓ ଗୁରୁତ୍ୱ ସ୍ୱତନ୍ତ୍ରତା ବାସ୍ତବରେ ଅନନ୍ୟ।

+ପ୍ରତିରଥିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋ: ୯୪୩୭୦୫୧୯୫୭



ତୁମେ ଗଲା ପରେ

ରଣଜିତ୍ ପରିଡା

ମୁଁ ଆଉ ମୁଁ ହୋଇ ନାହିଁ
ତୁମେ ଗଲା ପରେ,
ମୁଁ ଆଉ ମୁଁ ହୋଇ ନାହିଁ
ତୁମେ ଗଲା ପରେ....
କରିବିନି ଅପେକ୍ଷା
ଆଜିମାବାଦ୍ ଛକର
ଜଗାବଳିଆ ମିଠା
ଦୋକାନ ଆଗରେ
ଏଫ୍. ଏମ୍. କଲେଜ
ଫାଟକ ସାମ୍ନାରେ
ପୋଲିସ୍ ଲାଇନ୍ ରୋଡ଼
କଣ୍ଟେଇ ଛକରେ
ଆଉ ଟୁକୁନା ଭାଇଙ୍କ
ପ୍ ଚୁପ୍ ଠେଲା ପାଖରେ
ମୁଁ ଆଉ ମୁଁ ହୋଇ ନାହିଁ
ତୁମେ ଗଲା ପରେ।
ଅଫିମକୁ ସାଥି କରି
ନିର୍ଜନ ରାତିରେ ଚାଲେ
ଷ୍ଟ୍ରିଟ୍ ଲାଇଟ୍ ର ଛାଇରେ
ନିର୍ଜନତାକୁ କାନ ଡେରେ
ସିଗାରେଟ୍ ର ଅଙ୍କାବଙ୍କା ଧୂଆଁରେ
ମୁଁ ଆଉ ମୁଁ ହୋଇ ନାହିଁ
ତୁମେ ଗଲା ପରେ।
ସଁ ସଁ ଶବଦ ସାଙ୍ଗକୁ
କୁକୁରଙ୍କ ଭୋକିବା ଡରରେ
କାଳେ କିଏ ପଚାରିବ
କୁଆଡେ ଯାଉଛ
ଏ ନିର୍ଜନ ରାତିରେ
ଏକାକୀ ଭାବରେ
ମୁଁ ଆଉ ମୁଁ ହୋଇ ନାହିଁ
ତୁମେ ଗଲା ପରେ।
ଦିଗହୀନ ପଥିକ ପରି
ଭଡକା ବସି ପିଏ
ସେଇ ଗାଁ ମୁଣ୍ଡ ମଶାଣୀର
ବରଗଛ ମୂଳରେ
ମଳ ଚୋରିବୁଲି ଖାଉଥିବା
ଅଶରୀରଙ୍କ ମେଳରେ
ମୁଁ ଆଉ ମୁଁ ହୋଇ ନାହିଁ
ତୁମେ ଗଲା ପରେ।
ଛାତିଏ ଯନ୍ତ୍ରଣା
ଅସୀମିତ କୋହ ଧରି
ସନ୍ତାପକୁ ବାଣ୍ଟି ବସେ
ଶୃଗାଳ ବିଲୁଆଙ୍କ ନିକଟରେ
ଝୁଣ୍ଟି ପଡେ ପୁଣି ଉଠେ
କାଲିର ଏକ ନୂଆ ସକାଳ ଅପେକ୍ଷାରେ
ମୁଁ ଆଉ ମୁଁ ହୋଇ ନାହିଁ
ତୁମେ ଗଲା ପରେ।

+ସ୍ନାତକୋତ୍ତର ଓଡ଼ିଆ ଶିକ୍ଷକ
ୟୁନିଅନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
ଦୁବୁଲାଗଡି, ବାଲେଶ୍ୱର
ମୋ: ୯୩୪୮୮୭୮୫୬୫


ଉଆଁସୀ ରାତିର ଆଲୋକ

ସୁବ୍ରତ ମଲିକ



ମୋ ଆଖି ଲୁହରେ
ତୋ'ର ଆଖି ତଳ
କଳା ଦାଗ
ଯେତେ ଲିଭିଯାଉ...
ତନ୍ଦ୍ରା ବିଜଡିତ
ମୋ ଉଆଁସୀ ରାତିରେ
ତୋ ପାହାନ୍ତି ସପନ ସତ ହେଉ...
ମୋ ଛାତି କୋହରେ
ତୋ ଘାତ ପ୍ରତିଘାତ
ଯୋଜନ ଯୋଜନ ଘୁଞ୍ଚିଯାଉ...
ମୋ ଅନ୍ତର ଦହନ
ତୋ ଅନ୍ଧାର ବାଟରେ
ଧ୍ରୁବତାରା ହୋଇ ଜଳୁଥାଉ...
ମୋ ପ୍ରେମର ତପସ୍ୟା
ତୋ' ସବୁ ବେଦନାର
ଭାଗଶେଷ ଶୂନ କରିଦେଉ...
ମୋ ନିଃଶ୍ୱାସ ପ୍ରାଚୀରେ
ତୋ' ବିରହ କ୍ଲାନ୍ତିର
ସବୁ କ୍ଷତ ଚିହ୍ନ ଲିଭିଯାଉ...
ମୋ ଜୀବନର ଅଙ୍କ
ତୋ' ଗଣିତ ପୃଷ୍ଠାରେ
ଖୁସିର ସୂତ୍ର ଲେଖୁଥାଉ ...
ମୋ ସର୍ବସ୍ୱ ତ୍ୟାଗର
ପୁଣ୍ୟ ଫଳ ତୋ'ର
ଭାଗ୍ୟରେ ଯୋଡି ହୋଇଯାଉ...

+କୋରୁଆ, ଅସୁରାଳି,ଭଦ୍ରକ
ମୋ: ୭୦୦୮୩୧୫୯୧୬



ସଙ୍କଟ ମୋଚନ ହନୁମାନ

ସୁଷମା ପରିଜା





ଷୋଡ଼ଶ ଶତାବ୍ଦୀର ମଧ୍ୟ ଭାଗ। ସେତେବେଳକୁ ଭାରତବର୍ଷରେ ମୋଗଲମାନଙ୍କ ରାଜତ୍ୱ। ସମ୍ରାଟ ଆକବରଙ୍କ ଉଦାରତା ଏବଂ ଧର୍ମ ନିରପେକ୍ଷତାର ଡିଣ୍ଡିମ ସବୁଆଡେ ଶୁଣାଯାଉଥାଏ। ସେଇ ସମୟର କଥା। ଥରେ ମହାତ୍ମା ତୁଳସୀ ଦାସ ପଦବ୍ରଜରେ ମଥୁରାକୁ ଯାତ୍ରା କରୁଥାନ୍ତି। ବାଟରେ ପଡିଲା ଆଗ୍ରା। ସେଠାରେ ରାତି ରହଣି କରିବାକୁ ଚାହିଁଲେ ସନ୍ଥ ତୁଳସୀ ଦାସ। ସାଧାରଣ ଜନତାଙ୍କ ମଧ୍ୟରେ ଅଳ୍ପ ସମୟ ମଧ୍ୟରେ ଖେଳିଗଲା ସେ ସମ୍ବାଦ। ଭକ୍ତମାନେ ଆତୁର ହୋଇ ପଡ଼ିଲେ ସନ୍ଥ ତୁଳସୀ ଦାସଙ୍କ ଦର୍ଶନ କରିବା ପାଇଁ। ସମ୍ରାଟ ଆକବରଙ୍କ କାଳରେ ପଡ଼ିଲା ସେ କଥା। ଏତେଗୁଡିଏ ମଣିଷ ଗୋଟିଏ ମଣିଷକୁ ଦେଖା କରିବାକୁ ଏତେ ବ୍ୟଗ୍ର କାହିଁକି ? ସେକଥା ଜାଣିବା ପାଇଁ ସମ୍ରାଟ ଡକାଇ ପଠାଇଲେ ମନ୍ତ୍ରୀ ବୀରବଲଙ୍କୁ ।

– "କିଏ ଏହି ବୃଦ୍ଧ ବ୍ରାହ୍ମଣ ! ଯାହାକୁ ଦର୍ଶନ କରିବା ପାଇଁ ଶହଶହ ଲୋକ ଧାଇଁଛନ୍ତି ?"

– "ସେ ସନ୍ଥ ତୁଳସୀ ଦାସ ଜୀ ଜାହାଁପନା ! ଜଣେ ହିନ୍ଦୁ ସନ୍ଥ। ମହାପ୍ରଭୁ ଶ୍ରୀରାମଙ୍କର ଜଣେ ପରମ ଭକ୍ତ ! ସେ ରାମଚରିତ ମାନସ ନାମରେ ଏକ ସୁନ୍ଦର ଗ୍ରନ୍ଥ ରଚନା କରିଛନ୍ତି ଶ୍ରୀରାମଙ୍କ ବିଷୟରେ। ମୁଁ ନିଜେ ତାଙ୍କର ଦର୍ଶନ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଛି। ସର୍ବଦା ରାମନାଥ ସ୍ମରଣ କରୁଥିବା ସେହି ମହାତ୍ମାଙ୍କର ଶରୀର ଏକ ଅପୂର୍ବ ଜ୍ୟୋତିରେ ଉଦ୍ଭାସିତ ହେଉଥାଏ। ତାଙ୍କର ଦର୍ଶନ କଲେ ମନରେ ସ୍ୱତଃ ଈଶ୍ୱରଙ୍କ ସ୍ଥିତି ଅନୁଭବ ହୁଏ ଏବଂ ଅପୂର୍ବ ଶାନ୍ତି ଆସେ।"- ମନ୍ତ୍ରୀ ବୀରବଲ ମୁଣ୍ଡ ନୁଆଁଇ ଉତ୍ତର ଦେଲେ।

– ହୁଁ... ତେବେ ସେହି ମହାତ୍ମାଙ୍କ ଦର୍ଶନ ସମସ୍ତେ କରିବା ଉଚିତ୍। ତୁମେ ତାଙ୍କ ନିକଟକୁ ଯାଇଁ ମୋ'ର ଆଦେଶ ଶୁଣାଅ... ସେ ଲାଲକିଲ୍ଲାରେ ଆସି ଆମ ସମସ୍ତଙ୍କୁ ଦର୍ଶନ ଦିଅନ୍ତୁ ! ଆମେ ବି' ଦେଖିବା ତାଙ୍କ ଚମତ୍କାରିତା !!

ମନ୍ତ୍ରୀ ବୀରବଲଙ୍କ ସଙ୍ଗେ ସଙ୍ଗେ ଯାଇ ସନ୍ଥ ତୁଳସୀ ଦାସଙ୍କ ନିକଟରେ ପହଞ୍ଚି ସମ୍ରାଟ ଆକବରଙ୍କ ଆଦେଶ ଶୁଣାଇ ଦେଲେ। ରାମ ଭଜନରେ ନିମଗ୍ନ ସନ୍ଥ ତୁଳସୀ ଦାସ ତାଙ୍କୁ ସିଧା ସଳଖ କହିଲେ..

— "ମୋ' ପ୍ରଭୁ ଶ୍ରୀରାମଙ୍କ ବ୍ୟତୀତ ମୁଁ ଅନ୍ୟ କାହାକୁ ଜାଣେ ନାହିଁ । ତୁମର ସମ୍ରାଟ କି ତାଙ୍କର ଲାଲକିଲ୍ଲା ସହ ମୋର ସମ୍ପର୍କ ବା' କ'ଣ ? ସେଠାକୁ ଯିବାର କୌଣସି ଅଭିପ୍ରାୟ ନାହିଁ ମୋ'ର। ତୁମେ ଯାଅ.. ତୁମ ସମ୍ରାଟଙ୍କୁ ସେଇ କଥା ଜଣାଇଦେବ"।

ମନ୍ତ୍ରୀ ବୀରବଲ ବାରମ୍ବାର ତାଙ୍କୁ ଅନୁରୋଧ କଲେ ମଧ୍ୟ ସେ ଦୃଢ଼ ଭାବରେ ମନା କରିଦେଲେ ଲାଲକିଲ୍ଲା ଆସିବା ପାଇଁ। ନିରୁପାୟ ହୋଇ ମନ୍ତ୍ରୀ ବୀରବଲ ଫେରିଆସିଲେ ରାଜା ଦରବାରକୁ ଏବଂ ସନ୍ଥଙ୍କ କହିବା କଥା ଜଣାଇଦେଲେ ସମ୍ରାଟ ଆକବରଙ୍କୁ। ମନ୍ତ୍ରୀ ବୀରବଲଙ୍କ କଥା ଶୁଣି ସମ୍ରାଟ ଆକବର କ୍ରୋଧାନ୍ୱିତ ହେଲେ ...

"ଛାର ସାଧୁଟାଏ ପୁଣି ମୋ' ଆଦେଶ ଅମାନ୍ୟ କରିବାକୁ ସାହସ କଲା !!!" ଏତେ ବଡ଼ ଧୃଷ୍ଟତା କଲା !!!!"

ସେ ସଙ୍ଗେ ସଙ୍ଗେ ତାଙ୍କର ପାତ୍ର ମନ୍ତ୍ରୀଙ୍କୁ ଆଦେଶ ଦେଲେ...ସିପାହୀ ପଠାଇଲେ ଲୁହା ଶିକୁଳିରେ ବାନ୍ଧି ସେ ସାଧୁଙ୍କୁ ଧରି ଆଣି ତାଙ୍କର ଦରବାରରେ ହାଜର କରାଇବାକୁ। ଆଦେଶ ତତ୍କ୍ଷଣାତ୍ ପାଳନ ହେଲା। ତୁଳସୀ ଦାସଙ୍କୁ ସମ୍ରାଟ ଆକବରଙ୍କ ସମ୍ମୁଖରେ ହାଜର କରାଯାଇଥିଲା। ସମ୍ରାଟ ସେହି ଜୀର୍ଣ୍ଣ ଶୀର୍ଣ୍ଣ ଦୁର୍ବଳ ଶରୀରର ମଣିଷଙ୍କୁ ଦେଖି ତାଚ୍ଛଲ୍ୟର ହସ ହସି କହିଲେ...

– ଲୋକେ କହୁଛନ୍ତି ତୁମର କାଳେ ଚମତ୍କାରୀ ଶକ୍ତି ଅଛି। ତୁମେ ମୋତେ ଥରେ ସେ ଚମତ୍କାରୀ ଶକ୍ତି ଦେଖାଇ ଏହି ବନ୍ଧନରୁ ମୁକ୍ତ ହୋଇଯାଅ । ତାହେଲେ ମୁଁ ମଧ୍ୟ ମାନିଯିବି ତୁମକୁ !!

– " ମୁଁ ସାଧାରଣ ମଣିଷଟିଏ, କୌଣସି ଯାଦୁଗର ନୁହେଁ ଯେ ତୁମକୁ ଚମତ୍କାର ଦେଖାଇବି"। ନମ୍ରତାର ସହ କହିଲେ ତୁଳସୀ ଦାସ।

ତାଙ୍କର ନିର୍ବିକାର ଭାବ ଦେଖି ସମ୍ରାଟ ଆକବରଙ୍କ କ୍ରୋଧ ଚରମ ସୀମାରେ ପହଞ୍ଚିଲା। ସେ ଆହୁରି ଜୋରରେ ଚିଲ୍ଲେଇ କହିଲେ.. ତା'କୁ ନେଇ ଫତେପୁର ସିକ୍ରୀ ଦୁର୍ଗରେ ବନ୍ଦୀ କରି ଦିଅ। ଶିକୁଳି ପକାଇ ବନ୍ଦୀ କରି ଅନ୍ଧାର ଘରେ ରଖ, ଖାଦ୍ୟ ତ' ଦୂରର କଥା ... ପାଣି ଟୋପାଏ ମଧ୍ୟ ଦିଅ ନାହିଁ, ଦେଖିବା ତା'କୁ କିଏ ଆସି ରକ୍ଷା କରିବ !!

ମନ୍ତ୍ରୀ ବୀରବଲ ହାତ ଯୋଡି ସମ୍ରାଟ ଆକବରଙ୍କୁ ଅନୁରୋଧ କଲେ "ଜାହାଁପନା ! ସେ ଜଣେ ସନ୍ୟାସୀ। ତାଙ୍କୁ ଏଭଳି ବ୍ୟବହାର କରାଯିବା ଉଚିତ ନୁହେଁ। ଏଥିରୁ ନିବୃତ୍ତ ରୁହନ୍ତୁ"।

କିନ୍ତୁ ସମ୍ରାଟଙ୍କ କ୍ରୋଧ ଚରମ ସୀମାରେ ପହଞ୍ଚିଥିଲା। ସେ ନିଜର ନିର୍ଦ୍ଦେଶ କାଏମ୍ ରଖିଲେ। ସନ୍ଥ ତୁଳସୀ ଦାସଙ୍କୁ ଅନ୍ଧକାର କାରାଗାରରେ ନିକ୍ଷେପ କରି ଦିଆଗଲା। କିନ୍ତୁ ସନ୍ଥ ତୁଳସୀ ଦାସଙ୍କ ଉପରେ ତା'ର କୌଣସି ପ୍ରଭାବ ପଡିନଥିଲା। ସେ କାରାଗାରରେ ବସି ଅନର୍ଗଳ ଭାବରେ ଶ୍ରୀରାମଚରିତ ମାନସ ଗାନ କରି ପ୍ରଭୁ ଶ୍ରୀରାମଙ୍କୁ ପ୍ରାର୍ଥନା କରୁଥାନ୍ତି।

ଦିଲ୍ଲୀ ସହରରେ ଏହି ସମୟରେ ଅଚାନକ ଆରମ୍ଭ ହୋଇଗଲା ମାଙ୍କଡ଼ ମାନଙ୍କ ଉପଦ୍ରବ। ସେମାନଙ୍କ ସଂଘବଦ୍ଧ ଆକ୍ରମଣରେ ଶହ ଶହ ଲୋକ ଖଣ୍ଡିଆ ଖାବରା ହୋଇପଡ଼ିଲେ, ରାଜ୍ୟରେ ହାହାକାର ବ୍ୟାପିଗଲା। ଘଟଣା ଗୁରୁତର ହୋଇ ସମ୍ରାଟ ଆକବରଙ୍କ କାନରେ ପଡ଼ିଲା। ସେ ବୀରବଲଙ୍କୁ ଡକାଇ ପଚାରିଲେ..ଇଏ କ'ଣ ହେଉଛି ବୀରବଲ ? ହଠାତ୍ ଏତେ ସଂଖ୍ୟାରେ ମାଙ୍କଡମାନେ କେଉଁଠୁ ଆସିଲେ ଏ ରାଜ୍ୟକୁ ? ସେମାନେ କାହିଁକି ଆମ ଲୋକଙ୍କୁ ଆକ୍ରମଣ କରୁଛନ୍ତି ?

— "ମୁଁ ଆପଣଙ୍କୁ ଆଗରୁ ସତର୍କ କରାଇଦେଇଥିଲି ସମ୍ରାଟ୍ ! ଆପଣ ସେ ନିର୍ଦ୍ଦୋଷ ସାଧୁଙ୍କୁ ଦଣ୍ଡ ଦିଅନ୍ତୁ ନାହିଁ। ଆପଣ ମୋ' କଥା ଶୁଣିଲେ ନାହିଁ, ଏ ସବୁ ତାହାର ଫଳ। ଆପଣ ସନ୍ଥଙ୍କ ଚମତ୍କାରିତା ଦେଖିବାକୁ ଚାହୁଁଥିଲେ ତ' ... ଏବେ ଦେଖନ୍ତୁ ତାଙ୍କର ଚମତ୍କାରିତା !!! "ବୀରବଲ ମଥା ନୁଆଁଇ କହିଲେ।

କିଛି ସମୟ ଚିନ୍ତା କରିବାପରେ ସମ୍ରାଟ ଆକବର ସନ୍ଥ ତୁଳସୀ ଦାସଙ୍କୁ ତୁରନ୍ତ କାରାଗାରରୁ ମୁକ୍ତ କରିବା ପାଇଁ ଆଦେଶ ଦେଲେ।

ତତ୍କ୍ଷଣାତ୍ ରାଜ୍ୟରେ ମାଙ୍କଡ଼ ମାନଙ୍କ ଉପଦ୍ରବ ବନ୍ଦ ହୋଇଥିଲା। ସମ୍ରାଟ ଆକବର ସନ୍ଥ ତୁଳସୀ ଦାସଙ୍କ ମଧ୍ୟରେ ଈଶ୍ୱରଙ୍କ ସତ୍ତା ଉପଲବ୍ଧି କରିପାରିଲେ। ସସମ୍ମାନେ ତୁଳସୀ ଦାସଙ୍କୁ ମଥୁରା ପଠାଇବା ପାଇଁ ସକଳ ବନ୍ଦୋବସ୍ତ କରିଦେଲେ।

ମନ୍ତ୍ରୀ ବୀରବଲ କାରାଗାରରେ ପହଞ୍ଚି ସନ୍ଥ ତୁଳସୀ ଦାସଙ୍କୁ କ୍ଷମା ପ୍ରାର୍ଥନା କରି କହିଲେ...

– "ମହାଭାଗ ! ବିନା ଦୋଷରେ ଆପଣଙ୍କୁ ଦଣ୍ଡ ଭୋଗିବାକୁ ପଡ଼ିଲା। ଆପଣଙ୍କୁ ନିଶ୍ଚୟ ବହୁତ କଷ୍ଟ ହୋଇଥିବ"।

– "ମୋ'ର ଅବା କଷ୍ଟ କ'ଣ ? ମୁଁ ତ' ନିଜକୁ ସମ୍ପୂର୍ଣ୍ଣ ଭାବରେ ଶ୍ରୀରାମଙ୍କ ପାଦତଳେ ସମର୍ପଣ କରିସାରିଛି। ତୁମ ସମ୍ରାଟ କ୍ରୋଧାନ୍ୱିତ ହୋଇ ମୋତେ ବିନାଦୋଷରେ ଦଣ୍ଡିତ କଲେ। ମୁଁ ଦିନ ରାତି କାନ୍ଦି କାନ୍ଦି ସେଇ ପ୍ରଭୁଙ୍କୁ ଡାକିଲି। ଜାଣିଥିଲି, ତାଙ୍କର ସେବକ ହନୁମାନ ଖୁବ୍ ବଳଶାଳୀ। ତାଙ୍କୁ ସ୍ତୁତି କରି ଗୋଟିଏ ଗୋଟିଏ ଚୌପାଇ ଲେଖିଲି କାରାଗାରରେ ବସି। ସେଇମାନେ ତ' ମତେ ବିପଦରୁ ଉଦ୍ଧାର କରିଦେଲେ"। ଆଉ ଗୋଟିଏ କଥା ଶୁଣି ! ଏଇ ଦିନ ମାନଙ୍କରେ ମୁଁ ହନୁମାନଙ୍କୁ ଯେଉଁ ସ୍ତୁତି କରିଛି ଆଉ ଲେଖିଛି, ସେଇ ସ୍ତୁତିକୁ ଯେ କେହି ମଣିଷ ପାଠ କରିବ ମହାବୀର ହନୁମାନ ନିଶ୍ଚୟ ତାଙ୍କର ସଙ୍କଟ ମୋଚନ କରିବେ।

ମହାମନ୍ତ୍ରୀ ବୀରବଲ ଭକ୍ତିରେ ଗଦଗଦ ହୋଇ ସନ୍ଥ ତୁଳସୀ ଦାସଙ୍କର ଚରଣ ସ୍ପର୍ଶ କଲେ। କାରାଗାରରେ ରହି ସନ୍ଥ ତୁଳସୀ ଦାସ ଯେଉଁ ଚାଳିଶିଟି ଚୌପଦୀ ଲେଖିଥିଲେ ତାହା "ହନୁମାନ ଚାଳିଶା" ନାମରେ ପ୍ରସିଦ୍ଧ ହେଲା। ଆଜି ମଧ୍ୟ "ହନୁମାନ ଚାଳିଶା" ସଙ୍କଟ ମୋଚନ ମନ୍ତ୍ର ଭାବରେ ଜନମାନସରେ ପ୍ରସିଦ୍ଧ ହୋଇ ରହିଛି। ଜୟ ମହାବୀର ହନୁମାନ !

ଶାରଳା ଭବନ ପୋତା ପୋଖରୀ
କଟକ-୪
ମୋ - ୯୩୩୭୨୭୨୬୪୭

ମିନାକ୍ଷୀ ଦେବୀ ମନ୍ଦିର

ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ



ପବିତ୍ର ରାମେଶ୍ୱର ଧାମ ଓ ରାମନାଥସ୍ୱାମୀ ଲିଙ୍ଗକୁ ଦର୍ଶନ କରିବା ପରେ ମିନାକ୍ଷୀ ଦେବୀଙ୍କୁ ଦର୍ଶନ କରିବା ପାଇଁ ଆମ ସାଥୀରେ ଥିବା କାରରେ ମଦୁରାଇ ଯାତ୍ରା କଲୁ। ରାମେଶ୍ୱରମ୍ ଠାରୁ ମଦୁରାଇର ଦୂରତା ୧୭୦ କି.ମି.। ତିନି ଘଣ୍ଟାର ବାଟ। ଏହା ତାମିଲନାଡୁ ରାଜ୍ୟର ଦ୍ୱିତୀୟ ବୃହତ୍ତମ ସହର। ଏଠାରେ ମାତା ପାର୍ବତୀ ମିନାକ୍ଷୀ ରୂପରେ ଓ ଭଗବାନ ଶିବ ସୁନ୍ଦରେଶ୍ୱର ନାମରେ ପୂଜା ପାଆନ୍ତି। ସହରର ମଧ୍ୟ ଭାଗରେ ଅବସ୍ଥିତ ମାତା ମିନାକ୍ଷୀ ଏବଂ ସୁନ୍ଦରେଶ୍ୱରଙ୍କ ମନ୍ଦିର ସୁନ୍ଦର କାରୁକାର୍ଯ୍ୟରେ ଭରା ଦୁଇଟି ବିଶାଳ ମନ୍ଦିର। ପ୍ରତିଦିନ ହଜାର ହଜାର ଯାତ୍ରୀ ଏହି ମନ୍ଦିର ତଥା ମନ୍ଦିର ପରିସରରେ ଥିବା ଅନ୍ୟାନ୍ୟ ମନ୍ଦିର, ଗୋପୁରମ୍ ଏବଂ ସ୍ତମ୍ଭମାନଙ୍କର ସୁଶୋଭିତ କଳାଭାସ୍କର୍ଯ୍ୟ ଦର୍ଶନ କରି ଆଶ୍ଚର୍ଯ୍ୟ ପ୍ରକଟ କରନ୍ତି।

ମିନାକ୍ଷୀ ମନ୍ଦିର ଭାରତର ବହୁ ପୁରାତନ ମନ୍ଦିର ମାନଙ୍କ ଭିତରୁ ଅନ୍ୟତମ। ଏହି ମନ୍ଦିର ବେଢ଼ାର ଲମ୍ବ ୮୪୭ ଫୁଟ ଓ ପ୍ରସ୍ଥ ୭୨୯ ଫୁଟ। ମନ୍ଦିର ବେଢ଼ାର ଚତୁର୍ପାର୍ଶ୍ୱରେ ଚାରୋଟି ବିଶାଳକାୟ ପ୍ରବେଶ ଦ୍ୱାର ରହିଛି। ପ୍ରତ୍ୟେକର ହାରାହାରି ଉଚ୍ଚତା ୧୭୦ଫୁଟ। ପ୍ରତ୍ୟେକ ପ୍ରବେଶ ଦ୍ୱାର ଦେହରେ ହଜାରରୁ ଅଧିକ ଦେବାଦେବୀ, ମୁନିଋଷି, ଗୋମାତା, ହାତୀ, ଘୋଡ଼ା ଓ ପଶୁପକ୍ଷୀଙ୍କର ସୁନ୍ଦର ରଙ୍ଗବେରଙ୍ଗ ମୂର୍ତ୍ତିମାନ ସୁସଜ୍ଜିତ ହୋଇ ସ୍ଥାପନ କରାଯାଇଛି। ସମଗ୍ର ପ୍ରବେଶ ଦ୍ୱାର, ଗୋପୁରମ୍ ଓ ମନ୍ଦିରମାନଙ୍କରେ ଏହିପରି ୩୩୦୦୦ ମୂର୍ତ୍ତି ଶୋଭା ପାଉଛି। ମନ୍ଦିର ମଧ୍ୟରେ ବାରଟି ମଣ୍ଡପ ବା ଗୋପୁରମ୍ ବିଦ୍ୟମାନ। ପ୍ରତ୍ୟେକ ଗୋପୁରମ୍ ୫୦ ମିଟରରୁ ଅଧିକ ଉଚ୍ଚତା ବିଶିଷ୍ଟ ପିରାମିଡ଼ ଆକାରରେ ନିର୍ମିତ। ପୁରାଣ ଯୁଗରେ ଦେବରାଜ ଇନ୍ଦ୍ର ବ୍ରହ୍ମହତ୍ୟା ପାପରୁ ମୁକ୍ତି ପାଇବା ପାଇଁ ଘୋର ତପସ୍ୟା କରିବାକୁ ଏହି ସ୍ଥାନରେ ଆସି ପହଞ୍ଚିଥିଲେ। ସେତେବେଳେ ଏଠାରେ ଘଞ୍ଚ ଜଙ୍ଗଲ ଥିଲା। ଏହି ଜଙ୍ଗଲରେ ଅନେକ କଦମ୍ବଗଛ ଥିଲା। ଇନ୍ଦ୍ର ଗୋଟିଏ କଦମ୍ବ ବୃକ୍ଷ ମୂଳରେ ସ୍ୱୟଂ ଭୂ-ଲିଙ୍ଗକୁ ଦର୍ଶନ କଲେ। ସେ ଏଠାରେ ଘୋର ତପସ୍ୟା କରି ଶାପ ମୁକ୍ତ ହେଲେ। ଏଠାରେ ଥିବା ଏକ ପୋଖରୀରୁ ପ୍ରତିଦିନ ସୁବର୍ଣ୍ଣ ପଦ୍ମତୋଳି ସେ ଶିବଙ୍କୁ ଅର୍ପଣ କରୁଥିଲେ। ଶାସ୍ତ୍ରରେ ଅଛି ଶିବ ନିଜ ତ୍ରିଶୂଳ ନିକ୍ଷେପ କରି ଏଠାରୁ ପାଣି ବାହାର କରିଥିଲେ। ବିଶ୍ୱାସ କରାଯାଏ ଯେ ଦେବରାଜ ଇନ୍ଦ୍ର ଏହି ପୋଖରୀରୁ ସୁବର୍ଣ୍ଣ ପଦ୍ମ ନେଇ ଶିବଙ୍କୁ ପୂଜା କରୁଥିଲେ। ଏହି ସୁବର୍ଣ୍ଣ ପୋଖରୀର ଚତୁର୍ପାର୍ଶ୍ୱ ବିଶାଳ ପ୍ରାଚୀର ମାନଙ୍କ ଦ୍ୱାରା ପରିବେଷ୍ଟିତ। ଏହି ପ୍ରାଚୀର କାନ୍ଥମାନଙ୍କରେ ପୁରାଣ, ଇତିହାସରୁ ବିଭିନ୍ନ ଘଟଣାମାନ ଚିତ୍ରିତ କରାଯାଇଛି ଓ ପ୍ରାଚୀରରେ ଥିବା ମାର୍ବଲ ପ୍ରସ୍ତର ମାନଙ୍କରେ ପ୍ରାଚୀନ ଗ୍ରନ୍ଥମାନଙ୍କରୁ କବିତା, ଶ୍ଳୋକ, ସ୍ତୋତ୍ର ଓ ଦେବାଦେବୀଙ୍କର ବନ୍ଦନାମାନ ଖୋଦେଇ କରାଯାଇ ଲେଖା ଯାଇଛି। ସୁବର୍ଣ୍ଣ ପଦ୍ମପୋଖରୀ ଦର୍ଶନ କରି ମିନାକ୍ଷୀ ମନ୍ଦିରର ବାହ୍ୟ ମଣ୍ଡପରେ ପ୍ରବେଶ କଲୁ। ଏଠାରେ ସୁବର୍ଣ୍ଣ ଧ୍ୱଜା, ତିରୁମଲାଇ ବିନାୟକ, ତିରୁମଲାଇ ନାଇକ ମଣ୍ଡପ, କାର୍ତ୍ତିକେୟଙ୍କ ମୂର୍ତ୍ତି ଇତ୍ୟାଦି ଦେଖିବାକୁ ମିଳେ। ତାପରେ ମାତାଙ୍କର ମନ୍ଦିର ମଧ୍ୟରେ ପ୍ରବେଶ କରିବାକୁ ପଡ଼େ। ଗର୍ଭଗୃହ ମଧ୍ୟରେ ମାତା ମିନାକ୍ଷୀଙ୍କର ସୁନ୍ଦର ଦଣ୍ଡାୟମାନ ମୂର୍ତ୍ତି ଶାନ୍ତି ଓ ଦୟାର ପ୍ରତୀକ ସ୍ୱରୂପ ହାତରେ ଶୁଆ ଓ ଫୁଲତୋଡ଼ା ଧରି ବିରାଜମାନ। ମାତାଙ୍କର ଏହି ସୁନ୍ଦର ମୂର୍ତ୍ତି ଦର୍ଶନ ମାତ୍ରେ ମନରେ ଭକ୍ତି ଓ ଆନନ୍ଦ ଜାଗ୍ରତ ହୁଏ। ମାତାଙ୍କର ଦର୍ଶନ ପରେ ସୁନ୍ଦରେଶ୍ୱର ମନ୍ଦିର ଦର୍ଶନ କଲୁ। ମନ୍ଦିରର ପ୍ରବେଶ ଦ୍ୱାରରେ ୧୨ଫୁଟ ଉଚ୍ଚତା ବିଶିଷ୍ଟ ଦୁଇ ଦ୍ୱାରପାଳଙ୍କ ବିଶାଳ ତମ୍ବାମୂର୍ତ୍ତି ଦଣ୍ଡାୟମାନ। ମନ୍ଦିରର ଗର୍ଭଗୃହ ପୂର୍ବରୁ ମହାମଣ୍ଡପରେ ଶିବଙ୍କର ନଟରାଜ ମୂର୍ତ୍ତି ତାଙ୍କର ଦକ୍ଷିଣ ପାଦ ଉର୍ଦ୍ଧ୍ୱକୁ ତୋଳି ବିରାଜମାନ। ଏହା ସହିତ ୬୩ ଶିବ ଭକ୍ତ ମୁନି ଋଷିଙ୍କ ତମ୍ବା ମୂର୍ତ୍ତିମାନ ରଖାଯାଇଛି। ଗର୍ଭଗୃହକୁ ଇନ୍ଦ୍ର ବିମାନ କୁହାଯାଏ। ଏହାକୁ ୬୪ ଭୂତଗଣ, ୮ଟି ହାତୀ ଓ ଦୁଇଟି ସିଂହ ଧାରଣ କରି ରଖିଛନ୍ତି। ଏହାର ମଧ୍ୟ ଭାଗରେ ଭଗବାନ ସୁନ୍ଦରେଶ୍ୱର ଲିଙ୍ଗ ରୂପରେ ପୂଜା ପାଆନ୍ତି। ମନ୍ଦିର ମଧ୍ୟରେ ସହସ୍ର ସ୍ତମ୍ଭର ବିରାଟ ଗୃହ ଯାତ୍ରୀ ମାନଙ୍କୁ ବିଶେଷ ଆକର୍ଷଣ କରେ। ଏହା ଦଳାଭାଇ ହରିଅନନ୍ତ ମୁଦାଲିୟରଙ୍କ ଦ୍ୱାରା ୧୫୬୯ ଖ୍ରୀଷ୍ଟାବ୍ଦରେ ନିର୍ମିତ। ଏହି ସ୍ତମ୍ଭ ମାନଙ୍କର କାରୁକାର୍ଯ୍ୟ ଅବର୍ଣ୍ଣନୀୟ। ଏଥିରେ ନର୍ତ୍ତନ ଗଣେଶ, ଶିବ, ରବି, ମନ୍ମଥ, ଅର୍ଜ୍ଜୁନ, ଭୀମ, ଚନ୍ଦ୍ରମତୀ, ସରସ୍ୱତୀ ଓ ମୋହିନୀଙ୍କର ସୁନ୍ଦର ମୂର୍ତ୍ତିମାନ ଖୋଦିତ ହୋଇଅଛି। ଗୃହର ଶେଷ ଭାଗରେ ନଟରାଜ ଏବଂ ଶିବକାମୀଙ୍କର ସୁନ୍ଦର ମୂର୍ତ୍ତି ଏକ ମଣ୍ଡପ ଉପରେ ବିରାଜମାନ।



ମଦୁରାଇରେ ତିରୁମଲାଇ ନାୟକ ରାଜପ୍ରାସାଦ ଏକ ଦର୍ଶନୀୟ ସ୍ଥାନ, ଏହା ମିନାକ୍ଷୀ ମନ୍ଦିର ଠାରୁ ୧କି.ମି. ଦୂରରେ ଅବସ୍ଥିତ। ଏହା ରାଜା ତିରୁମଲାଇ ନାୟକଙ୍କ ଦ୍ୱାରା ୧୬୩୬ ଖ୍ରୀଷ୍ଟାବ୍ଦରେ ନିର୍ମାଣ କରାଯାଇଅଛି। ରାଜପ୍ରାସାଦ ମଧ୍ୟ ଭାଗରେ ରାଜାଙ୍କର ଦରବାର ପ୍ରାଙ୍ଗଣ ଦର୍ଶକମାନଙ୍କୁ ଆଶ୍ଚର୍ଯ୍ୟ କରେ। ସୁନ୍ଦର କାରୁକାର୍ଯ୍ୟ ବହନ କରୁଥିବା ଉଚ୍ଚ ଉଚ୍ଚ ସ୍ତମ୍ଭ ମାନଙ୍କ ଦ୍ୱାରା ଏହି ପ୍ରାସାଦ ପରିବେଷ୍ଟିତ। ପ୍ରାସାଦ ମଧ୍ୟରେ ଗୋଲାକାର ଗମ୍ବୁଜମାନ ଶୋଭା ପାଉଛି। ଗମ୍ବୁଜ ଗୁଡ଼ିକରେ ଚୂନରେ ତିଆରି କାମ ଓ ଡିଜାଇନମାନ ମନମୁଗ୍ଧକର। ଏହା ମଧ୍ୟରେ ଶବ୍ଦ ଓ ଆଲୋକ କାର୍ଯ୍ୟକ୍ରମ ଦ୍ୱାରା ତିରୁମଲାଇ ନାୟକ ଓ ଅନ୍ୟାନ୍ୟ ରାଜା ମାନଙ୍କର ଜୀବନୀ ଓ ରାଜୁତି ସମୟର ଘଟଣାମାନ ବର୍ଣ୍ଣନା କରାଯାଇଛି। ଏହା ପ୍ରତିଦିନ ସନ୍ଧ୍ୟା ୬.୪୫ରୁ ୯.୩୦ ପର୍ଯ୍ୟନ୍ତ ଚାଲୁ ରହେ। ମଦୁରାଇ ସହର ମଧ୍ୟରେ ଆହୁରି କିଛି ମନ୍ଦିର ଓ ଦର୍ଶନୀୟ ସ୍ଥାନ ରହିଛି। ଯାତ୍ରୀମାନେ ସମୟ ଓ ସୁବିଧା ଦେଖି ଦର୍ଶନ କରିପାରିବେ। ମିନାକ୍ଷୀ ଦେବୀ ମନ୍ଦିରରେ ବର୍ଷ ତମାମ ଅନେକ ପର୍ବପର୍ବାଣୀ ପାଳନ କରାଯାଏ। ତନ୍ମଧ୍ୟରୁ ମିନାକ୍ଷୀ ତିରୁକଲ୍ୟାନମ୍ ଅର୍ଥାତ୍ ମାତା ମିନାକ୍ଷୀଙ୍କର ବିବାହ ପର୍ବ ସବୁଠାରୁ ବଡ଼ ପର୍ବ। ଏହା ପ୍ରତିବର୍ଷ ଏପ୍ରିଲ ମାସରେ ପାଳିତ ହୁଏ। ଏହାଛଡ଼ା ନବରାତ୍ରୀ ଓ ଶିବରାତ୍ରୀ ମଧ୍ୟ ନିଷ୍ଠା ଓ ଆଡ଼ମ୍ବର ସହ ପାଳନ କରାଯାଏ। ଶ୍ରାବଣ ମାସର ପ୍ରତ୍ୟେକ ଶୁକ୍ରବାର ଏଠାରେ ଦେବୀଙ୍କର ବିଶେଷ ପୂଜା ଅନୁଷ୍ଠିତ ହୁଏ। ମନ୍ଦିର ସକାଳ ୫ଟାରୁ ୧୨.୩୦ ପର୍ଯ୍ୟନ୍ତ ଓ ଅପରାହ୍ନରେ ୪ଟାରୁ ୯.୩୦ ପର୍ଯ୍ୟନ୍ତ ଖୋଲା ରହେ। ମନ୍ଦିର ମଧ୍ୟରେ ଅଣହିନ୍ଦୁମାନଙ୍କ ପ୍ରବେଶ ନିଷେଧ। ଦାକ୍ଷିଣାତ୍ୟ କଳା ସଂସ୍କୃତିରେ ଭରପୂର ମଦୁରାଇର ମିନାକ୍ଷୀ ମନ୍ଦିର ଅବଶ୍ୟ ଦର୍ଶନୀୟ। ମିନାକ୍ଷୀ ମାତାଙ୍କ ମାହାତ୍ମ୍ୟ ରାମାୟଣରେ ମଧ୍ୟ ବର୍ଣ୍ଣିତ। କୌଟିଲ୍ୟ ଅର୍ଥଶାସ୍ତ୍ରରେ ମାତାଙ୍କ ମହିମା ସ୍ଥାନ ପାଇଛି। ବିଦେଶୀ ପର୍ଯ୍ୟଟକ ମେଘାସ୍ଥିନିସ୍ ଖ୍ରୀଷ୍ଟପୂର୍ବ ୩୦୨ରେ ଓ ଟୋଲେମି ୧୪୦ ଖ୍ରୀଷ୍ଟାବ୍ଦରେ ସେମାନଙ୍କ ଭାରତ ଭ୍ରମଣ ବୀବରଣୀରେ ଏହି ପୀଠର ମହିମା ବର୍ଣ୍ଣନା କରିଛନ୍ତି। ମନ୍ଦିରର ବିଶାଳତା ଓ କମନୀୟ କାରୁକାର୍ଯ୍ୟ ପାଇଁ ମିନାକ୍ଷୀ ମନ୍ଦିର ବିଶ୍ୱର ସପ୍ତାଶ୍ଚର୍ଯ୍ୟ ମଧ୍ୟରେ ସ୍ଥାନ ପାଇବା ପାଇଁ ପ୍ରସ୍ତାବ କରାଯାଇଛି। ଏପରି ଏକ ସୌନ୍ଦର୍ଯ୍ୟମୟୀ ନଗରୀ ଓ ପ୍ରସିଦ୍ଧ ଶିବଶକ୍ତି ପୀଠ ଦର୍ଶନ କରି ନିଜକୁ ଗୌରବାନ୍ୱିତ ତଥା ଭାଗ୍ୟବାନ ମନେ କରୁଛି।

+ ପ୍ଲଟ ନଂ-୧୦୮୨/ଡି, ମର୍କତ ନଗର, ସିଡିଏ, ସେକ୍ଟର-୬, କଟକ,
ମୋ : ୯୮୬୧୩୫୫୬୨୮

ପ୍ରେମ ହୁଏ ସେତେ ଥର

ସରସ୍ୱତୀ ମେହେର

ବେରଙ୍ଗ ଜୀବନରେ ରଙ୍ଗ ବିଞ୍ଚି ଦେଲୁ
ଇନ୍ଦ୍ରଧନୁ ପରି ଦିଶିଲା ସୁନ୍ଦର
କେମିତି ଆସି ତୁ ମୋ ହୃଦୟ
ଭିତରେ ତୋଲିଦେଲୁ ତୁ ଘର ।
ଏଇ କଥା ମୁଁ ଭାବୁଛି ଯେତେ ଥର
ମତେ ପ୍ରେମ ହେଇ ଯାଏ ସେତେଥର ...
ଯେବେ ତୋ ସାଥେ ହୁଏ ଝଗଡ଼ା
ଭଲ ଲାଗେ ନାହିଁ କିଛି
ବୁଝେଇ ଦଉ ଯେବେ ମନଟା ହୁଏ
ଶାମୁକାରୁ ପାଇଲି କି ମୋତି ।
ଝଗଡ଼ାର କାରଣ ମୁଁ ଖୋଜେ ଯେତେ ଥର
ମତେ ପ୍ରେମ ହେଇ ଯାଏ ସେତେ ଥର ...
ତୋର ରାଗ ରୁଷା ମିଛି ମିଛିକା
ବୁଝେ ପାରେନାହିଁ ମୁଁ
ତୋ କଥାରେ ହେଇ ଗଲେ ରାଜି
ବେଶୀ ରାଗିଯାଉ ତୁ ।
ତୋ ପ୍ରେମକୁ ଅନୁଭବ କରୁଛି ଯେତେ ଥର
ମତେ ପ୍ରେମ ହେଇ ଯାଏ ସେତେଥର ।
ଜାଣିନି ତୁ କେତେ ଭଲ ପାଉ ମତେ
ଜାଣିଛି ଅଛି ତୋ ଅଛି ମୋ ପାଇଁ
ତୋ ପ୍ରେମର ମହକରେ ମହକୁଛି
ଲାଗୁଛି ମୋ ପାଖରେ ମୁଁ ନାହିଁ ।
ଏଇ ଭାବନା ରେ ହଜୁଛି ମୁଁ ଯେତେଥର
ମତେ ପ୍ରେମ ହେଇ ଯାଏ ସେତେଥର ....

+ ଯୋଗିବାହାଲ, ସିନାପାଲି,
ନୂଆପଡ଼ା

ଯନ୍ତ୍ରଣାର ସ୍ୱର

କବିତା ପଣ୍ଡା

ଅନେକ ଯନ୍ତ୍ରଣା ଦେଇଥିଲି ସେଦିନ
ଯେବେ ମୁଁ ଦୁହିତାର
ମାନେ ପରଖୁ ଥିଲି,
ତୁମେ ଅଜବ ପ୍ରଶ୍ନଟିଏ
ପାଚାରିଥିଲ ମୋତେ ।

ମୁଁ ନିରବ ଥିଲି
ହଁ କି ନାଁ ଉତ୍ତର
କିଛି ଦେଖିନଥିଲି,
ତୁମେ ଅବଶୋଷର କାହାଣୀ
ଶ୍ରୀ ମୁଖରେ ରହୁଥିଲେ,
ମୁଁ ଦେଖୁଥିଲି ବୁଝୁନଥିଲି
ତଥାପି ନିରବ ଥିଲି ।

ସିଦ୍ଧାନ୍ତରେ ମୁଁ ଉପନିତ
ହେବା ଆଗରୁ
ତୁମେ ଫେରିଗଲ
ପଛକୁ ପିଠି କରି ।
ଏ ମନ ତୁମକୁ ଝୁରେ
ପ୍ରତି ମୂହୁର୍ତ୍ତରେ ତୁମକୁ ମନେ ପକାଏ,
ଏ ଆଖି ସବୁରି ଭିଡ଼ ଭିତରେ
ତୁମକୁ ହିଁ ଖୋଜେ ।

ଆଜି ଗୋଟିଏ ନୁହେଁ
ବରଂ ହଜାରେ ପ୍ରଶ୍ନର
ଉତ୍ତର ମିଳିଯାନ୍ତା ,
ଯଦି ଏ ଗହଳି ଭିତରେ
ତୁମ ସହ ଭେଟ ହୁଅନ୍ତା ।

+ ମଙ୍ଗଳପୁର, ସୋର, ବାଲେଶ୍ୱର

ହେ ଯମ ଦେବତା ଶୁଣ ....

ଦୀପିକା ହୋତା

କପାଳେ ସିନ୍ଦୂର ତାର
ଲାଗୁଥିଲା କେଡେ ସୁନ୍ଦର
ବିପଦ ଆସିଲା ବେଗେ ମାଡି
ବୁଡିଲା ସୁନାର ସଂସାର
ହେ ଯମ ଦେବତା ।

ଶୁଣ ସାବିତ୍ରୀର ପଦେ କଥା
ବିହ୍ୱଳେ କରୁଛି ସେ ରୋଦନ
ଫେରାଇ ଦିଅ ପତୀଙ୍କ ଜୀବନ
ନେଇ ଯାଅ ତାହାରି ଆୟୁଷ
ବଢ଼େଇ ଦିଅ ସ୍ୱାମିର ବୟସ ।

ହେ ଯମ ଦେବତା
ଶୁଣ ସାବିତ୍ରୀର ପଦେ କଥା
ସୁଖରେ ଚାଲୁଥିଲା ସୁଖି ପରିବାର
ଘୋଟିଲା କଳା ଅନ୍ଧାର ପଡ଼ିଲା ନଜର
ଶୁଣ ହେ ପ୍ରଭୁ ଗୁହାରି ତାର ।

ନ ହୋଇ କାଳ ନହୋଇ ବଧିର
ହେ ଯମ ଦେବତା
ଶୁଣ ସାବିତ୍ରୀର ପଦେ କଥା
ନିଷ୍ଠା ଉପବାସେ କରୁଛି ବନ୍ଦନା।

ଉଷା ବ୍ରତ କରି କରିବ ପ୍ରାର୍ଥନା
ଫେରେଇ ଦିଅ ଶଙ୍ଖା ସିନ୍ଦୁର
ପ୍ରାଣର ସତ୍ୟବାନକୁ କର ଅମର ।
ହେ ଯମ ଦେବତା
ଶୁଣ ସାବିତ୍ରୀର ପଦେ କଥା ।

ହେ ଧର୍ମରାଜ ତୁମେ ଧର୍ମଦେବତା
ଡାକୁଅଛି ହତଭାଗୀ ଏ ପତିବ୍ରତା
ପରାଣ ନେଇ ଜୀବନ ଭରି ଦିଅ
ସତ୍ୟବାନକୁ ବଞ୍ଚାଇ ଦିଅ ଫେରାଇ ଦିଅ।

ଭଲ ପାଇବାର ହେଲା ବିଜୟ
ନାରି ଶକ୍ତିର ଦେଖାଇଲା ତାକତ
ସତ୍ୟବାନ ତହିଁ ଜୀବନ ପାଇଲା
ଯୁଗେ ଯୁଗେ ସାବିତ୍ରୀ ବିଜୟ ହେଲା।

ହେ ଯମ ଦେବତା
ଶୁଣ ସାବିତ୍ରୀର ପଦେ କଥା
ଧର୍ମ ପରାୟଣ ହୁଅ ହେ ନରନାରୀ
ପତି ସେବାକଲେ ପାଇବ ତରୀ ।

ବ୍ରତ ଓଷା କରି କର୍ମ ନିଷ୍ଠ ହୁଅ
କର୍ମ ଫଳ ତହିଁ ନିଶ୍ଚୟ ମିଳିବ
ହେ ଧର୍ମ ଦେବତା
ମାନବ ଜାତିକୁ ଶିଖାଅ କଥା।

+ ନୂଆପଡ଼ା
ମୋ. ୯୯୩୭୪୧୬୯୧୭



ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ସତର୍କତା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ



ପାରାଦୀପ,୨୮/୧୦ (ନି.ପ୍ର): ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ଏକ ସତର୍କତା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଇଫକୋରେ କାର୍ଯ୍ୟରତ ଅଧିକାରୀ, କର୍ମଚାରୀମାନଙ୍କୁ ଦୁର୍ନିତୀମୁକ୍ତ ଭାବେ କାର୍ଯ୍ୟ କରିବାର ଶପଥ ପାଠ କରାଯାଇଥିଲା । ମଙ୍ଗଳବାର ଦିନ ଇଫକୋର ପରିଚାଳନା ନିର୍ଦ୍ଦେଶକ କେ.ଜେ.ପଟେଲ୍ ଶପଥପାଠ କରାଇଥିଲେ । ଇଫକୋର ଅଧକ୍ଷ ଦଲ୍ଲୀପ ସଂଘାନୀ, ପରିଚାଳନା ନିର୍ଦ୍ଦେଶକ କେ.ଜେ.ପଟେଲ୍, ଇଫକୋ ମୁଖ୍ୟ ସତର୍କତା ଅଧିକାରୀ ବିକାଶ ଗୋୟେଲ ଇଫକୋର ଅଧିକାରୀ, କର୍ମଚାରୀମାନଙ୍କୁ ସତର୍କତା ସଚେତନତା ସପ୍ତାହ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଚଳିତ ମାସ ୨୨ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ଇଫକୋ ପକ୍ଷରୁ ଏକ ସଚେତନତା ରଥ ବାହାରି ଇଫକୋ ସାର କାରଖାନା, ଆବାସିକ ସ୍ଥଳୀ ଆଦି ସ୍ଥାନରେ ବୁଲି ସଚେତନତା ସୃଷ୍ଟି କରିବାର ବାର୍ତା ପ୍ରଦାନ କରିଥିଲା । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏଥିରେ ଇଫକୋ ପରିବାର ସମେତ ଡିଏଭି ସ୍କୁଲର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥଲେ ।ଆଜି ଇଫକୋ ସଂସ୍କୃତି ଭବନ ପରିସରରେ ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥିଭାବେ ପୋଲିସ୍ ଆଇଜି ଡ. ସତ୍ୟଜିତ୍ ନାୟକ, ସମ୍ମାନୀତ ଅତିଥି ଭାବେ ଜଗତସିଂହପୁର ଏସପି ଅଙ୍କିତ କୁମାର ବର୍ମା ଯୋଗ ଦେଇଥିଲେ । ଇଫକୋ ପାରାଦୀପ ୟୁନିଟ୍ ମୁଖ୍ୟ ଅନିରୁଦ୍ଧ ବିକ୍ରମ ସିଂହଙ୍କ ସମେତ ଇଫକୋର ବରିଷ୍ଠ ଅଧିକାରୀମାନେ ଏହି ଉଦଯାପନୀ ଉତ୍ସବରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଇଫକୋ ପାରାଦୀପ ୟୁନିଟ୍ ସତର୍କତା ଅଧିକାରୀ ରାକେଶ ପାଣ୍ଡେ ପରିଚୋଳନା କରିଥିଲେ । କାର୍ଯ୍ୟକ୍ରମକୁ ସଫଳ ଭାବେ ପରିଚାଳନା କରିଥିଲେ ଇଫକୋ ଲୋକ ସମ୍ପର୍କ ଅଧିକାରୀ ଡ. ପ୍ରସନ୍ନ କୁମାର ବେଉରା । ଶେଷରେ ଇଫକୋ ଜେଜିଏମ୍ ଏନ.ପି.ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।ସତର୍କତା ସଚେତନତା ପ୍ରସାର ଓ ପ୍ରଚାର କ୍ଷେତ୍ରରେ ଇଫକୋର ଅବଦାନ ଅତୁଳନୀୟ ।

ମୟୂରଭଞ୍ଜରେ ବେକାରୀ ଦୂର ପାଇଁ ମନ୍ତ୍ରୀଙ୍କ ନିଆରା ପଦକ୍ଷେପ : ଗରିବ ଯୁବକଙ୍କୁ ଜଳଖିଆ କେବିନ୍ ବଣ୍ଟନ, ସ୍ୱାବଲମ୍ବୀ ହେବାର ଦେଖାଇଲେ ବାଟ

ବାରିପଦା,୨୮/୧୦ (ନି.ପ୍ର): ଅଭାବ ଆଉ ଅସହାୟତା ଭିତରେ ଜୀବନ ବିତାଉଥିବା ଗରିବ ପରିବାରର ଯୁବକଯୁବତୀଙ୍କ ପାଇଁ ଆଶାର ନୂଆ କିରଣ। ହାତକୁ କାମ ନାହିଁ, ପରିବାର ଚଳାଇବାକୁ ଚିନ୍ତା। ଜୀବିକା ପାଇଁ ଅନେକେ ନିଜ ଭିଟାମାଟି ଛାଡ଼ି ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି। ଏଭଳି ସ୍ଥିତିରେ ଯୁବକଯୁବତୀଙ୍କୁ ନିଜ ଅଞ୍ଚଳରେ ରୋଜଗାରର ସୁଯୋଗ ଯୋଗାଇଦେବା ସହ ଆତ୍ମନିର୍ଭରଶୀଳ କରିବାକୁ ଆଗେଇ ଆସିଛନ୍ତି ରାଜ୍ୟର ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର। ମୟୂରଭଞ୍ଜ ଜିଲ୍ଲାରେ ବେକାରୀ ସମସ୍ୟା ଦୂର କରିବା ଏବଂ ଗରିବ ତଥା ଅସହାୟ ପରିବାରର ଯୁବକଯୁବତୀଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ମନ୍ତ୍ରୀଙ୍କ ପକ୍ଷରୁ ଜଳଖିଆ ଓ ଫାଷ୍ଟଫୁଡ୍ କେବିନ୍ ପ୍ରଦାନ କରାଯାଇଛି। କେବଳ କେବିନ୍ ନୁହେଁ, ବ୍ୟବସାୟ ଆରମ୍ଭ କରିବା ପାଇଁ ଆବଶ୍ୟକ ରୋଷେଇ ସାମଗ୍ରୀ ଓ ବାସନକୁସନ ମଧ୍ୟ ଯୋଗାଇ ଦିଆଯାଇଛି। ଏହାଦ୍ୱାରା ହିତାଧିକାରୀମାନେ ନିଜେ ରୋଜଗାର କରିବା ସହ ପରିବାରର ଗୁଜୁରାଣ ମେଣ୍ଟାଇ



ପାରିବେ ବୋଲି ଆଶା ରଖାଯାଇଛି।

ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଯେଉଁ ଯୁବକଯୁବତୀଙ୍କର ପିତାମାତା ନାହାନ୍ତି କିମ୍ବା ଅତ୍ୟନ୍ତ ଗରିବ ପରିବାରରୁ ଆସିଛନ୍ତି ଏବଂ ଜୀବିକା ନିର୍ବାହ ପାଇଁ ରୋଜଗାରର ଜରୁରୀ ଆବଶ୍ୟକତା ରହିଛି, ସେମାନଙ୍କୁ ଚିହ୍ନଟ କରି ଏହି ସହାୟତା ଦିଆଯାଉଛି। ଏଥିରୁ ସେମାନେ ଅଣ୍ଡା ଅମଲେଟ୍, ତେଲଭାଜି,ଘୁଗୁନି ଓ ବିଭିନ୍ନ ପ୍ରକାରର ଜଳଖିଆ ବିକ୍ରି କରି ନିଜର ଜୀବିକା ନିଜେ ନିର୍ବାହ କରିପାରିବେ। ମୟୂରଭଞ୍ଜ ଜିଲ୍ଲାରେ ଆଜି ପ୍ରଥମ ପର୍ଯ୍ୟାୟରେ ମୋଟ ୫ ଜଣ ହିତାଧିକାରୀଙ୍କୁ ଏହି ଜଳଖିଆ କେବିନ୍ ପ୍ରଦାନ କରାଯାଇଛି। ମୋରଡ଼ା ବିଧାନସଭା କ୍ଷେତ୍ରରୁ ୨ ଜଣ, ବାରିପଦା ବିଧାନସଭା କ୍ଷେତ୍ରରୁ ୨ ଜଣ ଏବଂ ବେତନଟୀ ବିଧାନସଭା କ୍ଷେତ୍ରରୁ ଜଣେ ହିତାଧିକାରୀ ଏହି ସହାୟତା ପାଇଛନ୍ତି। ଆଗାମୀ ଦିନରେ ଆହୁରି ଅଧିକ କେବିନ୍ ଯୋଗାଇ ଅନ୍ୟ ଆବଶ୍ୟକୀୟ ଯୁବକଯୁବତୀଙ୍କୁ ମଧ୍ୟ ସ୍ୱାବଲମ୍ବୀ କରିବାକୁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

ଅନ୍ୟପଟେ, କେବିନ୍ ପାଇଥିବା ହିତାଧିକାରୀମାନେ ମନ୍ତ୍ରୀଙ୍କ ଏହି ପଦକ୍ଷେପ ପାଇଁ କୃତଜ୍ଞତା ଜଣାଇଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ପୂର୍ବରୁ ସେମାନେ ରାସ୍ତାକଡ଼ରେ ଉଠାଦୋକାନ କରି ଜୀବିକା ନିର୍ବାହ କରୁଥିଲେ। ମନ୍ତ୍ରୀ ରାସ୍ତାରେ ଯିବା ସମୟରେ ସେମାନଙ୍କ ଦୋକାନ ପାଖରେ ଅଟକି ସମସ୍ୟା ବୁଝିଥିଲେ ଏବଂ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏବେ ସେହି ପ୍ରତିଶ୍ରୁତି ପୂରଣ କରି ସେମାନଙ୍କୁ ଡାକି ଜଳଖିଆ କେବିନ୍ ହସ୍ତାନ୍ତର କରିଛନ୍ତି।

ହିତାଧିକାରୀଙ୍କ କହିବା କଥା, ଏହି କେବିନ୍ ସେମାନଙ୍କ ବ୍ୟବସାୟକୁ ଆଗକୁ ବଢ଼ାଇବା ସହ ପରିବାର ଚଳାଇବାରେ ବେଶ୍ ସହାୟକ ହେବ। ଏଥିପାଇଁ ସେମାନେ ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ କହିବା ଅନୁଯାୟୀ, ଗରିବ ଓ ଆବଶ୍ୟକତାରେ ଥିବା ଯୁବକଯୁବତୀଙ୍କୁ ବିଭିନ୍ନ ଯୋଜନା ମାଧ୍ୟମରେ ରୋଜଗାରକ୍ଷମ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଆବଶ୍ୟକତା ଥିବା ଯୁବକମାନଙ୍କୁ ଆଉଟ୍ସୋର୍ସିଂ କ୍ଷେତ୍ରରେ ମଧ୍ୟ ସୁଯୋଗ ଦେବାକୁ ଉଦ୍ୟମ କରାଯାଉଛି। ଦାଦନ ଖଟିବାକୁ ବାହାରକୁ ନଯାଇ ନିଜ ଅଞ୍ଚଳରେ ରହି ରୋଜଗାର କରିବା ସହ ଆତ୍ମନିର୍ଭରଶୀଳ ହେବାକୁ ସେ ଯୁବପିଢ଼ିଙ୍କୁ ଆହ୍ୱାନ ଜଣାଇଛନ୍ତି।

ଏହି କାର୍ଯ୍ୟକ୍ରମ ରେ ବାରିପଦା ବିଧାୟକ ଶ୍ରୀଯୁକ୍ତ ପ୍ରକାଶ ସୋରେନ୍, ଉଦଳା ବିଧାୟକ ଶ୍ରୀଯୁକ୍ତ ଭାସ୍କର ମଢେଇ, ବାଙ୍ଗିରୀପୋଷୀ ବିଧାୟିକା ସୁଶ୍ରୀ ସଂଜଳି ମୁର୍ମୁ ମହୋଦୟା ପ୍ରମୁଖ ଉପସ୍ଥିତି ରହିବା ସହିତ ଅନ୍ୟାନ୍ୟ ମାନ୍ୟଗନ୍ୟ ବ୍ୟକ୍ତି ଯଥା ବିଜେପି ରାଜ୍ୟ ଏସ୍.ଟି. ମୋର୍ଚ୍ଚା ସଭାପତି ତଥା ପୂର୍ବତନ ବିଧାୟକ ଶ୍ରୀଯୁକ୍ତ କାନ୍ଦ୍ରା ସୋରେନ୍, ମୟୂରଭଞ୍ଜ (ପୂ) ବିଜେପି ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦି ମହୋଦୟ ପ୍ରମୁଖ ଉପସ୍ଥିତ ଥିଲେ।

ଦୀପାବଳିରେ ଦର୍ଶକଙ୍କୁ ଜୀ ସାର୍ଥକର ଭେଟି: ଆସୁଛି ସବୁଠାରୁ ବଡ଼ ଆୱାର୍ଡ ଶୋ' ଜୀ ସାର୍ଥକ ସଂସାର ଆୱାର୍ଡ ୨୦୨୬



ଭୁବନେଶ୍ୱର, ୨୮/୧୦ (ନି.ପ୍ର): ନିଜର ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ଏବଂ ଓଡ଼ିଆ କଳା, ସଂସ୍କୃତି ତଥା ପାରିବାରିକ ମୂଲ୍ୟବୋଧକୁ ନେଇ ସବୁବେଳେ ଦର୍ଶକଙ୍କ ହୃଦୟ ଜିଣି ଆସିଛି ଓଡ଼ିଶାର ଲୋକପ୍ରିୟ ଚ୍ୟାନେଲ୍ ଜୀ ସାର୍ଥକ। ଏବେ ଦର୍ଶକଙ୍କ ପାଇଁ ଏହା ନେଇ ଆସୁଛି ଓଡ଼ିଶା ମନୋରଞ୍ଜନ ଜଗତର ସବୁଠାରୁ ବଡ଼ ଆୱାର୍ଡ ଶୋ' 'ଜୀ ସାର୍ଥକ ସଂସାର ଆୱାର୍ଡ ୨୦୨୬', ଯାହା ଏକ ନୂଆ ଇତିହାସ ସୃଷ୍ଟି କରିବାକୁ ଯାଉଛି।

ଭାରତର ଗଣପର୍ବ ଦୀପାବଳିକୁ ଆହୁରି ମନୋରଞ୍ଜକ କରିବା ପାଇଁ ଜୀ ସାର୍ଥକ ପରିବାରର ଏହି ସବୁଠାରୁ ବଡ଼ ଉତ୍ସବ ପ୍ରସ୍ତୁତ ରହିଛି। ଆସନ୍ତା ନଭେମ୍ବର ୧ ତାରିଖ ସନ୍ଧ୍ୟା ୬:୩୦ ମିନିଟ୍ରେ କେବଳ ଜୀ ସାର୍ଥକରେ ଏହି ମେଗା ଇଭେଣ୍ଟର ଟେଲିକାଷ୍ଟ ହେବାକୁ ଯାଉଛି। ଏହି ଉତ୍ସବରେ ସାର୍ଥକ ସଂସାରର ସମସ୍ତ ମେଗା ଧାରାବାହିକ ଓ ଅନ୍ୟାନ୍ୟ ମନୋରଂଜନ ଭିତ୍ତିକ କାର୍ଯ୍ୟକ୍ରମର ପ୍ରିୟ କଳାକାରମାନେ ଯୋଗ ଦେଇ ନିଜର ଚିତ୍ତାକର୍ଷକ ପ୍ରଦର୍ଶନ କରିବେ।

ଏହି ଆୱାର୍ଡ ଶୋ'କୁ ଆହୁରି ଝଲସାଇବା ପାଇଁ ଓଲିଉଡର ନାମୀଦାମୀ କଳାକାରମାନଙ୍କର ଉପସ୍ଥିତି ମଧ୍ୟ ଦେଖିବାକୁ ମିଳିବ। ଅର୍ଚ୍ଚିତା, ସ୍ୱରାଜ, ସୁପ୍ରିୟା ଓ ଶୈଳେନ୍ଦ୍ରଙ୍କ ଭଳି ତାରକା ଏଥିରେ ସାମିଲ ହେବେ। ବିଶେଷ ଆକର୍ଷଣ ଭାବରେ, ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଓଲିଉଡର ଲୋକପ୍ରିୟ ତାରକା ଏଲିନା ସାମନ୍ତରାୟ ଓ ସବ୍ୟସାଚି ମିଶ୍ର ଯୋଗଦେବେ।

ଏହି ମେଗା ଇଭେଣ୍ଟ ସମ୍ପର୍କରେ ଜୀ ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର୍ ଶ୍ରୀଯୁକ୍ତ ରାହୁଲ୍ ରାଓ କହିଛନ୍ତି ଯେ, 'ଜୀ ସାର୍ଥକ ସବୁବେଳେ ଓଡ଼ିଶାର ଦର୍ଶକଙ୍କୁ ଉନ୍ନତ ମାନର ମନୋରଞ୍ଜନ ପ୍ରଦାନ କରିବାକୁ ପ୍ରୟାସ କରିଆସିଛି। ଆମର 'ଜୀ ସାର୍ଥକ ସଂସାର ଆୱାର୍ଡ' ହେଉଛି ଆମ କଳାକାର ଓ ଦର୍ଶକମାନଙ୍କର ଏକ ବିରାଟ ପରିବାରର ମିଳନ ପର୍ବ। ମୁଁ ଓଡ଼ିଶାର ସମସ୍ତ ଦର୍ଶକବନ୍ଧୁମାନଙ୍କୁ ଅନୁରୋଧ କରୁଛି ଯେ, ଆସନ୍ତା ନଭେମ୍ବର ୧ ତାରିଖ ସନ୍ଧ୍ୟା ୬:୩୦ ରେ ଆପଣମାନେ ସପରିବାର ନିଶ୍ଚୟ ଏହି ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମ ଦେଖନ୍ତୁ ଏବଂ ନିଜର ଦୀପାବଳି ଉତ୍ସବକୁ ଆହୁରି ଖାସ୍ ତଥା ଆନନ୍ଦମୟ କରନ୍ତୁ।'

ଟାଙ୍ଗୀ ବ୍ଲକରେ ଜିଲ୍ଲାପାଳ ଏବଂ ଏସ୍ପିଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

ଖୋରଧା ,୨୮/୧୦ (ନି.ପ୍ର): ଖୋରଧା ଜିଲ୍ଲା ଅନ୍ତର୍ଗତ ଟାଙ୍ଗୀ ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀ ଅମ୍ରିତ୍ ଋତୁରାଜ ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ପାରମାର ସ୍ମିଥ ପାରୁଷୋତ୍ତମ୍ ଦାସ ଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲାପାଳ ଶ୍ରୀ ଅମ୍ରିତ୍ ଋତୁରାଜ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଅଭିଯୋଗ ଶୁଣାଣି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ,ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ,ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଖୋରଧା, ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ,ବି ଡି ଓ, ଟାଙ୍ଗୀ, ରୁମାନା ଜାଫ୍ରି, ତହସିଲଦାର, ଟାଙ୍ଗୀ ଏବଂ ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର ପ୍ରମୁଖ ଜନ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣ ମାନଙ୍କ



ବିଭିନ୍ନ ଆପତ୍ତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ସହଯୋଗ ପ୍ରଦାନ କରିଥିଲେ । ଆଜିର ଅଭିଯୋଗ ଶିବିରକୁ ମୋଟ ୪୫ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୨୯ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୬ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଥିଲା । ଜିଲ୍ଲାପାଳ , ଶ୍ରୀ ଋତୁରାଜ ଅଭିଯୋଗ ଶିବିରରେ ୦୭ ଗୋଟି ଅଭିଯୋଗ ର ତତ୍କାଳ ସମାଧାନ କରିଥିଲେ । ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ରାଣୀ ପଲାଇ, ଗ୍ରାମ: ଜଙ୍କିଆଙ୍କୁ ଚିକିତ୍ସା ନିମନ୍ତେ ଜିଲ୍ଲା ରେଡ୍ କ୍ରସ୍ ପାଣ୍ଠିରୁ ଜିଲ୍ଲାପାଳ ୨୦ ହଜାର ଆର୍ଥିକ ସାହାଯ୍ୟ ମଞ୍ଜୁରୀ କରିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସୁମିତ୍ରା ଚମ୍ପତି, ଗ୍ରାମ: ଓରାଡ ଙ୍କୁ ଚିକିତ୍ସା ନିମନ୍ତେ ୨୦ ହଜାର, ମମତାରାଣି କର, ଗ୍ରାମ: ଓରାଡ ଙ୍କୁ ଆର୍ଥିକ ସହାୟତା ନିମନ୍ତେ ୩୦ ହଜାର ଟଙ୍କା, ବାପୁ ରାଉତରାୟ, ଗ୍ରାମ: ମଙ୍ଗଳାଯୋଡ଼ିଙ୍କୁ ଚିକିତ୍ସା ନିମନ୍ତେ ୨୦ହଜାର ଏବଂ ସତ୍ୟଭାମା ସାହୁ, ଗ୍ରାମ: ଜଙ୍କିଆଙ୍କୁ ଚିକିତ୍ସା ନିମନ୍ତେ ୨୦ ହଜାର ରାଶି ମଞ୍ଜୁରୀ କରିଥିଲେ । ଜଜନଶୁଣାଣି ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ, ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି, ଶ୍ରୀୟା ଶାଶ୍ୱତୀ , ଉପ ନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ, ଶଙ୍କର ବେହେରା, ଅଗ୍ରଣୀ ବ୍ୟାଙ୍କ୍ ପରିଚାଳକ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଶ୍ରୀ ଅଶୋକ କୁମାର ବେହେରା, ଅବକାରୀ ଅଧିକ୍ଷକ, ଖୋରଧା ଶ୍ରୀମତୀ ସୁମତି ତ୍ରିପାଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଦିଲ୍ଲୀପ ହିଆଲ ଙ୍କ ସମେତ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ସଦସ୍ୟା/ସଦସ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ବରିଷ୍ଠ ଅଧିକାରୀ ବୃନ୍ଦ,ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ,ଲାଇନ୍ ଡିପାର୍ଟମେଣ୍ଟ ଯନ୍ତ୍ରୀ ଓ ଅଧିକାରୀ ଏବଂ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

ପିପିଳିଆରେ ୪୯ ତମ ଗଜଲକ୍ଷ୍ମୀ ପୂଜା

କେନ୍ଦୁଝର,୨୮/୧୦ (ନି.ପ୍ର): ଘଟଗାଁ ବ୍ଲକ ପିପିଳିଆ ଗ୍ରାମରେ ମା' ଗଜଲକ୍ଷ୍ମୀ ପୂଜା ମହା ଆଡମ୍ବର ସହ ପାଳିତ ହେଉଛି । କମିଟି ପକ୍ଷରୁ ୪୯ ତମ ଗଜଲକ୍ଷୀ ପୂଜା ଯଥାବିଧି ଅନୁଷ୍ଠିତ ହୋଇଯାଇଛି । ଗାଁ ରାଜବନ୍ଧ ପୋଖରୀରୁ କଳସ ଯାତ୍ରା କରାଯାଇ ଘଟ ସ୍ଥାପନ କରାଯାଇଥିଲା । ପୂଜାରେ କର୍ତା ଭାବେ ରାମଚନ୍ଦ୍ର ଦଣ୍ଡପାଟ ଓ ଭଜହରି ନାୟକଙ୍କ ସହ ପୂଜକ ଜଗବନ୍ଧୁ ଦାଶ ପୂଜା ସମ୍ଭାଳିଛନ୍ତି। ପୂଜା ଅବସରରେ କମିଟି ପକ୍ଷରୁ ଦୁଇ ଦିନ ନାଟକ ପରିବେଶଣ ହେବାକୁ ଥିବା ବେଳେ ପ୍ରଥମ ରାତିରେ ପାରିବାରିକ କାହାଣୀ ଉପରେ ନାଟକ କେତେ ଦୁଃଖ ଦେବୁ କହ ଦଇବ ଏବଂ ୨ୟ ରାତିରେ ନାଟକ ଏଠି ତୋର ଦୋଷ ନା ମୋର ଦୋଷ ମଂଚସ୍ଥ କରାଯିବ। କମିଟି ସଭାପତି ପରମେଶ୍ୱର ବାରିକ, ସଂପାଦକ ତପନ କୁମାର ନାୟକ, କୋଷାଧକ୍ଷ କ୍ଷୀରୋଦ କୁମାର ମହାପାତ୍ର ସହ କମିଟି ପକ୍ଷରୁ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଛନ୍ତି।

ସୁରକ୍ଷିତ ଶୈଶବ ଅଭିଯାନ ସଚେତନତା କାର୍ଯ୍ୟକ୍ରମ

ବଲାଙ୍ଗୀର,୨୮/୧୦ (ନି.ପ୍ର): ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ଅଭିଯାନ 'ଶୈଶବ ସୁରକ୍ଷା'କୁ ସଫଳ କରିବା ଉଦ୍ଦେଶ୍ୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବଲାଙ୍ଗୀର, ପଲ୍ଲୀଶ୍ରୀ ଉଚ୍ଚ ବିଦ୍ୟାଳୟ, ସଦେଇପାଲି, ବଲାଙ୍ଗୀର ଠାରେ ତା.୨୭.୧୦.୨୦୨୬ରେ 'ସୁରକ୍ଷିତ ଶୈଶବ ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜଜ(ଏସ୍ସି/ଏସ୍ଟି) ବଲାଙ୍ଗୀର ତଥା ଭାରପ୍ରାପ୍ତ ଜିଲ୍ଲା ଜଜ୍ ଶ୍ରୀ ସୁବ୍ରତ ପଟ୍ଟନାୟକ, ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ ବଲାଙ୍ଗୀର ଶ୍ରୀ ପବିତ୍ରାନନ୍ଦ ପ୍ରଧାନ, ବଲାଙ୍ଗୀର ଶ୍ରୀ ସାଧକ କାରଜୀ, ଗ୍ରାମ ନ୍ୟାୟଧିକାରୀ, ବଲାଙ୍ଗୀର ଶ୍ରୀ ଶିଶିର କୁମାର ଭୋଇ, ଶିଶୁ କଲ୍ୟାଣ ସମିତିର ସଦସ୍ୟା ଶ୍ରୀମତୀ ଏସ୍. ଲତାଶ୍ରୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ବୃନ୍ଦାବନ ମହାକୁର ପ୍ରମୁଖ ଯୋଗଦାନ କରିଥିଲେ। ଏହି ଶିବିରରେ ଅତିରିକ୍ତ ଜିଲ୍ଲା ଜଜ୍ ଶ୍ରୀ ପଟ୍ଟନାୟକ ଶିଶୁମାନଙ୍କ ଅଧିକାର, ଶିଶୁ ସୁରକ୍ଷା, ବାଲ୍ୟବିବାହ ନିରାକରଣ, ଶିଶୁ ଶୋଷଣ ଓ ନିର୍ଯାତନାରୁ ସୁରକ୍ଷା ତଥା ଶିଶୁମାନଙ୍କ ପ୍ରତି ଥିବା ସାମାଜିକ ଦାୟିତ୍ୱ ସମ୍ପର୍କରେ ସଚେତନତା ଉପରେ ଆଲୋକପାତ କରିଥିଲେ।

ସମ୍ବଲପୁରରେ ଆପଦମିତ୍ରଙ୍କ ଡିଭିଜନ ସ୍ତରୀୟ ପ୍ରତିଯୋଗିତା ଶିବିର

ସମ୍ବଲପୁର,୨୮/୧୦ (ନି.ପ୍ର): ବିପର୍ଯ୍ୟୟ ସମୟରେ ଦ୍ରୁତ ଉଦ୍ଧାର, ଆହତଙ୍କୁ ପ୍ରାଥମିକ ଚିକିତ୍ସା ଓ ଅମୂଲ୍ୟ ଜୀବନ ରକ୍ଷା କରିବାରେ ଆପଦମିତ୍ର ସ୍ୱେଚ୍ଛାସେବୀଙ୍କ ଦକ୍ଷତା ବୃଦ୍ଧି ଲକ୍ଷ୍ୟରେ ସମ୍ବଲପୁର ନିଲଡୁଙ୍ଗରିସ୍ଥିତ ଉଦ୍ୟାନ ବିଭାଗ ପ୍ରଶିକ୍ଷଣ ଅନୁଷ୍ଠାନ ପରିସରରେ ଉତରାଂଚଳ ରାଜସ୍ୱ ଡିଭିଜନସ୍ତରୀୟ ପ୍ରାଥମିକ ଚିକିତ୍ସା ଏବଂ ସନ୍ଧାନ ଓ ଉଦ୍ଧାର ପ୍ରତିଯୋଗିତା ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇ ଆପଦମିତ୍ର ସ୍ୱେଚ୍ଛାସେବୀଙ୍କ ନିଃସ୍ୱାର୍ଥପର ସେବା ଓ ମାନବିକତାର ଉଚ୍ଚ ପ୍ରଶଂସା କରିଥିଲେ। ବିପର୍ଯ୍ୟୟ ସମୟରେ ସାହସ, ସତର୍କତା ଓ ଦକ୍ଷତାର ସହ କାର୍ଯ୍ୟ କରି ଅନେକ ଜୀବନ ରକ୍ଷା କରିବାରେ ସେମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତବ୍ୟକ୍ତ କରିବା ସହ ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ।ଜିଲ୍ଲା ବିପର୍ଯ୍ୟୟ ପ୍ରଶମନ ଅଧିକାରୀ ଗୀତାଞ୍ଜଳି ସା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କଳ୍ପନା ଦଳେଇ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ସମାଜସେବୀ ତଥା ଡାକ୍ତର ରାଜାରାମ ଷଡ଼ଙ୍ଗୀ, ଏଏଫଓ ସୁଦାମ କିସ୍କୋ, ବାସୁଦେବ ଲାମା, ଧନିରାମ ମୁଣ୍ଡା ଓ ଅଧ୍ୟାପକ ଶାନ୍ତନୁ କୁମାର ପ୍ରଧାନ ବିଚାରକ ଭାବେ ଯୋଗଦେଇ ପ୍ରତିଯୋଗୀ ଦଳଗୁଡ଼ିକର ଦକ୍ଷତା ଓ ପ୍ରଦର୍ଶନର ମୂଲ୍ୟାୟନ କରିଥିଲେ। ପ୍ରାଥମିକ ଚିକିତ୍ସା ପ୍ରତିଯୋଗିତାରେ ଝାରସୁଗୁଡ଼ା ଜିଲ୍ଲା ପ୍ରଥମ, କଳାହାଣ୍ଡି ଦ୍ୱିତୀୟ ଓ ବଲାଙ୍ଗୀର ଜିଲ୍ଲା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସନ୍ଧାନ ଓ ଉଦ୍ଧାର ପ୍ରତିଯୋଗିତାରେ କଳାହାଣ୍ଡି ଜିଲ୍ଲା ପ୍ରଥମ ଓ ଝାରସୁଗୁଡ଼ା ଜିଲ୍ଲା ଦ୍ୱିତୀୟ ଓ ବଲାଙ୍ଗୀର ତୃତୀୟ ସ୍ଥାନ ଅଧିକାର କରିଥିଲେ ।କାର୍ଯ୍ୟକ୍ରମ ଶେଷରେ ମୁଖ୍ୟଅତିଥି ଶ୍ରୀ ଭୋଇ କୃତି ପ୍ରତିଯୋଗୀ ଦଳଗୁଡ଼ିକୁ ପୁରସ୍କୃତ କରିଥିଲେ। ଏହି ଶିବିର ଆପଦମିତ୍ର ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ଦକ୍ଷତା, ସମନ୍ୱୟ ଓ ବିପର୍ଯ୍ୟୟ ମୁକାବିଲା ପ୍ରତି ସଚେତନତା ବୃଦ୍ଧିରେ ସହାୟକ ହୋଇଛି।ଶେଷରେ ଡିପିଓ ଶ୍ରୀମତୀ ସା ଧନ୍ୟବାଦ ଦେଇଥିଲେ।

ସାଧୁତାରୁ ସମୃଦ୍ଧି : କେନ୍ଦୁଝର ଜିଲ୍ଲାର ପ୍ରଶାସନିକ ଅଧିକାରୀଙ୍କ ଏକକାଳୀନ ଶପଥ ଗ୍ରହଣ

କେନ୍ଦୁଝର,୨୮/୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସୱାନ କନ୍ଫରେନ୍ସ ହଲଠାରେ 'ଭିଜିଲାନ୍ସ ସଚେତନତା ସପ୍ତାହ-୨୦୨୬' ଅବସରରେ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅକ୍ଟୋବର ୨୭, ୨୦୨୬ ରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନ ସମ୍ମିଳନୀ କେନ୍ଦ୍ରଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରୀୟ ସତର୍କତା ଆୟୋଗ ଙ୍କ ଦ୍ୱାରା ପ୍ରସାରିତ ସଚ୍ଚୋଟତା ଶପଥପତ୍ର ପାଠ କରାଇଥିଲେ। ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ସହିତ ଆଭାସୀ ମାଧ୍ୟମରେ ଯୋଡ଼ିହୋଇ କେନ୍ଦୁଝର ଜିଲ୍ଲାପାଳ ଶ୍ରୀ ବିଶାଳ ସିଂହ, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ସାଧୁତା ଓ ସଚ୍ଚୋଟତାର ଶପଥ ପାଠ କରିଥିଲେ।

ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ସିଧାପ୍ରସାରଣ କରାଯାଇଥିବା ବେଳେ ଆଭାସୀ ମାଧ୍ୟମରେ ଜିଲ୍ଲା କଲେକ୍ଟରେଟ୍ ସମେତ ସମସ୍ତ ବ୍ଲକ୍ କାର୍ଯ୍ୟାଳୟଗୁଡ଼ିକୁ ସଂଯୋଗ କରାଯାଇଥିଲା, ଯାହା ଦ୍ୱାରା ସମସ୍ତ ପ୍ରଶାସନିକ ସ୍ତରର ଅଧିକାରୀ ଓ କର୍ମଚାରୀମାନେ ଏକକାଳୀନ ଏହି ସାଧୁତାର ଶପଥ ଗ୍ରହଣ କରିପାରିଥିଲେ।

ଚଳିତ ବର୍ଷ 'ଭିଜିଲାନ୍ସ ସଚେତନତା ସପ୍ତାହ'ର ମୁଖ୍ୟ ବିଷୟବସ୍ତୁ ରହିଛି "ସାଧୁତା ରୁ ସମୃଦ୍ଧି'। ଏହି ବିଷୟବସ୍ତୁ ନୈତିକତା ଏବଂ ସ୍ଥାୟୀ ସମୃଦ୍ଧି ମଧ୍ୟରେ ଥିବା ନିବିଡ଼ ସମ୍ପର୍କକୁ ଦର୍ଶାଉଛି। ବିଶେଷ କରି ସରକାରୀ ଓ ପ୍ରଶାସନିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମୟରେ ସାଧୁତା, ସଚ୍ଚୋଟତା ଏବଂ ନୈତିକ ଆଚରଣକୁ ବଜାୟ ରଖିବା ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି।


ଏହି ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସରକାରୀ ଓ ବେସରକାରୀ ସଂସ୍ଥାଗୁଡ଼ିକରେ ନିଷ୍ପତି ଗ୍ରହଣ ପ୍ରକ୍ରିୟାରେ ସ୍ୱଚ୍ଛତା ବୃଦ୍ଧି କରିବା, ମଜବୁତ ଉତରଦାୟିତ୍ୱ ପ୍ରତିଷ୍ଠା କରିବା ଏବଂ ଏପରି ଏକ ପରିବେଶ ସୃଷ୍ଟି କରିବା ଯେଉଁଥିରେ ଦୁର୍ନୀତିକୁ ପରବର୍ତୀ ସମୟରେ ସଂଶୋଧନ କରିବା ଅପେକ୍ଷା ପ୍ରାରମ୍ଭରୁ ହିଁ ରୋକାଯାଇପାରିବ।

AFFIDAVIT

By virtue of an affidavit before the executive Magistrate Balasore, I, Swetabja Singh aged about 18 yerars D/o- Nityagopal Singh, At- Manikhamb (Barbati), Po- Motiganj, Ps- Town, Dist- Balasore, Odisha declare that my name has been mentioned in my LIC Policy Bond bearing policy No. 587515288 issued by concerned authority as Piyali Singh (Nick Name) instead of Swetabja Singh which needs to be corrected as per my Aadhaar Card and HSC Certificate vide Aadhaar No. 3968 4560 1460 and roll No. 12141651. Both the names Swetabja Singh and Piyali Singh is one and same person.

Swetabja Singh

ଜଳେଶ୍ୱର ଘଟଣା ସମ୍ପର୍କିତ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷାଙ୍କ ବାଲେଶ୍ୱର ଜିଲ୍ଲା ଗସ୍ତ ଓ ସମୀକ୍ଷା ବୈଠକ ସମ୍ପର୍କିତ ରିପୋର୍ଟ



ବାଲେଶ୍ୱର, ୨୮/୧୦ (ନି.ପ୍ର): ଜଳେଶ୍ୱର ଅଞ୍ଚଳରେ ଜଣେ ନାବାଳିକାଙ୍କ ସହ ଘଟିଥିବା ଦୁଷ୍କର୍ମ ଓ ପରବର୍ତ୍ତୀ ହତ୍ୟା ସମ୍ପର୍କିତ ନ୍ୟୁଜ୍ କ୍ଲିପିଂରେ ପ୍ରକାଶିତ ଘଟଣାକୁ ନେଇ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ମାନ୍ୟବର ଅଧକ୍ଷା ଶ୍ରୀମତୀ ବବିତା ପାତ୍ର ଏବଂ ମାନ୍ୟବର ସଦସ୍ୟା ଶ୍ରୀମତୀ ସୁଜାତା ନାୟକ ବାଲେଶ୍ୱର ଜିଲ୍ଲା ଗସ୍ତ କରିଥିଲେ। ମାନ୍ୟବର ଚେୟାରପର୍ସନ ଓ ସଦସ୍ୟ ପୂର୍ବାହ୍ନ ପ୍ରାୟ ୧୧.୦୦ ଘଟିକା ସମୟରେ ସର୍କିଟ୍ ହାଉସ୍, ବାଲେଶ୍ୱର ଠାରେ ପହଞ୍ଚିଥିଲେ। ସେଠାରେ ସେମାନେ ଆରକ୍ଷୀ ଅଧୀକ୍ଷକ, ବାଲେଶ୍ୱରଙ୍କ ସହ ଉକ୍ତ ମାମଲା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଘଟଣାର ତଦନ୍ତର ଅଗ୍ରଗତି, ଗ୍ରହଣ କରାଯାଇଥିବା ଆଇନଗତ ପଦକ୍ଷେପ ଏବଂ ପୀଡ଼ିତାଙ୍କ ପରିବାରକୁ ଦିଆଯାଉଥିବା ସହାୟତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହା ପରେ ମାନ୍ୟବର ଚେୟାରପର୍ସନ ଓ ସଦସ୍ୟ, ଉଉଚଡ, ବାଲେଶ୍ୱର ଏବଂ ଇୟୟସଙ୍ଗସକ୍ତୁଭବକ୍ଷ ଝଚ, ବାଲେଶ୍ୱରଙ୍କ ସହିତ ପୀଡ଼ିତା ନାବାଳିକାଙ୍କ ପରିବାରବର୍ଗଙ୍କୁ ସାକ୍ଷାତ କରିଥିଲେ। ସେମାନେ ପରିବାରର ସଦସ୍ୟମାନଙ୍କ ସହ ଆଲୋଚନା କରି ଘଟଣା ସମ୍ପର୍କିତ ତଥ୍ୟ ଜାଣିବା ସହିତ ପରିବାରର ବର୍ତ୍ତମାନ ସ୍ଥିତି ଓ ଆବଶ୍ୟକତା ସମ୍ପର୍କରେ ଅବଗତ ହୋଇଥିଲେ। ପରବର୍ତ୍ତୀ ସମୟରେ ସେମାନେ ଘଟଣାସ୍ଥଳ ପରିଦର୍ଶନ କରିଥିଲେ, ଯେଉଁ ସ୍ଥାନରେ ଉକ୍ତ ନାବାଳିକାଙ୍କ ସହ ଦୁଷ୍କର୍ମ ପରେ ମୃତ୍ୟୁ ଘଟିଥିବା ସମ୍ପର୍କରେ ଅଭିଯୋଗ/ସୂଚନା ରହିଛି। ଘଟଣାସ୍ଥଳର ପରିସ୍ଥିତି ଏବଂ ମାମଲା ସମ୍ପର୍କିତ ଉପଲବ୍ଧ ତଥ୍ୟ ବିଷୟରେ ଅଧିକାରୀମାନଙ୍କଠାରୁ ସୂଚନା ଗ୍ରହଣ କରାଯାଇଥିଲା। ଏହା ପରେ ଅପରାହ୍ନ ୪.୦୦ ଘଟିକା ସମୟରେ ସର୍କିଟ୍ ହାଉସ୍, ବାଲେଶ୍ୱର ଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ମାନ୍ୟବର ଅଧକ୍ଷା ଶ୍ରୀମତୀ ବବିତା ପାତ୍ର ଏବଂ ମାନ୍ୟବର ସଦସ୍ୟା ଶ୍ରୀମତୀ ସୁଜାତା ନାୟକ, ଆରକ୍ଷ ଅଧିକ୍ଷକ ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ଖୁସିରାମ ଗହୀର, SJPO/DSP ଶ୍ରୀମତୀ ନିର୍ମଳା ଭଟ୍ଟାଚାର୍ଯ୍ୟଙ୍କ ସମେତ ସମ୍ପୃକ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଉକ୍ତ ମାମଲାର ସମସ୍ତ ପ୍ରମୁଖ ଦିଗ, ତଦନ୍ତର ଅଗ୍ରଗତି, ପୀଡ଼ିତାଙ୍କ ପରିବାରକୁ ଆବଶ୍ୟକ ସହାୟତା, ଶିଶୁ ସୁରକ୍ଷା ସମ୍ପର୍କିତ ବିଷୟ ଏବଂ ଭବିଷ୍ୟତରେ ଆବଶ୍ୟକ ପଦକ୍ଷେପ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ଓ ସମୀକ୍ଷା କରାଯାଇଥିଲା। ମାମଲାରେ ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ଏବଂ ଶିଶୁର ସର୍ବୋତ୍ତମ ସ୍ୱାର୍ଥ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସମସ୍ତ କାର୍ଯ୍ୟକ୍ରମ ଓ ସମୀକ୍ଷା ସମାପ୍ତ କରି ମାନ୍ୟବର ଚେୟାରପର୍ସନ ଓ ସଦସ୍ୟ ସନ୍ଧ୍ୟା ପ୍ରାୟ ୬.୦୦ ଘଟିକା ସମୟରେ ବାଲେଶ୍ୱରରୁ ଭୁବନେଶ୍ୱର ଅଭିମୁଖେ ପ୍ରସ୍ଥାନ କରିଥିଲେ।

ଜନସାଧାରଣଙ୍କ ହିତରେ ଆଞ୍ଚଳିକ ସୁରକ୍ଷା ମଞ୍ଚର ରାସ୍ତାରୋକ



ବାଲେଶ୍ୱର, ୨୮/୧୦ (ନି.ପ୍ର): ବଙ୍ଗରା ରେଳ ଫାଟକଠାରୁ ପଛୁଡ଼ିଆ ପର୍ଯ୍ୟନ୍ତ ରାସ୍ତାର ଆଶୁ ଓ ସ୍ଥାୟୀ ନିର୍ମାଣ ଦାବିରେ ଆଞ୍ଚଳିକ ସୁରକ୍ଷା ମଞ୍ଚ ପକ୍ଷରୁ ସଦର ବ୍ଲକ ଅନ୍ତର୍ଗତ ଗେଙ୍ଗୁଟି ଗ୍ରାମପଞ୍ଚାୟତର ପଳାସପୁର ଛକଠାରେ ସକାଳ ଛଅ ଘଟିକାରୁ ରାସ୍ତାରୋକ କରାଯାଇଥିଲା। ମଞ୍ଚର ସଭାପତି କମଳ ଲୋଚନ ରାଉତଙ୍କ ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନରେ ସଂଗଠନର କର୍ମକର୍ତ୍ତାଙ୍କ ସମେତ ବହୁ ସ୍ଥାନୀୟ ବାସିନ୍ଦା ସାମିଲ ହୋଇଥିଲେ। ରାସ୍ତାଟି ଖାନନଗର, କୁରୁଡ଼ା, କରଞ୍ଜିଆ, ସାରଙ୍ଗା, ଶାସଙ୍ଗ, ବରୁଣସିଂ ଆଦି ପଞ୍ଚାୟତ ଙ୍କୁ ସଂଯୋଗ କରୁଥିବା ସଦର ଓ ରେମୁଣା ବ୍ଲକର ଏକ ପ୍ରମୁଖ ରାସ୍ତା ହୋଇଥିବା ବେଳେ ପ୍ରଶାସନର ଏଭଳି ଅବହେଳା ସାଧାରଣରେ ଗ୍ରହଣୀୟ ନୁହେଁ ବୋଲି ଶ୍ରୀ ରାଉତ କହିଛନ୍ତି। ଏଥି ସହିତ ନିକଟ ଅତୀତରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟାରେ ସାଉଁ ପୋଲ ନିକଟରେ ମୁଖ୍ୟ ରାସ୍ତାଟି ଅଧାରୁ ଅଧିକ ଧୋଇ ହୋଇଯାଇଥିବାରୁ ଏହା ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଫଳରେ ଏହି ରାସ୍ତା ଜନସାଧାରଣଙ୍କ ଯାତାୟାତ ପାଇଁ ମରଣଯନ୍ତା ପାଲଟିଛି। ବନ୍ୟା ପରବର୍ତ୍ତୀ ସମୟରେ ରାସ୍ତାର ମରାମତି ଓ ସ୍ଥାୟୀ ନିର୍ମାଣ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଇ ନଥିବାରୁ ସାଧାରଣ ଲୋକେ ଦୀର୍ଘ ଦିନ ଧରି ଦୁର୍ଦ୍ଦଶା ଭୋଗୁଛନ୍ତି। ଇରିଗେସନ ବିଭାଗର ନିକଟରେ ଥିବ ଛୋଟ ବନ୍ଧ କାର୍ଯ୍ୟର ନିମ୍ନ ମାନ ପାଇଁ ଏହି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସାଧାରଣରେ ଆଲୋଚନା ହେଉଛି ବୋଲି ପ୍ରକାଶ କରୁଛନ୍ତି। ଏବାବଦରେ ଉଚ୍ଚ ସ୍ତରୀୟ ତଦନ୍ତ ସହ ସାଧାରଣ ଜନତାଙ୍କ ଟିକସ ପଇସା ବିନିର୍ବ୍ୟ, ଅଞ୍ଚଳର ରାସ୍ତାର କ୍ଷତି ପାଇଁ ଆବଶ୍ୟକୀୟ ଦଣ୍ଡର ବ୍ୟବସ୍ଥା ପାଇଁ ଦାବି ରଖିଛନ୍ତି। ଦୁଇ ମାସରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ ପ୍ରଶାସନର ଏ ନିରବତା ଆନ୍ଦୋଳନ ପାଇଁ ବାଧ କରିଛି ବୋଲି ମଞ୍ଚର ସଭାପତି ଶ୍ରୀ ରାଉତ ପ୍ରକାଶ କରିଛନ୍ତି। ଆନ୍ଦୋଳନ ଚାଲିଥିବା ସମୟରେ ଦିନ ପ୍ରାୟ ୧ଟାରେ ଜିଲ୍ଲା ପ୍ରଶାସନର ଏକ ପ୍ରତିନିଧି ଦଳ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ସ୍ଥାନରେ ରାସ୍ତାର ସ୍ଥିତି ପରିଦର୍ଶନ କରିଥିଲେ। ରାସ୍ତାର ସମସ୍ୟାର ସମାଧାନ ନେଇ ସେମାନଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନକାରୀ ଆନ୍ଦୋଳନରୁ ଓହରିଥିଲେ। ପ୍ରଶାସନିକ ସ୍ଥାଣୁତା ବିରୋଧରେ ସ୍ଥାନୀୟ ଲୋକଙ୍କ ଅସନ୍ତୋଷ ଆନ୍ଦୋଳନ ରୂପନେଇଛି। ଏହି ଆନ୍ଦୋଳନରେ ଆଞ୍ଚଳିକ ସୁରକ୍ଷା ମଞ୍ଚର ଉପସଭାପତି ରଞ୍ଜନ ଦାସ, ବରିଷ୍ଠ ସମାଜସେବୀ ରବୀନ୍ଦ୍ର ମହାନ୍ତି ସୁଦର୍ଶନ ସ୍ୱାଇଁ, ଜିତେନ୍ଦ୍ର ରାଉତ,ନିରଜନ ଦାସ ନାରୟଣ ପଣ୍ଡା, ଗିରିଧାରୀ ଖିଲାର ସନ୍ୟସି ପାତ୍ର, ପୁର୍ଣ୍ଣଚନ୍ଦ୍ର ମହାନ୍ତି, ତ୍ରିଲୋଚନ ବେହେରା, ଯୁଗେଶୋର ପାତ୍ର, ହରେନ୍ଦ୍ର ମହାଳିକ , ଅଶୋକ କୁମାର ପାତ୍ର,ସମାଜସେବୀ କଟ ପରିଡ଼ା, ଜୟନ୍ନ କୁମାର ଆଚାର୍ଯ୍ୟ ସମେତ ଅନ୍ୟାନ୍ୟ ସାମାଜିକ କର୍ମୀ ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

ଏଆଇପିଟିଏମ୍‌ଏମକେ ଶଶିକଳାଙ୍କୁ ଦଳରୁ ବହିଷ୍କାର କରିବ

ନୂଆଦିଲ୍ଲୀ,୨୮/୧୦ :ଅଲ୍ ଇଣ୍ଡିଆ ପୁରାଚି ଥଲାଇଭର ମକ୍କଲ ମୁନ୍ନେତ୍ର କଝଗମ୍ (ଏଆଇପିଟିଏମ୍‌ଏମକେ) ଭି.କେ. ଶଶିକଳାଙ୍କୁ ଦଳରୁ ବହିଷ୍କାର କରିବାକୁ ନିଷ୍ପତ୍ତି ନେଇଛି। ଗତ ନିର୍ବାଚନରେ ଦଳର ନେତୃତ୍ୱ ନେବେ ବୋଲି ଆଶା ରଖି ତାଙ୍କୁ ସଂଗଠନରେ ସାମିଲ କରାଯାଇଥିଲା। କିନ୍ତୁ ନିର୍ବାଚନ ଶେଷ ହେବା ପରେ ସେ ଦଳର ପଦାଧିକାରୀ ଓ କର୍ମୀମାନଙ୍କ ସହ ବିଶ୍ୱାସଘାତକତା କରିଥିବା ଅଭିଯୋଗ ହୋଇଛି। ଏଆଇପିଟିଏମ୍‌ଏମକ୍ରେ ପ୍ରତିଷ୍ଠାତା ଅଧକ୍ଷ ଚକ୍ରବର୍ତ୍ତୀ କହିଛନ୍ତି ଯେ ଭି.କେ. ଶଶିକଳାଙ୍କୁ ଦଳରୁ ବହିଷ୍କାର କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସେ ଅଭିଯୋଗ କରିଛନ୍ତି ଯେ ଶଶିକଳା କେବଳ ନିର୍ବାଚନ ସମୟରେ ଦଳର ଲୋକମାନଙ୍କୁ ନିଜର ରାଜନୈତିକ ସ୍ୱାର୍ଥ ପୂରଣ ପାଇଁ ଗୋଟି ଭାବେ ବ୍ୟବହାର କରିଥିଲେ। ଏଆଇଏଡିଏମକ୍ରେ ପୂର୍ବତନ ମହାସଚିବ ତଥା ଜୟଲଳିତାଙ୍କ ଘନିଷ୍ଠ ସହଯୋଗୀ ଶଶିକଳା ପୁଣିଥରେ ଏଆଇଏଡିଏମକ୍ରେ ସାମିଲ ହୋଇପାରନ୍ତି ବୋଲି ଆକଳନ କରାଯାଉଛି। କିଛି ସପ୍ତାହ ପୂର୍ବରୁ ଶଶିକଳା କହିଥିଲେ, "କର୍ମୀମାନଙ୍କ ଆକାଂକ୍ଷା ପୂରଣ କରିବା ପାଇଁ ସମସ୍ତେ ଏକାଠି ହେବାର ସମୟ ଆସିଛି। ଏଆଇଏଡିଏମକ୍କେ ଏକଜୁଟ, ଶକ୍ତିଶାଳୀ ଏବଂ ଏକ ବିଶାଳ ଜନଆନ୍ଦୋଳନ ଭାବେ ପୁଣିଥରେ ଉଭା ହେବା ଉଚିତ।

ମା' ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ପ୍ରଥମବର୍ଷ ପୂଜା ଅନୁଷ୍ଠିତ



ବାସୁଦେବପୁର, ୨୮/୧୦ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀ ଦାସପୁର ପଞ୍ଚାୟତର ମାଆ ଗଜ ଲକ୍ଷ୍ମୀ ସାର୍ବଜନୀନ ପୂଜା କମିଟି ପକ୍ଷରୁ ନୂତନ ଭାବେ ପ୍ରଥମ ବର୍ଷ ଲକ୍ଷ୍ମୀ ପୂଜା ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ କମିଟିର ସଭାପତି ପୀତବାସ ପଲାଇ,ସମ୍ପାଦକ ରାଜେଶ କୁମାର ନାୟକ ଓ ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। ଏହି ଉତ୍ସବରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଲକ୍ଷ୍ମୀଦାସପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ଜାନକୀ ବାରିକ୍, ସରପଞ୍ଚଙ୍କ ପ୍ରତିନିଧି ଜୟଦେବ ବାରିକ୍, ସମାଜ ସେବୀ ଇଞ୍ଜିନିୟର ଅଭୟ ପୁହାଣ, ସମାଜ ସେବୀ ବୁଦ୍ଧି ରାମ ସେଠୀ, ଅମର ନାରାୟଣ ମହାନ୍ତି ଓ ସମସ୍ତ ସଦସ୍ୟ ଏହି ଆକର୍ଷଣୀୟ ଉତ୍ସବରେ ଯୋଗ ଦେଇଥିଲେ। ବ୍ରାହ୍ମଣ ପୁରୋହିତ ଠାକୁରଙ୍କ ନିକଟରେ ମନ୍ତ୍ର ପାଠ କରିଥିଲେ। ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ଏହି ଉତ୍ସବରେ ଯୋଗ ଦେଇଥିଲେ ଏବଂ ପ୍ରସାଦ ସେବନ କରିଥିଲେ। ସାଜସଜ୍ଜା ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ହୋଇଥିଲା । ଏହି ଲକ୍ଷ୍ମୀଦାସ ପୁର ପଞ୍ଚାୟତର ସମସ୍ତ ଗ୍ରାମବାସୀ ଏହି ଉତ୍ସବରେ ସହଯୋଗ କରିଥିଲେ।

ଶ୍ରୀମନ୍ଦିରରେ ନିର୍ମାଣାଧୀନ ସ୍ୱତନ୍ତ୍ର ଧାଡ଼ି ଦର୍ଶନ ବ୍ୟବସ୍ଥାର ସମୀକ୍ଷା କଲେ ଆଇନ ମନ୍ତ୍ରୀ

ଭୁବନେଶ୍ୱର,୨୮ ଅକ୍ଟୋବର (ହି.ସ.)- ପୁରୀ ଶ୍ରୀମନ୍ଦିରରେ ଓବିସିସି ଦ୍ୱାରା ନିର୍ମାଣାଧୀନ ସ୍ୱତନ୍ତ୍ର ଧାଡ଼ି ଦର୍ଶନ ବ୍ୟବସ୍ଥାର ଭିତିଭୂମି ଓ ବ୍ୟାରିକେଡ୍ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା ସହ କାର୍ଯ୍ୟସ୍ଥଳ ପରିଦର୍ଶନ କରିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଏହି ଅବସରରେ ମନ୍ତ୍ରୀ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉଚ୍ଚ ଗୁଣବତା ଓ ଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କ ସହ ଆଲୋଚନା କରି ନିର୍ଦ୍ଦେଶ ଦେଇଛନ୍ତି। ଆମ ସରକାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଆସୁଥିବା ପ୍ରତ୍ୟେକ ଭକ୍ତଙ୍କ ଅନୁଭୂତିକୁ ଅଧିକ ସୁଗମ, ସୁବ୍ୟବସ୍ଥିତ ଓ ସୁରକ୍ଷିତ କରିବା ଦିଗରେ ଆମର ପ୍ରୟାସ ନିରନ୍ତର ଜାରି ରହିବ ବୋଲି କହିଛନ୍ତି ଶ୍ରୀ ହରିଚନ୍ଦନ।

ବାଲେଶ୍ୱରର ଶିବ ସେନା ପକ୍ଷରୁ ବୀରାଷ୍ଟମୀ ମହାସମାରୋହରେ ପାଳିତ

ବାଲେଶ୍ୱର, ୨୮/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଶିବସେନା ମାକଲପୁର ରେ ଶିବସେନା ସଭାପତି ପଦ୍ମ ଲୋଚନ ପତି ଙ୍କ ସଭାପତିତ୍ୱରେ ବୀରାଷ୍ଟମି ମହାସମାରୋହରେ ପାଳିତ ହୋଇଯାଇଛି। ସବୁ ବର୍ଷ ପରି ଚଳିତ ବର୍ଷ ମଧ ମାକଲପୁର ମହାବୀର ମନ୍ଦିର ନିକଟରେ ଏକ ବଡ ଷ୍ଟଲ୍ ରେ ଆୟୋଜନ ହୋଇଥିଲା । ଏସ ଏସ ଜି ଗ୍ରୁପ୍ ମହାଶକ୍ତି ଗ୍ରାମ୍ୟ କଲ୍ୟାଣ ମହିଳା ସମିତି ହିଡ଼ିଗାଁ ପଞ୍ଚାୟତର ମହିଳା ମାନେ ସ୍ୱେଚ୍ଛାକୃତ ଭାବେ ଲୋକଙ୍କୁ ସେବା ଦେବା ପାଇଁ ଶିବସେନା ଷ୍ଟଲ୍ ରେ ପହଞ୍ଚି ଲୋକଙ୍କୁ ଗଜାବୁଟ , ମୁଗ ଦେବାରେ ସାହାର୍ଯ୍ୟ କରିଥିଲେ । ଏପରିକି ଶିବସେନା କର୍ମୀ ମାନେ ମଧ ଏହି ମହିଳା ମାନଙ୍କୁ ସହଯୋଗ କରିଥିଲେ। ହଜାର ହଜାର ସଂଖ୍ୟାରେ ଲୋକେ ପାଗ ପ୍ରତି କୂଳେ ସତ୍ତ୍ୱେ ଆନନ୍ଦରେ ଗଜା ମୁଗ ବୁଟ ଖାଇବା ସଙ୍ଗେ ସଙ୍ଗେ ମହାବୀର ମନ୍ଦିର କୁ ଆସୁଥିବା ବାଡ଼ିଖେଳ ର ମଜା ନେଉଥିଲେ ସବୁ ବର୍ଷ ପରି ଚଳିତ ବର୍ଷ ମଧ ଶିବସେନା ସଭାପତି ପଦ୍ମ ଲୋଚନ ପତି ପ୍ରତ୍ୟେକ ମହାବୀର ଆଖଡ଼ା ଦଳର ସର୍ଦ୍ଦାରଙ୍କୁ ଉତ୍ତରୀ ଦେଇ ସମ୍ମାନିତ କରିଥିଲେ।ଏହି କାର୍ଯ୍ୟ କ୍ରମ ରେ ୪ କ୍ୱିଣ୍ଟାଲ ରୁ ଉର୍ଦ୍ଧ୍ୱ ବୁଟ ଓ ମୁଗ , ଗାଜର , କାକୁଡ଼ିର ବ୍ୟବସ୍ଥା କରିଥିଲେ ଏହି କାର୍ଯ୍ୟକ୍ରମକୁ , ସୁରେଶ ରଣା , ଡକ୍ଟର ରତନ ପାତ୍ର , ଗଙ୍ଗାଧର ବିନ୍ଧାଣୀ , ରତନା କର ସାହୁ , ସମୀର ସେନ , ସତ୍ୟାନନ୍ଦ ଦାସ , କମଳା କାନ୍ତ ସୋ , ମନୋରଞ୍ଜନ ପରିଡ଼ା , ପୂର୍ଣ୍ଣଚନ୍ଦ୍ର ବେହେରା , ଚିତ୍ତ ରଞ୍ଜନ ଦାସ , ଯୋଗେନ୍ଦ୍ର ଦାସ ,ପୂଜା ମହାପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ଏସଜିଏଫଆଇ ରଗ୍‌ବୀ ପ୍ରତିଯୋଗିତାରେ ୧୭ ବର୍ଷରୁ କମ୍ ବାଳିକା ଦଳ ଚମ୍ପିୟାନ

ଭୁବନେଶ୍ୱର, ୨୮/୧୦ (ନି.ପ୍ର): ନୂଆଦିଲ୍ଲୀର ତ୍ୟାଗରାଜ ଷ୍ଟାଡିୟମଠାରେ ଅକ୍ଟୋବର ୨୬ ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ଏସଜିଏଫଆଇ ଜାତୀୟ ବିଦ୍ୟାଳୟସମୂହ ରଗବୀ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ୧୭ ବର୍ଷରୁ କମ୍ ରଗବୀ ପ୍ରତିଯୋଗିତାରେ ଓଡ଼ିଶା ଦଳ ଚମତ୍କାର ପ୍ରଦର୍ଶନ କରି ରାଜ୍ୟ ପାଇଁ ଗୌରବ ଆଣିଦେଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଅଂଶଗ୍ରହଣ କରିଥିବା ଓଡ଼ିଶା ୧୭ ବର୍ଷରୁ କମ୍ ବାଳିକା ରଗବୀ ଦଳ ଫାଇନାଲ ମ୍ୟାଚରେ ବିହାରକୁ ୧୨-୦ ସ୍କୋରରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସେହିପରି ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଓଡ଼ିଶା ଦଳ କଡ଼ା ପ୍ରତିଦ୍ୱନ୍ଦ୍ୱିତା କରି ଫାଇନାଲରେ ପହଂଚିଥିଲା । ବିହାର ଠାରୁ ୧୨-୭ ଗୋଲ ବ୍ୟବଧାନରେ ପରାସ୍ତ ହୋଇ ଦଳ ରୌପ୍ୟ ପଦକ ସହ ରନର ଅପ୍ ହୋଇଛି । ଓଡ଼ିଶାର ଏହି ଅସାଧାରଣ ବିଜୟ ପାଇଁ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ଆୟୁକ୍ତ ତଥା ଶାସନ ସଚିବ ଏବଂ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସମସ୍ତ ବିଜେତା ଖେଳାଳି, ଟିମ୍ ମ୍ୟାନେଜର ଏବଂ କୋଚ୍ ମାନଙ୍କୁ ସାଧୁବାଦ ଓ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ଆନ୍ଧ୍ରରେ ଅର୍ଣ୍ଣବର...

ଆଇଏମ୍ଡି ଆନ୍ଧ୍ରପ୍ରଦେଶ ଓ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକ ପାଇଁ ପ୍ରବଳରୁ ଅତି ପ୍ରବଳ ବର୍ଷାର ସତର୍କ ସୂଚନା ଜାରି କରିଛି। ଘୂର୍ଣ୍ଣିଝଡ଼ ସ୍ଥଳଭାଗ ଅତିକ୍ରମ କରିବା ପରେ ମଧ କିଛି ସମୟ ପର୍ଯ୍ୟନ୍ତ ବର୍ଷା ଓ ଜୋର୍ ପବନ ଜାରି ରହିପାରେ। ପ୍ରଶାସନ ପକ୍ଷରୁ ଲୋକମାନଙ୍କୁ ସତର୍କ ରହିବା ସହ ସରକାରୀ ସୂଚନା ଓ ନିର୍ଦ୍ଦେଶାବଳୀ ପାଳନ କରିବାକୁ ପରାମର୍ଶ ଦିଆଯାଇଛି। ଓଡ଼ିଶାରେ ମଧ ୧୬ଟି ଜିଲ୍ଲାର ସ୍କୁଲଗୁଡ଼ିକୁ ବନ୍ଦ ରଖାଯାଇଛି ଏବଂ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ଉଦ୍ଧାର ଅଭିଯାନ ଚାଲିଛି। ଆଇଏମ୍ଡି ଆନ୍ଧ୍ରପ୍ରଦେଶ, ଓଡ଼ିଶା, ତେଲେଙ୍ଗାନା ଓ ଛତିଶଗଡ଼ ପାଇଁ ପ୍ରବଳରୁ ଅତି ଭୀଷଣ ବର୍ଷା ହେବାର ସତର୍କ ସୂଚନା ଜାରି କରିଛି।

ଆସନ୍ତା ୨୪ ଘଣ୍ଟା...

ଝଟକା ପବନ ୯୦ କିଲୋମିଟର ପ୍ରତିଘଣ୍ଟା ପବନ ବହିବ ବୋଲି ଆଇଏମଡି ପକ୍ଷରୁ ରେଡ଼ ଆଲର୍ଟ ଦିଆଯାଇଛି। ଏହି ଜିଲ୍ଲା ମାନଙ୍କରେ ପ୍ରବଳ ବର୍ଷା ସହ କିଛି କିଛି ସ୍ଥାନ ରେ ଅତ୍ୟନ୍ତ ପ୍ରବଳ ବର୍ଷା ହେବା ର ସମ୍ଭାବନା ଥିବାରୁ ରେଡ଼ ଆଲର୍ଟ ଦେଇଛି ପାଣିପାଗ ବିଭାଗ। ଏହା ଛଡ଼ା କନ୍ଧମାଳ, ବଲାଙ୍ଗୀର, ନୂଆପଡା, ସୋନପୁର, ବରଗଡ଼ , ବୌଦ୍ଧ, କଳାହାଣ୍ଡି, ନୟାଗଡ଼ , ପୁରୀ ଓ ଖୋର୍ଧା ପାଇଁ ମଧ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ବର୍ଷା ସହ ପବନ ୪୦ ରୁ ୫୦ ଓ ଝଟକା ପବନ ୬୦ କିଲୋମିଟର ପ୍ରତି ଘଣ୍ଟାରେ ପ୍ରଭାବିତ ହେବାର ସମ୍ଭାବନା ରହିଛି। ଖୋର୍ଦ୍ଧା ଓ ପୁରୀ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଆଲର୍ଟ ଜାରି କରାଯାଇଛି।ବର୍ଷା ଆରମ୍ଭ ହୋଇଛି । ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଥିବା ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ବୁଧବାର ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି)ଙ୍କ କାର୍ଯ୍ୟାଳୟରେ ଏକ ଉଚ୍ଚସ୍ତରୀୟ ବୈଠକରେ ବାତ୍ୟା 'ଅର୍ଣ୍ଣବ'ର ସ୍ଥିତି, କ୍ଷୟକ୍ଷତି, ଚାଲିଥିବା ଉଦ୍ଧାର କାର୍ଯ୍ୟ ତଥା ରିଲିଫ୍ ବଂଟନ ବ୍ୟବସ୍ଥାର ବିସ୍ତୃତ ସମୀକ୍ଷା କରିଛନ୍ତି। ପ୍ରଭାବିତ ଅଂଚଳରେ ଜନସାଧାରଣଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ସହ ବିଦ୍ୟୁତ୍, ପାନୀୟ ଜଳ ଯୋଗାଣ ଓ ଯୋଗାଯୋଗ ବ୍ୟବସ୍ଥାର ତ୍ୱରିତ ପୁନରୁଦ୍ଧାର ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଡଉଜଇର, ଘଉଜର ଏବଂ ଅଗ୍ନିଶମ ବାହିନୀକୁ ପୂର୍ଣ୍ଣ ସଜାଗ ରଖିବା ଏବଂ ବିଭିନ୍ନ ବିଭାଗ ମଧରେ ଉତମ ଆନ୍ତଃ-ବିଭାଗୀୟ ସମନ୍ୱୟ ରକ୍ଷା କରି ଯୁଦ୍ଧକାଳୀନ ଭିତିରେ ସହାୟତା ପହଂଚାଇବାକୁ ମୁଖ୍ୟମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ନଭେମ୍ବର ୧୮ରୁ ...

ନଭେମ୍ବର ୩୦ତାରିଖ ସୋମବାର ଦିନ ଏହି ଅତିରିକ୍ତ ଖର୍ଚ୍ଚ ଦାବି ଉପରେ ବ୍ୟୟ ମଞ୍ଜୁରୀ ଆଗତ କରାଯାଇ ପାରିତ ହେବାକୁ ସ୍ଥିରୀକୃତ ହୋଇଛି। ଅଧିବେଶନରେ ମୋଟ୍ ୩୧ଟି କାର୍ଯ୍ୟଦିବସ ମଧ୍ୟରୁ ୨୫ଟି ସରକାରୀ କାର୍ଯ୍ୟ ଦିବସ ଓ ବଜେଟ୍ ସମ୍ବନ୍ଧୀୟ ଆଲୋଚନା ପାଇଁ ରଖାଯାଇଥିବାବେଳେ ୬ଟି ବେସରକାରୀ ସଭ୍ୟଙ୍କ କାର୍ଯ୍ୟ ଦିବସ(ବିଲ୍ ଓ ସଂକଳ୍ପ) ନିମନ୍ତେ ଧାର୍ଯ୍ୟ କରାଯାଇଛି। ନଭେମ୍ବର ୨୦, ଡିସେମ୍ବର ୪, ୧୧, ୧୮, ୨୯ ଓ ୩୧ ତାରିଖକୁ ବେସରକାରୀ କାର୍ଯ୍ୟଦିବସ ଭାବେ ଧାର୍ଯ୍ୟ ହୋଇଛି। ଏହି ଶୀତ ଅଧିବେଶନ କାଳରେ ନଭେମ୍ବର ୨୪ ମଙ୍ଗଳବାର ରାସପୂର୍ଣ୍ଣିମା ଓ ଡିସେମ୍ବର ୨୫ ବଡ଼ଦିନ (ଖ୍ରୀଷ୍ଟମାସ) ଉପଲକ୍ଷେ ସରକାରୀ ଛୁଟି ହୋଇଥିବାରୁ ଗୃହ କାର୍ଯ୍ୟ ବନ୍ଦ ରହିବ। ଏତଦବ୍ୟତୀତ ନଭେମ୍ବର ୨୨ ଓ ୨୯, ଡିସେମ୍ବର ୬, ୧୩, ୨୦ ଓ ୨୭ ରବିବାର ସମେତ ଡିସେମ୍ବର ୧୨ ଶନିବାରରେ ଗୃହ କାର୍ଯ୍ୟ ବନ୍ଦ ରହିବ। ତେବେ ନଭେମ୍ବର ୨୧ ଶନିବାର ଓ ଡିସେମ୍ବର ୫ ଓ ୧୯ ଶନିବାରରେ ସ୍ୱାଭାବିକ ଭାବେ ସରକାରୀ କାର୍ଯ୍ୟ ପରିଚାଳିତ ହେବ ବୋଲି କାର୍ଯ୍ୟସୂଚୀରୁ ଜଣାପଡ଼ିଛି।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ...

ସୂଚନା ଅନୁଯାୟୀ, ରଗଡ଼ି ପଲିଟେକନିକ୍‌ରେ ଇଲେକ୍ଟ୍ରିକାଲ୍ ବିଭାଗର ମୁଖ୍ୟ ନୃସିଂହ ଚରଣ ବେହେରା ଏବଂ ସେହି ବିଭାଗର ଅଧାପକ ସନ୍ଦୀପ ମହାପାତ୍ରଙ୍କ ମଧରେ କୌଣସି କାରଣକୁ ନେଇ ପ୍ରଥମେ ବଚସା ଓ ପରେ ମାରପିଟ ହୋଇଥିଲା। ଏହି ବିବାଦ ମଧରେ ଅଧାପକ ସନ୍ଦୀପ ମହାପାତ୍ରଙ୍କ ପତ୍ନୀ ତଥା କଲେଜର ମେଟାଲୋଜି ବିଭାଗର ଅଧାପିକା ପି. ଆରାଧନା ଏଣ୍ଟ୍ରି କରିଥିଲେ। ସେ କଲେଜର କିଛି ଛାତ୍ରଛାତ୍ରୀଙ୍କୁ ଏକାଠି କରି ଛାତ୍ରାବାସ ଶୌଚାଳୟରୁ ମଇଳା ପାଣି ଆଣି ଅଧାପକ ନୃସିଂହ ଚରଣ ବେହେରାଙ୍କ ଉପରେ ଢାଳିଥିବା ଅଭିଯୋଗ ହୋଇଥିଲା । ଏହି ଘଟଣାର ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହେବା ପରେ ଘଟଣାଟି ଚର୍ଚ୍ଚାକୁ ଆସିଥିଲା। ଏହାକୁ ନେଇ ଉଭୟ ପକ୍ଷ କୋରେଇ ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ଘଟଣାକୁ ଗୁରୁତ୍ୱର ସହ ନେଇ ଯାନ୍ତିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ ପକ୍ଷରୁ ତଦନ୍ତ କରାଯାଇଥିଲା । ନିର୍ଦ୍ଦେଶକ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ନିର୍ଦ୍ଦେଶକ୍ରମେ ଦୁଇ ଯୁଗ୍ମ ନିର୍ଦ୍ଦେଶକ ଡ. ରଜତ ପାଣିଗ୍ରାହୀ ଓ ବି. ବି. ମହାନ୍ତି ରଗଡ଼ି ପଲିଟେକନିକ୍‌ରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ତଦନ୍ତ ରିପୋର୍ଟ ଆଧାରରେ ଏହି ତିନି ଅଧାପିକ ଓ ଅଧାପିକାଙ୍କୁ ନିଲମ୍ବନ କରାଯାଇଛି।

ଦୀପାବଳିରେ କେନ୍ଦ୍ରୀୟ ...

ବଢ଼ି ୬୩ ପ୍ରତିଶତ ହୋଇଛି। ଏହି ବର୍ଦ୍ଧିତ ଭତ୍ତା ଜୁଲାଇ ୧ ତାରିଖରୁ ଲାଗୁ ହେବ। ତେଣୁ ଜୁଲାଇରୁ ଅକ୍ଟୋବର ପର୍ଯ୍ୟନ୍ତ ଚାରି ମାସର ବକେୟା ଅର୍ଥାତ୍ ଏରିଅର୍ ମିଳିବ। ଏହି ନିଷ୍ପତ୍ତି ଯୋଗୁଁ ସରକାରଙ୍କ ରାଜକୋଷ ଉପରେ ପ୍ରାୟ ୧୦,୦୧୬ କୋଟି ଟଙ୍କାର ଆର୍ଥିକ ବୋଝ ପଡ଼ିବ। ଯଦି ଜଣେ କର୍ମଚାରୀଙ୍କ ମୂଳ ଦରମା ୧୮ ହଜାର ଟଙ୍କା, ତେବେ ମାସିକ ଡିଏ ୫୪୦ ଟଙ୍କା ବଢ଼ିବ। ସେହିପରି ୩୦ ହଜାର ଟଙ୍କା ମୂଳ ଦରମା ଥିଲେ ୯୦୦ ଟଙ୍କା ଏବଂ ୫୦ ହଜାର ଟଙ୍କା ମୂଳ ଦରମା ଥିଲେ ମାସିକ ୧୫୦୦ ଟଙ୍କା ଅଧିକ ମିଳିବ। ୧୮ ହଜାର ଟଙ୍କା ମୂଳ ଦରମା ଥିଲେ ୨୧୬୦ ଟଙ୍କା, ୩୦ ହଜାର ଟଙ୍କା ମୂଳ ଦରମା ଥିଲେ ୩୬୦୦ ଟଙ୍କା ଏବଂ ୫୦ ହଜାର ଟଙ୍କା ମୂଳ ଦରମା ଥିଲେ ୬୦୦୦ ଟଙ୍କା ଏରିଅର୍ ମିଳିବ। ଏହା ଅକ୍ଟୋବର ଦରମା ସହ ମିଳିବ ବୋଲି ରିପୋର୍ଟରେ କୁହାଯାଇଛି।

ନଭେମ୍ବର ୧ରୁ ...

୩୦୦୦ ଟଙ୍କା ଦେବାକୁ ପଡ଼ିବ। ଏହି ପାସ୍‌ର ବୈଧତା ଏକ ବର୍ଷ ରହିବ । ତେବେ ଏହି ପାସ୍‌କୁ ୩୦୭୫ ଟଙ୍କାର ଷ୍ଟାଣ୍ଡାର୍ଡ ରଇଝଞ୍ଜବଶ ବାର୍ଷିକ ପାସ୍ ସହ ଦ୍ୱନ୍ଦ୍ୱରେ ପକାନ୍ତୁ ନାହିଁ। ଷ୍ଟାଣ୍ଡାର୍ଡ ବାର୍ଷିକ ପାସ୍ ସମସ୍ତ ଘରୋଇ ଗାଡ଼ି ମାଲିକଙ୍କ ପାଇଁ ଉପଲବ୍ଧ । ଏହା ମାଧ୍ୟମରେ ଗୋଟିଏ ବର୍ଷରେ ସର୍ବାଧିକ ୨୦୦ ଥର ଟୋଲ୍ ପାର୍ କରିବାର ସୁବିଧା ମିଳେ। ଅନ୍ୟପଟେ, ଲୋକାଲ୍ ପାସ୍ ନିର୍ଦ୍ଦିଷ୍ଟ ଟୋଲ୍ ପ୍ଲାଜା ପାଇଁ ଉଦ୍ଦିଷ୍ଟ। ଧରନ୍ତୁ, ଆପଣଙ୍କ ଘର ପାଖରେ ଏକ ଟୋଲ୍ ପ୍ଲାଜା ଅଛି ଏବଂ ଆପଣଙ୍କୁ ପ୍ରତିଦିନ ସେହି ରାସ୍ତାରେ ଯିବାଆସିବା କରିବାକୁ ପଡୁଛି । ଏପରି ସ୍ଥିତିରେ ବାରମ୍ବାର ଟୋଲ୍ ଦେବା ପରିବର୍ତ୍ତେ ଏହି ଲୋକାଲ୍ ପାସ୍ ଆପଣଙ୍କ ପାଇଁ ଲାଭଦାୟକ ହୋଇପାରେ । କିନ୍ତୁ ସବୁ ଟୋଲ୍ ପ୍ଲାଜାରେ ଏହି ପାସ୍ କାମ କରିବ ନାହିଁ। ଯେଉଁ ଜାତୀୟ ରାଜପଥ କିମ୍ବା ଏକ୍ସପ୍ରେସ୍ ୱେରେ କ୍ଲୋଜ୍‌ଡ ୟୁଜର୍ ଫି କଲେକ୍ସନ୍ ବ୍ୟବସ୍ଥା ରହିଛି, ସେଠାରେ ଏହା ଲାଗୁ ହେବ ନାହିଁ । ସେହିପରି ଟୋଲ୍ ନଦେଇ ଯାତାୟାତ କରିବା ପାଇଁ ବିକଳ୍ପ ସର୍ଭିସ୍ ରୋଡ୍ କିମ୍ବା ଅନ୍ୟ ରାସ୍ତା ଉପଲବ୍ଧ ଥିବା ସ୍ଥାନରେ ମଧ ଏହି ସୁବିଧା ମିଳିବ ନାହିଁ। ଏହାବ୍ୟତୀତ, ସରକାର ପ୍ରତିବର୍ଷ ଏପ୍ରିଲ୍ ମାସରେ ଏହି ପାସ୍‌ର ମୂଲ୍ୟ ସଂଶୋଧନ କରିପାରନ୍ତି । ତେଣୁ ନୂଆ ପାସ୍ କିଣିବା ପୂର୍ବରୁ ନିଜ ଅଞ୍ଚଳର ଟୋଲ୍ ପ୍ଲାଜା, ଦୂରତା ଏବଂ ଯୋଗ୍ୟତା ସମ୍ପର୍କିତ ସର୍ତ୍ତଗୁଡ଼ିକ ଯାଞ୍ଚ କରିବା ଜରୁରୀ ।

ରାଷ୍ଟ୍ରପତିଙ୍କ ପାଖରେ କୋଟିଆ ...

ସେକ୍ରେଟାରି କୁଳଚନ୍ଦ୍ର କୁମାର। କୋଟିଆ ଅଞ୍ଚଳର ଭିତ୍ତିଭୂମି ସମସ୍ୟା ଓ ସୀମା ବିବାଦ ସମାଧାନ ଦିଗରେ ନିଆଯାଇଥିବା ପଦକ୍ଷେପ ବିଷୟରେ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆନ୍ଧ୍ରର ନିର୍ବାଚନ କରିବା ନେଇ ଜିଦ ଭିତରେ ସତର୍କ ହୋଇଛି ଓଡ଼ିଶା। ଲଗାଣ ବର୍ଷା ଭିତରେ କୋଟିଆ ସୀମାରେ ଜଗିରହିଛନ୍ତି ଓଡ଼ିଶା ପୁଲିସ ଓ ଯବାନ। ଏକାଧିକ ସ୍ଥାନରେ ଚେକ ପୋଷ୍ଟ କରାଯାଇଛି। ଯେଉଁମାନେ କୋଟିଆ ଭିତରକୁ ପ୍ରବେଶ କରୁଛନ୍ତି, ସେମାନଙ୍କ ଆଇ କାର୍ଡ ଯାଞ୍ଚ କରାଯାଉଛି। ସେପଟେ କୋଟିଆରେ ଏସଆଇଆର ଶେଷ ହୋଇଥିବା ବେଳେ କପରି ଦୁଇ ରାଜ୍ୟରେ ଭୋଟର ଲିଷ୍ଟରେ ନାମ ଆସୁଛି ବୋଲି ପ୍ରଶ୍ନ କରିଛନ୍ତି ବିଜେଡି ଉପନେତା ପ୍ରସନ୍ନ ଆଚାର୍ଯ୍ୟ। ଯାହାର ଯବାବ ରଖି ରାଜସ୍ୱ ମନ୍ତ୍ରୀସୁରେଶ ପୂଜାରୀ କହିଛନ୍ତି, କୋଟିଆରେ ଓଡ଼ିଶା ପ୍ରଥମେ ଏସଆଇଆର ଏବଂ ଜନଗଣନା କରିଥିଲା ପରେ ଆନ୍ଧ୍ର ଏଥିରେ ଜାତିଆତି କରି ଏସଆଇଆର ଏବଂ ଜନଗଣନା କରିଛି। ଯାହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ୧୯୫୫ ମସିହାରୁ କୋଟିଆକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ବିବାଦ ଲାଗି ରହିଛି। କୋଟିଆ ପଞ୍ଚାୟତର ୨୮ଟି ଗାଁ ମଧ୍ୟରୁ ଆନ୍ଧ୍ରପ୍ରଦେଶ ୨୧ଟି ଉପରେ ଦାବି କରୁଛି, ଯେତେବେଳେ ଓଡ଼ିଶା ସମସ୍ତ ୨୮ଟି ଗାଁକୁ ନିଜ ଅଞ୍ଚଳ ବୋଲି କହୁଛି। ଏହି ମାମଲା ସୁପ୍ରିମକୋର୍ଟ ବିଚାରଧୀନ ଥିବା ବେଳେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ବିବାଦର ସମାଧାନ ଦିଗରେ ସହାୟକ ହେବ ବୋଲି ଆଶା କରାଯାଉଛି ।

ଖୋର୍ଦ୍ଧା ଜିଲ୍ଲାରେ ବର୍ଷାର ପରିମାଣ: ଟାଙ୍ଗୀରେ ସର୍ବାଧିକ ୫୮ ମିମି

ଖୋର୍ଦ୍ଧା, ୨୮/୧୦ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ଆଜି ବର୍ଷା ରେକର୍ଡ କରାଯାଇଛି। ଉପଲବ୍ଧ ବର୍ଷା ତଥ୍ୟ ଅନୁଯାୟୀ, ଟାଙ୍ଗୀରେ ସର୍ବାଧିକ ୫୮ ମିଲିମିଟର ବର୍ଷା ହୋଇଥିବା ବେଳେ ଚିଲିକାରେ ୫୩ ମିମି ଓ ବିଏମ୍‌ସିର ଉତ୍ତର ଜୋନ୍‌ରେ ୫୧ ମିମି ବର୍ଷା ରେକର୍ଡ ହୋଇଛି। ସେହିପରି ବାଣପୁରରେ ୪୯ ମିମି, ବାଲିଅନ୍ତା ଓ ବୋଲଗଡ଼ରେ ୪୨ ମିମି ଲେଖାଏଁ, ବାଲିପାଟଣାରେ ୪୦ ମିମି, ଖୋର୍ଦ୍ଧାରେ ୩୬ ମିମି, ବେଗୁନିଆରେ ୩୫ ମିମି, ବିଏମ୍‌ସି ଦକ୍ଷିଣ-ପଶ୍ଚିମ ଜୋନ୍‌ରେ ୩୫ ମିମି, ବିଏମ୍‌ସି ମୁଖ୍ୟାଳୟରେ ୩୪ ମିମି, ଭୁବନେଶ୍ୱରରେ ୩୨ ମିମି, ବିଏମ୍‌ସି ଦକ୍ଷିଣ-ପୂର୍ବ ଜୋନ୍‌ରେ ୩୨ ମିମି ଏବଂ ଜଟଣୀରେ ୩୦ ମିମି ବର୍ଷା ରେକର୍ଡ କରାଯାଇଛି।

ଗୁରୁବାର, ଅକ୍ଟୋବର ୨୯, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ବାରମ୍ବାର ବିଦ୍ୟୁତ ଟ୍ରାନ୍ସଫରମର ଚୋରି: ପୂର୍ବରୁ ୪ଟି ସୋମବାର ରାତିରେ ୩ଟି

ବୈଶିଙ୍ଗା, ୨୮/୧୦ (ନି.ପ୍ର): ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅଞ୍ଚଳରେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି ଟ୍ରାନ୍ସଫରମର୍ ଲୁଟେରା । ମାସେ ଭିତରେ ଦଶଟି ବିଦ୍ୟୁତ ଟ୍ରାନ୍ସଫରମର୍ ଲୁଟି ନେଇଥିବା ଯୋଗୁଁ ଶତାଧିକ ପରିବାର ଅନ୍ଧାରରେ ରହିବାକୁ ବାଧ ହୋଇଛନ୍ତି । ସୋମବାର ରାତିରେ ହେମପୁର, ପଦ୍ମନାଭପୁର ଓ ପାଟୁଳିପୁରା ଗ୍ରାମରୁ ଲୁଟ୍ ହୋଇଥିବା ନେଇ ଟାଟା ପାୱାର କାର୍ଯ୍ୟାଳୟ ପକ୍ଷରୁ ଥାନାରେ ଅଭିଯୋଗ ଦାଖଲ କରାଯାଇଛି । ଏହା ପୂର୍ବରୁ ଗତ ୨୪ ତାରିଖରେ ମଧ ଗୋଟିଏ ରାତିରେ ୪ ଟି ଟ୍ରାନ୍ସଫରମର୍ ଚୋରି ହୋଇଥିବା ନେଇ ଏତଲା ଦିଆଯାଇଥିଲା । ଏହା ପୂର୍ବରୁ ମଧ ତିନୋଟି ଟ୍ରାନ୍ସଫରମର୍ ତାଡ଼ି ତା ଭିତରେ ଥିବା ପ୍ରାୟ ତିରିଶ କେଜି ତମ୍ବା କଏଲ୍ ଲୁଟି ନେଇଥିଲେ ଦୁର୍ବୃତ୍ତ । ଲୁଟ୍ ବେଳର କିଛି ସିସିଟିଭି କ୍ୟାମେରା ଫୁଟେଜ ମଧ କର୍ତ୍ତୃପକ୍ଷ ପୋଲିସକୁ ଯୋଗାଇ ଦେଇଛନ୍ତି । ଏତେସବୁ ସତ୍ତ୍ୱେ ବାରମ୍ବାର ଏଭଳି ଘଟଣା ଘଟି ଚାଲିଥିଲେ ମଧ ଏହାକୁ ରୋକିବାରେ ସକ୍ଷମ ହୋଇପାରିନାହିଁ ପୋଲିସ ପ୍ରଶାସନ । ଫଳରେ ବିଦ୍ୟୁତ ଉପଭୋକ୍ତା ମାନଙ୍କ ଚିନ୍ତା ବଢ଼ିଯାଇଛି ।



ବାତ୍ୟା 'ଅର୍ଣ୍ଣବ' ଲ୍ୟାଣ୍ଡଫଲ ପରେ ପାରାଦୀପର ସ୍ଥିତି ସମୀକ୍ଷା କଲେ ପ୍ରଶାସନିକ ଅଧିକାରୀ

ଆଗାମୀ ୨୪ ଘଣ୍ଟା ସମୁଦ୍ରକୂଳିଆ ଅଞ୍ଚଳ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ

ପାରାଦୀପ, ୨୮/୧୦ (ନି.ପ୍ର): ବାତ୍ୟା ଅର୍ଣ୍ଣବ ଲ୍ୟାଣ୍ଡଫଲ କରିବା ପରେ କଣ ରହିଛି ସମୁଦ୍ର କୂଳିଆ ଲୋକଙ୍କ ସ୍ଥିତି, ତାହା ସମୀକ୍ଷା କରିବା ପାଇଁ ଆଜି ପାରାଦୀପ ରେ ପହଞ୍ଚିଛନ୍ତି ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ।ଏନେଇ ଆପରାହ୍ନ ରେ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ର ଏକ ଟିମ ପାରାଦୀପ ରେ ପହଞ୍ଚି ସମୁଦ୍ରକୂଳ, ନେହୁରବଙ୍ଗଳା ମାଛଧରା ବନ୍ଦର, ସମୁଦ୍ର କୂଳରେ ରହିଥିବା ସବୁଠାରୁ ବଡ ବସ୍ତି ଷଣ୍ଢକୂଦ ଅଞ୍ଚଳ ବୁଲି ବାତ୍ୟା ଲ୍ୟାଣ୍ଡଫଲ କରିବା ପରେ ଅଞ୍ଚଳ ର ସ୍ଥିତି ସମୀକ୍ଷା କରି ଫେରିଯାଇଛନ୍ତି। ବାତ୍ୟା ଅର୍ଣ୍ଣବ ସ୍ଥଳଭାଗ ଛୁଇଁ ଥିଲେ ମଧ ଆଗାମୀ ୨୪ ଘଣ୍ଟା ସମୁଦ୍ର କୂଳିଆ ଅଞ୍ଚଳ ପାଇଁ ଗୁରୁତ୍ୱପୂର୍ଣ୍ଣ ସମୟ ବୋଲି କହିବା ସହିତ ଏବେ ବି ବାତ୍ୟାର ପ୍ରଭାବ ତଳିଆ ଅଞ୍ଚଳରେ ଦେଖିବାକୁ ମିଳିଛି । ଏହାର ପ୍ରଭାବରେ ଉପକୂଳବର୍ତ୍ତୀ ପାରାଦ୍ୱୀପ, ଏରସମା ଓ ବାଲିକୁଦା ବ୍ଲକ ଅଞ୍ଚଳରେ ବର୍ଷା ଲାଗିରହିଥିବା ବେଳେ ପବନର ବେଗ ଘଣ୍ଟା ପ୍ରତି ପାଖାପାଖି ୫୦ କି.ମି ରହିଛି । ଆଜି ପାରାଦୀପ ରେ ମଧ ବଡ ଧରଣର ବର୍ଷା ହେବାର ଦେଖିବାକୁ ମିଳିଥିଲା। ସମୁଦ୍ର ଅଶାନ୍ତ ରହିବା ସହିତ ଉଚ୍ଚ ଜୁଆର ଦେଖିବାକୁ ମିଳିଛି । ଜଗତସିଂହପୁର ଜିଲ୍ଲାପାଳ ଜେ ସୋନାଲ ଙ୍କ ସହିତ ଏସପି ଅଙ୍କିତ କୁମାର ବର୍ମା ଓ ଆଇଜି ସତ୍ୟଜିତ୍ ନାୟକ, ରାଜକନିକା ଡିଏଫଓ, ପାରାଦ୍ୱୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ମ୍ୟୁନିସିପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ପ୍ରମୁଖ ପାରାଦ୍ୱୀପ ର ବିଭିନ୍ନ ତଳିଆ ଅଞ୍ଚଳ ପରିଦର୍ଶନ କରିଥିଲେ। ଏଥିସହିତ ସମୁଦ୍ର କୂଳର ସ୍ଥିତି ସମୀକ୍ଷା କରି ପୋଲିସ କଣ୍ଟ୍ରୋଲ ରୁମ୍, ପେଟ୍ରୋଲିଂ ବ୍ୟବସ୍ଥା ର ସମୀକ୍ଷା କରିଥିଲେ । ବର୍ଷା ସମୟରେ ଘରୁ ନ ବାହାରିବା ପାଇଁ ଆଇଜି ପରାମର୍ଶ ଦେବା ସହିତ ଯେକୌଣସି ସମୟରେ କଣ୍ଟ୍ରୋଲ ରୁମ୍ ସହିତ କିମ୍ବା ପୋଲିସ ପ୍ରଶାସନ ସହିତ ଯୋଗାଯୋଗ କରିବା ପାଇଁ ସ୍ଥାନୀୟ ବସ୍ତି ବାସିନ୍ଦା ଙ୍କୁ ପରାମର୍ଶ ଦିଆଯାଇଛି । ସେହିପରି ପାରାଦ୍ୱୀପ ଡପଲର ରାଡାର ର ସୂଚନା ଅନୁସାରେ କିଛି ଆନ୍ଧ୍ର ମାଛଧରା ବୋଟ୍ ବିପଦପୂର୍ଣ୍ଣ ଭାବେ ସମୁଦ୍ରରେ ଥିବା ଜଣାପଡ଼ିବା ପରେ, ଉକ୍ତ ବୋଟ୍ ଓ ମତ୍ସ୍ୟଜୀବୀ ମାନଙ୍କୁ ମେରାଇନ ପୋଲିସ ସହାୟତାରେ ସୁରକ୍ଷିତ ଭାବେ ମାଛଧରା ବନ୍ଦର କୁ ଅଣାଯାଇଥିବା ଆଇଜି ପ୍ରକାଶ କରିଛନ୍ତି ।ଏବେବି ଜିଲ୍ଲା ରେ ଓଡ୍ରାପ ଟିମ, ପୋଲିସ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ମୁନିସିପାଲିଟି କୌଣସି ପ୍ରକାର ବିପଦ ପାଇଁ ସଜାଗ ଅଛନ୍ତି ।ଏହା ସହିତ ସାଗରମିତ୍ର ମଧ ସଜାଗ ଅଛନ୍ତି ।ଯେହେତୁ ଷଣ୍ଢକୂଦ ବସ୍ତି ଅଞ୍ଚଳ ସମୁଦ୍ର କୂଳରେ ରହିଛି, ଲୋକମାନଙ୍କର ଛୋଟ ଛୋଟ ପିଲା ରହିଛନ୍ତି, କୌଣସି ବିପଦ ଆସିଲେ ବହୁ ଅସୁବିଧା ପଡିପାରନ୍ତି, ତେଣୁ ବର୍ଷା ଓ ପବନର ସ୍ଥିତି ସ୍ଥିର ହେବା ପର୍ଯ୍ୟନ୍ତ ବାହାରକୁ ନ ବାହାରିବା ପାଇଁ ସେମାନଙ୍କୁ ନିବେଦନ କରିଥିଲେ ପ୍ରଶାସନିକ ଅଧିକାରୀମାନେ। ଯେହେତୁ ବର୍ତ୍ତମାନ ରାଜ୍ୟ ସରକାର ଜିରୋ କାଜୁଆଲଟି ଉପରେ ଫୋକସକରୁଛନ୍ତି, ସେନେଇ ଆମ୍ଭେମାନେ ଫିଲଡ଼ ରେ ସବୁ ସମୟରେ ସତର୍କ ରହିଥିବା ଜିଲ୍ଲାପାଳ ଶ୍ରୀ ସୋନାଲ ସୂଚନା ଦେଇଛନ୍ତି।

ମେଘାଳୟରେ ୩.୧ ଏବଂ ଆସାମରେ ୨.୭ ତୀବ୍ରତାର ଭୂମିକମ୍ପ

ନୂଆଦିଲ୍ଲୀ,୨୮/୧୦ : ମେଘାଳୟ ଓ ଆସାମରେ ବୁଧବାର ସକାଳେ ଗୋଟିଏ ପରେ ଗୋଟିଏ ଦୁଇଟି ମଧ୍ୟମ ତୀବ୍ରତାର ଭୂମିକମ୍ପ ଝଟକା ଅନୁଭୂତ ହୋଇଛି। ମେଘାଳୟରେ ସକାଳ ୭ଟା ୫୬ ମିନିଟ୍ ୬ ସେକେଣ୍ଡରେ ଭୂମିକମ୍ପ ଝଟକା ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୩.୧ ମାପ କରାଯାଇଛି। ଭୂମିକମ୍ପ ଯୋଗୁଁ କୌଣସି ସ୍ଥାନରେ କ୍ଷୟକ୍ଷତି ହୋଇଥିବାର ଖବର ମିଳିନାହିଁ। ଭାରତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ, ଭୂମିକମ୍ପର କେନ୍ଦ୍ରସ୍ଥଳ ମେଘାଳୟର ୱେଷ୍ଟ ଖାସି ହିଲ୍ସ ଜିଲ୍ଲାରେ ଭୂପୃଷ୍ଠଠାରୁ ୧୦ କିଲୋମିଟର ଗଭୀରରେ ଥିଲା। ଏହାର ଭୌଗୋଳିକ ସ୍ଥିତି ୨୫.୫୪୪ ଡିଗ୍ରୀ ଉତ୍ତର ଅକ୍ଷାଂଶ ଏବଂ ୯୧.୦୫୬ ଡିଗ୍ରୀ ପୂର୍ବ ଦ୍ରାଘିମାରେ ରହିଥିଲା। ସେହିପରି, ଆସାମରେ ଆଜି ଭୋର୍ ୪ଟା ୩୫ ମିନିଟ୍ ୪୪ ସେକେଣ୍ଡରେ ୨.୭ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଥିଲା।

ଧର୍ମ ଓ ସମ୍ପ୍ରଦାୟ ଆଲୋଚନା ଚକ୍ର



ଭଦ୍ରକ, ୨୮/୧୦ (ନି.ପ୍ର): ସନ୍ଧ୍ୟାରେ ଯଶୋଦା ହୋଟେଲର ସମ୍ମିଳନୀ କକ୍ଷରେ ପ୍ରଜ୍ଞାପ୍ରଭା ଆନୁକୂଲ୍ୟରେ ସାମ୍ପ୍ରତିକ ପରିସ୍ଥିତିରେ ଧର୍ମ ସମ୍ପ୍ରଦାୟକୁ ନେଇ ଦେଖାଦେଇଥିବା ସମସ୍ୟା ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଧର୍ମ ଓ ସମ୍ପ୍ରଦାୟକୁ ନେଇ ଦେଖାଦେଇଥିବା ସମସ୍ୟା ମାନବ ସମାଜକୁ କଳଙ୍କିତ କରିବା ସଙ୍ଗେ ମାନବିକତା, ସାମାଜିକତାକୁ କ୍ଷୁର୍ଣ୍ଣ ହେଉଥିବା ବୁଦ୍ଧିଜୀବୀ ଶିକ୍ଷାବିତ୍ ମାନଙ୍କୁ ଆହତ କରୁଅଛି। ଉକ୍ତ ଆଲୋଚନା ଚକ୍ରରେ ବିଶିଷ୍ଟ ବେଦବିତ୍ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଧର୍ମର ସ୍ୱରୂପକୁ ବେଦ ବେଦାନ୍ତ ଶାସ୍ତ୍ର ସଂହିତାର ଆଧାରରେ ପ୍ରାଞ୍ଜଳ ଭାବରେ ଉପସ୍ଥାପନ କରି କତିପୟ ଲୋକଙ୍କ ଦ୍ୱାରା ସମ୍ପ୍ରଦାୟ ସୃଷ୍ଟି କରାଯାଇଥିବା ପରମ୍ପରାକୁ ଭାଗ ଭାଗ କରିବାର ଅପଚେଷ୍ଟା କରାଯାଉଛି, ଯାହାକି ଆଜି ରାଷ୍ଟ୍ରର ସର୍ବଭୌମତ୍ୱ ପାଇଁ ଭବିଷ୍ୟତରେ ପ୍ରଶ୍ନବାଚୀ ହୋଇପାରେ। ସମ୍ମିଳନୀରେ ପ୍ରଜ୍ଞା ପ୍ରଭାର ଗୋବର୍ଦ୍ଧନ ସାମଲ ସଭାପତିତ୍ୱ କରିଥିବା ବେଳେ ସଂଗ୍ରାମ କିଶୋର ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସମ୍ମିଳନୀର ଉପସ୍ଥିତ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ସର୍ବଶ୍ରୀ ଗଦାଧର ବଳ, କମଳାକାନ୍ତ ସ୍ୱାଇଁ, ଗିରିଧାରୀ ପାତ୍ର, ନାରାୟଣ ଚନ୍ଦ୍ର ପରିଡ଼ା ଆଲୋଚନାରେ ଅଂଶଗ୍ରହଣ କରି ପ୍ରସଙ୍ଗ ଉପରେ ନିଜସ୍ୱ ମତାମତ ବ୍ୟକ୍ତ କରିଥିଲେ। ତତ୍ ସଙ୍ଗେ ସଙ୍ଗେ ଅଭୟ କୁମାର ପଣ୍ଡା, ନାରାୟଣ ଚନ୍ଦ୍ର ପରିଡ଼ା, ରବୀନ୍ଦ୍ର କୁମାର ପଣ୍ଡା, ଦୁଃଶାସନ ମହାନ୍ତି, ଶାନ୍ତନୁ କୁମାର ରାଉତ, ଆନନ୍ଦ ଚନ୍ଦ୍ର ଦାସ, ମନମୋହନ ନାୟକ, ବିଜୟ ବହଳି, ମୋହିନୀ ମୋହନ ମହାପାତ୍ର, ବାଦଲ କିଶୋର ମହାପାତ୍ର, ନିରୋଦ ରଥ, ଦୋଳଗୋବିନ୍ଦ ନାୟକ, କୈଳାସ ଚନ୍ଦ୍ର ଜେନା, ସୂର୍ଯ୍ୟକାନ୍ତ ମହାପାତ୍ର, ଦୁଃଶାସନ ଗାହାଣ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ସର୍ବଶେଷରେ ପ୍ରଜ୍ଞା ପ୍ରଭାର ପ୍ରଚାର ପ୍ରମୁଖ ଶ୍ରୀହର୍ଷ ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଶିକ୍ଷୟିତ୍ରୀଙ୍କ ବିରୋଧରେ ଅଭିଭାବକଙ୍କ ଗଣଧାରଣା: ଘଟଣା ବିଚାରାଧୀନ



ବୈଶିଙ୍ଗା , ୨୮/୧୦ (ନି.ପ୍ର): ବୈଶିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ଏକ ମାସ ଧରି ଚାଲିଥିବା ଅସନ୍ତୋଷ ଆଜି ଚରମ ସୀମାରେ ପହଞ୍ଚିଛି । ଛୋଟ ଛୋଟ କୋମଳମତି ପିଲାମାନଙ୍କୁ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ଗିରି ନିଜର ଗୋଡ ମୋଡି ବାକୁ ବାଧ କରିବା ସହିତ ବିଦ୍ୟାଳୟ ପରିସରରେ ଅନାବନା ଘାସ ଉପାଡିବାକୁ ବାଧ କରିଥାନ୍ତି ବୋଲି ପରିଚାଳନା କମିଟି ତରଫରୁ ବ୍ଲକ ଶିକ୍ଷା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଏହାର ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଅଭିଯୋଗ କରିଥିଲେ । ଏଥି ସହିତ ତୁରନ୍ତ ସମାଧାନ ନ କରିଲେ ବିଦ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଉଲ୍ଲେଖ କରିଥିଲେ । ଏଥି ପାଇଁ ଅଭିଭାବକ ମାନେ ଆଜି ବୁଧବାର ବିଦ୍ୟାଳୟ ଆଗରେ ଧାରଣାରେ ବସିଥିଲେ । ଏହି ଅଭିଯୋଗ ପାଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ ଶିକ୍ଷାଧିକାରୀ ବିପ୍ଳବ କର ଆଜି ବୁଧବାର ବିଦ୍ୟାଳୟରେ ପହଞ୍ଚିଥିଲେ । ଶିକ୍ଷୟିତ୍ରୀ ମାନେ ଶ୍ରେଣୀରେ ପାଠ ପଢାଉଥିବା ବେଳେ ଆନ୍ଦୋଳନ ରତ ଅଭିଭାବକ ମାନଙ୍କୁ ବୈଠକ ଗୃହକୁ ଡାକି ସମସ୍ତଙ୍କର ଅଭିଯୋଗ ଶୁଣିଥିଲେ । ଏହାପରେ ପିଲାମାନଙ୍କ ଠାରୁ ମତା ମତ ଗ୍ରହଣ କରିବା ପରେ ସଂପୃକ୍ତ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ଗିରି ସମେତ ଅନ୍ୟ ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କ ଠାରୁ ଘଟଣାର ସବିଶେଷ ତଥ୍ୟ ସଂଗ୍ରହ କରିଥିଲେ । ମାତ୍ର ଅଭିଭାବକ ମାନଙ୍କର ଅଭିଯୋଗ ଥିଲା ସେହି ଶିକ୍ଷୟିତ୍ରୀ ଙ୍କୁ ତୁରନ୍ତ ଏଠାରୁ ବଦଳି କରାଯାଉ ନୋଚେତ ବିଦ୍ୟାଳୟ ଫାଟକରେ ଗୁରୁବାର ଠାରୁ ତାଲା ପକାଇ ଦିଆଯିବ ବୋଲି ଚେତାବନୀ ଦେଇଥିଲେ । ଏହି ସବୁ ଘଟଣା ର ସମାଧାନ କରି ନ ପାରି ବେତନଟୀ ବ୍ଲକ ଶିକ୍ଷାଧିକାରୀ ବିପ୍ଳବ କର ଶିଶୁପାଳ ହୋଇ ଫେରି ଯାଇଥିବାର ଦେଖା ଯାଇଥିଲା ।

ପାଞ୍ଚଦଫା ଦାବି ନେଇ ଜିଲ୍ଲାପାଳଙ୍କୁ ଏଓବିଇଓ-ଜେସିସିର ସ୍ମାରକପତ୍ର

ଚାରି କ୍ୟାଡରର ଏକତାବଦ୍ଧ ସ୍ୱର, ହକ୍ ଓ ସମ୍ମାନ ପାଇଁ ମିଳିତ ସଂକଳ୍ପ

ଖୋର୍ଦ୍ଧା, ୨୮/୧୦ (ନି.ପ୍ର): ନିଖିଳ ଓଡ଼ିଶା ବ୍ଲକ ସମ୍ପ୍ରସାରଣ ଅଧିକାରୀ ମିଳିତ ସମନ୍ୱୟ ପରିଷଦର ଆହ୍ୱାନକ୍ରମେ ଆଜି ଖୋର୍ଦ୍ଧା ଜିଲ୍ଲା ମିଳିତ ସମନ୍ୱୟ ପରିଷଦ ପକ୍ଷରୁ ଜିଲ୍ଲାପାଳଙ୍କୁ ପାଞ୍ଚଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦୀର୍ଘ ଦିନ ଧରି ଦରମା ବିସଙ୍ଗତି, ପଦୋନ୍ନତି ସୁଯୋଗର ଅଭାବ, ଅତ୍ୟଧିକ କାର୍ଯ୍ୟଭାର, କ୍ଷେତ୍ର ପରିଦର୍ଶନଜନିତ ସମସ୍ୟା ଓ କର୍ମକ୍ଷେତ୍ରରେ ସୁରକ୍ଷାହୀନତା ଯୋଗୁଁ ଚାରି କ୍ୟାଡରର ଅଧିକାରୀମାନେ ଅସନ୍ତୋଷ ଓ ମାନସିକ ଚାପରେ ରହିଛନ୍ତି। ଏନେଇ ପରିଷଦ ପକ୍ଷରୁ ପ୍ରମୁଖ ପାଞ୍ଚଦଫା ଦାବି ଜିଲ୍ଲାପାଳଙ୍କୁ ଦିଆଯାଇଛି, ଯଥା— ପ୍ରାରମ୍ଭିକ ବେତନ ସ୍ତର Pay Level-10 (ଗ୍ରେଡ୍ ପେ ୪,୬୦୦)କୁ ବୃଦ୍ଧି। ସରକାରୀ କ୍ଷେତ୍ର ପରିଦର୍ଶନ ପାଇଁ ପର୍ଯ୍ୟାପ୍ତ ଯାତାୟାତ ଖର୍ଚ୍ଚ ବା ଇନ୍ଧନ ସୁବିଧା। ଅଭିଜ୍ଞ ସମ୍ପ୍ରସାରଣ ଅଧିକାରୀଙ୍କ ପାଇଁ ବିଡିଓ ପଦବୀକୁ ପଦୋନ୍ନତିର ସୁଯୋଗ, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ସ୍ୱାସ୍ଥ୍ୟ ସୁରକ୍ଷା ଏବଂ କର୍ମକ୍ଷେତ୍ରରେ ଆଇନଗତ ସୁରକ୍ଷା ଏବଂ ଅତିରିକ୍ତ କିରାଣି କାର୍ଯ୍ୟଭାର ହ୍ରାସ ପାଇଁ ଉତ୍ସର୍ଗୀକୃତ ସହାୟକ କର୍ମଚାରୀ ନିଯୁକ୍ତି। ଏହି ଅବସରରେ ଜିଲ୍ଲା ମୁଖ୍ୟ ସମନ୍ୱୟକ ତଥା ସହ-ଆବାହକ ଡରଡ ରଶ୍ମିରେଖା ଦାଶ, ଇଝଝଡ ସନ୍ଦୀପ କୁ ପାଣିଗ୍ରାହୀ, ଏଚଉଡ ଲାଲବାହାଦୁର ରଞ୍ଜିତ ଓ ଗଓ ହିରଣ୍ୟ କୁ ଦାସଙ୍କ ସମେତ ଉଔଉଡ ସଦସ୍ୟମାନେ ଉପସ୍ଥିତ ଥିଲେ। ଜନସେବାରେ ନିୟୋଜିତ ଚାରି କ୍ୟାଡରର ନ୍ୟାଯ୍ୟ ଦାବିଗୁଡ଼ିକୁ ସରକାରଙ୍କ ନିକଟକୁ ପଠାଇ ଶୀଘ୍ର ସମାଧାନ ପାଇଁ ପରିଷଦ ଅନୁରୋଧ କରିଛି। 'ଚାରିକ୍ୟାଡର, ଏକ ସ୍ୱର, ଏକ ସଂକଳ୍ପ'—ଏହି ଆହ୍ୱାନ ସହ ଆଗାମୀ ଦିନରେ ଅଧିକ ସୁଦୃଢ଼ ଏକତା, ସମନ୍ୱୟ ଓ ମିଳିତ ପ୍ରୟାସ ଜାରି ରଖିବାକୁ ପରିଷଦ ସଂକଳ୍ପ ବଦ୍ଧ ବୋଲି ଚାରି ସହ-ଆବାହକ ସୂଚନା ଦେଇଛନ୍ତି।

୨୪ ବର୍ଷର ପ୍ରତୀକ୍ଷା ପରେ ମଧ ବିଧବା ମା'ଙ୍କୁ ମିଳିଲାନାହିଁ ଭତ୍ତା



ଉଦଳା, ୨୮/୧୦ (ନି.ପ୍ର): ଉଦଳା ବ୍ଲକର ବଡ଼ଖମଣ ପଂଚାୟତ ଅନ୍ତର୍ଗତ କାଳିମେଘା ଗ୍ରାମର ବାସିନ୍ଦା ସ୍ୱର୍ଗତଃ ଲକ୍ଷ୍ମଣ ମୁର୍ମୁଙ୍କର ସହଧର୍ମିଣୀ ନେକ୍ଷୀ ମୁର୍ମୁ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ପାଇବାରୁ ବଂଚିତ ଥିବାର ଜଣାଇଛନ୍ତି । ଆଜକୁ ୨୪ବର୍ଷ ପୂର୍ବେ ତାଙ୍କର ସ୍ୱାମୀଙ୍କର ଦେହାନ୍ତ ହୋଇଯାଇଥିବାର କହିଛନ୍ତି । ବର୍ତମାନ ବୟସ ଅଧିକ ହୋଇ ଯାଇଥିବାରୁ ସେ ଆଗଭଳି କାମ କରି ପାରୁ ନାହାଁନ୍ତି । କାନକୁ ମଧ କିଛି କଥା ଭଲଭାବରେ ଶୁଭୁ ନାହିଁ । ଫଳରେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବା କଥା କହିଛନ୍ତି । ଭତା ପାଇବା ପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଥିଲେ ମଧ କେହି ଶୁଣୁ ନଥିବାର ସେ ଅଭିଯୋଗ କରିଛନ୍ତି । ବିଭାଗୀୟ କତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବହୁ ସ୍ୱେଚ୍ଛାସେବି ଅନୁରୋଧ ଜଣାଇଛନ୍ତି ।

ବେଆଇନ ବାଲି ଚୋରା ଚାଲାଣ ଉପରେ ଖଣି ବିଭାଗ ଚଢାଉ: ତିନୋଟି ଟ୍ରାକ୍ଟର ଜବତ



ବାଲିଆପାଳ , ୨୮/୧୦ (ନି.ପ୍ର): ଆକ୍ସନ ମୋଡ଼ ରେ ଖଣି ଅଧିକାରୀ ବାଲିଆପାଳ ରେ ବାଲି ଚୋରା ଚାଲାଣ ବେଳେ ଜବତ ହୋଇଛି ତିନୋଟି ଟ୍ରାକ୍ଟର । ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅସ୍ତି ଗ୍ରାମପଞ୍ଚାୟତ ବଡାପାଳ ରେ ସୁବର୍ଣ୍ଣରେଖା ନଦୀ ରେ ଡଙ୍ଗା ସାହାଯ୍ୟ ବେଆଇନ ଭାବରେ ବାଲି ଉତ୍ତୋଳନ କରି ଉଚ୍ଚସ୍ଥାନରେ ରଖି ଟ୍ରାକ୍ଟର ଯୋଗେ ବାଲି ଚୋରା ଚାଲାଣ ହେଉଥିବା ସମୟରେ ଜୁନିଅର ଖଣି ଅଧିକାରୀ ତାପସ ବେହେରା ନେତୃତ୍ୱରେ ଖଣି ଅଧିକାରୀ ଅଭିଷେକ ବେହେରା ଓ ଜଗନ୍ନାଥ ଦାସ ରେଡ୍ କରି ଥିଲେ । ଜବତ୍ ଟ୍ରାକ୍ଟର ଗୋଡି କୁ ବାଲିଆପାଳ ଥାନା ରେ ଜିମା ରଖାଯାଇଛି । ତେବେ ଏହି ଅଞ୍ଚଳ ରୁ ଦୀର୍ଘ ଦିନ ଧରି ବେଆଇନ ଭାବେ ଟ୍ରାକ୍ଟର ରେ ବେଆଇନ ଭାବେ ରେ ବାଲି ଚୋରା ଚାଲାଣ ହେଉଥିଲା । ଖଣି ଅଧିକାରୀ ତାପସ ବେହେରା ଏହି କାର୍ଯ୍ୟାନୁଷ୍ଠାନ ପରେ ବାଲିଆପାଳ ମାଫିଆ ମାନଙ୍କ ଉପରେ ପହାର କରିଛନ୍ତି ଖଣି ଅଧିକାରୀ । ଖଣି ଅଧିକାରୀ କହିଛନ୍ତି ଆଗକୁ ଏମିତି ଜୁରଦାର ଚଢ଼ାଉ ହେବ ବୋଲି ଜୁନିଅର ଖଣି ଅଧିକାରୀ ତାପସ ବେହେରା କହିଛନ୍ତି। ବାଲିଆପାଳ ରେ ବାଲି ଚୋରା ବନ୍ଦ କରି ବା ପାଇଁ ଖଣି ଅଧିକାରୀ ତାପସ ବେହେରା କହିଛନ୍ତି।

ଚଳନ୍ତା ବାଇକରେ ନିଆଁ ଲାଗି ଜଳିଗଲା ପଲସର



ବାରିପଦା , ୨୮/୧୦ (ନି.ପ୍ର): ଚଳନ୍ତା ମଟର ସାଇକେଲରେ ହଠାତ ନିଆଁ ଲାଗି ଆଖି ପିଛୁଳାକେ ବାଇକଟି ଜଳି ଯାଇଥିବା ବେଳେ, ଅଳ୍ପକେ ଚାଳକ ଜଣକ ବର୍ତ୍ତିଯାଇଥିବାର ଜଣାଯାଇଛି । ବାରିପଦା ସହରର ୨୧ ନମ୍ବର ୱାର୍ଡ ଅନ୍ତର୍ଗତ ବିଜୟରାମଚନ୍ଦ୍ରପୁର ଜୁବୁଲି ପେଟ୍ରୋଲ ପମ୍ପ ନିକଟରେ ଆଜି ସକାଳେ ଏହି ଅଘଟଣ ଘଟିଛି। ସୂଚନା ଅନୁଯାୟୀ, ବାଇକ ମାଲିକ ଚିନ୍ମୟ ମୁଖୀ ଭୁବନେଶ୍ୱର ଯିବା ପାଇଁ ସକାଳୁ ଘରୁ ବାହାରିଥିଲେ। ଜୁବୁଲି ପେଟ୍ରୋଲ ପମ୍ପକୁ ପେଟ୍ରୋଲ ପକାଇବାକୁ ଯାଉଥିବା ସମୟରେ ହଠାତ ବାଇକର ଇଞ୍ଜିନ ପାଖରୁ ଶବ୍ଦ ହେବା ସହ ନିଆଁ ଲାଗିଯାଇଥିଲା। ଚାଳକ ତୁରନ୍ତ ବାଇକରୁ ଓହ୍ଲାଇ ପଡ଼ିବା ସହ ବାଲି ପକାଇ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ତେବେ ନିଆଁ ଆୟତ୍ତକୁ ଆସିନଥିଲା। ଖବର ପାଇ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ପଲସର ୨୦୦ ବାଇକଟି ସମ୍ପୂର୍ଣ୍ଣ ଜଳି ନଷ୍ଟ ହୋଇଯାଇଥିଲା। ତେବେ ନିଆଁ ଲାଗିବାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ।

ଜୁନାଗଡ଼ କୋଟେନ ଗ୍ରାମସ୍ଥିତ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୮/୧୦ (ନି.ପ୍ର): ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବୁଧବାର କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ବ୍ଲକ ଅନ୍ତର୍ଗତ କୋଟେନ ଗ୍ରାମସ୍ଥିତ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରି ବାତ୍ୟା 'ଅର୍ଣ୍ଣବ'ର ମୁକାବିଲା ପାଇଁ ହୋଇଥିବା ପ୍ରସ୍ତୁତି, ଆଶ୍ରୟସ୍ଥଳୀର ବ୍ୟବସ୍ଥା ଏବଂ ଜନସାଧାରଣଙ୍କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ବିଷୟର ସମୀକ୍ଷା କରିଛନ୍ତି। ଏହାସହ ସେ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିବା ସହ ସମୀକ୍ଷା ବୈଠକର ଅଧକ୍ଷତା କରି ବାତ୍ୟା 'ଅର୍ଣ୍ଣବ'ର ମୁକାବିଲା ପାଇଁ ପ୍ରସ୍ତୁତି, ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ଏବଂ ଆବଶ୍ୟକୀୟ ବ୍ୟବସ୍ଥାର ତଦାରଖ କରିଥିଲେ।

ଭାଲୁ ଆକ୍ରମଣରେ ୨ ଗୁରୁତର: ଡାକ୍ତରଖାନାରେ ଭର୍ତ୍ତି

ନୀଳଗିରି , ୨୮/୧୦ (ନି.ପ୍ର): ଭାଲୁ ଆକ୍ରମଣ କରିବାରୁ ଜଣେ ଗୁରୁତରହୋଇ ନୀଳଗିରି ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ଅନ୍ୟଜଣେ ଭାଲୁ ଭୟରେ ଗଛକୁ ଚଢ଼ିଥିବା ବେଳେ ଖସପଡ଼ିବାରୁ ସେ ମଧ ଗୁରୁତର ହୋଇ ନୀଳଗିରି ମେଡିକାରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ସୂଚନା ଅନୁସାରେ ମିରିଗିଣି ଜାଉଁରି ଗ୍ରାମର ଲମ୍ବୋଦର ସିଂ (୫୦) ସକାଳେ ଶୌଚପାଇଁ ଯାଇଥିବା ବେଳେ ହଠାତ୍ ଏକ ଭାଲୁ ଅତର୍କିତ ଆକ୍ରମଣ କରିବାରୁ ତାଙ୍କର ପିଠିରେ ଗଭୀରକ୍ଷତ ହୋଇଥିବାର ଦେଖିବାକୁ ମିଳିଛି। ପରିବାର ଲୋକେ ତୁରନ୍ତ ନୀଳଗିରି ମେଡ଼ିକାଲକୁ ଆଣିଥିଲେ। ସେହିପରି ଜଡ଼ିଦା ପଂଚାୟତର ଜଗନ୍ନାଥପୁର ଯୋକନଣ୍ଡା ଗ୍ରାମର ସୁଶାନ୍ତ ପୃଷ୍ଟି (୪୫) ଫୁଲତୋଳିବାକୁ ଆସିଥିବା ବେଳେ ହଠାତ୍ ଏକ



ଭାଲୁକୁ ଦେଖି ନିକଟସ୍ଥ ଏକ ଗଛଉପରକୁ ଚଢ଼ିଯାଇଥିଲେ। ମାତ୍ର ଗଛର ଡ଼ାଳ ଭାଙ୍ଗିଯିବାରୁ ସେ ତଳେ ପଡ଼ିଯାଇଥିଲେ। ଫଳରେ ତାଙ୍କର କମରରେ ଗଭୀରଆଘାତ ଲାଗିଥିବା କାରଣରୁ ସେ ଚଳପ୍ରଚଳ କରିନପାରିବାରୁ ପରିବାର ଲୋକେ ତୁରନ୍ତ ନୀଳଗିରି ମେଡ଼ିକାଲକୁ ଚିକିତ୍ସାପାଇଁ ଆଣିଥିଲେ। ଏବେ ଦୁଇଜଣ ଭାଲୁ କାରଣରୁ ଚିକିତ୍ସିତ ହେଉଥିବାର ଦେଖିବାକୁ ମିଳିଛି। ତେବେ ଉଭୟଙ୍କୁ ବନବିଭାଗ ପକ୍ଷରୁ ସହାୟତା ପ୍ରଦାନକରିବାପାଇଁ ପରିବାର ଲୋକେ ଦାବୀ କରିଛନ୍ତି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida